ଉତ୍ତରପୂର୍ବ ଭାରତରେ ଥିବା ମୋନପା ଜନଜାତି ସମ୍ପ୍ରଦାୟରେ ମୃତବ୍ୟକ୍ତିଙ୍କ ଶରୀରକୁ ୧୦୮ ଖଣ୍ଡ କରି ମାଛ ଖାଇବା ଲାଗି ନଦୀରେ ଫିଙ୍ଗିଦିଆଯାଉଛି। ଏହିପରି ଭାବେ ଭାରତରେଅନ୍ତିମସଂସ୍କାରସ୍ମାରକକୁଅନୁଧ୍ୟାନକଲେଜଣାଯାଏ, ଦେଶରେ ବିବିଧ ଧର୍ମୀୟ ପରମ୍ପରା ଓ ବିଶ୍ୱାସ ଭରି ରହିଛି।

-devduttofficial@gmail.com

# ମାନବ ଜୀବନର ପରିଭାଷା



ଡ. ସାରଦା ପ୍ରସାଦ କର

ଶାସ୍ତ୍ର ପ୍ରମାଣ କରେ ଯେ ମାନବ ଜନ୍ମକୁ ସାର୍ଥକ କରିବାକୁ ହେଲେ ମନୁଷ୍ୟତ୍ୱ, ମୁମୁକ୍ଷତ୍ୱ ଓ ମହାପୁରୁଷଙ୍କ ସାନ୍ନିଧ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ମନୁଷ୍ୟତ୍ୱ କେବଳ ମହାପ୍ରଭୁଙ୍କ ଅନୁଗ୍ରହ ବଳରେ ମିଳେ। ହେଲେ ଏବେ ମଣିଷପଣିଆର ଘୋର ଅଭାବ। ଆଜିର ମଣିଷ ନଶ୍ୱରତା ପଛରେ ଗୋଡ଼ାଇ,'ମୋର' 'ତୋର' ବିବାଦରେ ଛନ୍ଦିହୋଇ ଜୀବନର ମହାର୍ଘ ମୂଲ୍ୟବୋଧକୁ ମଳିନ କରିଦେଉଛି। ମନେପଡ଼ିଯାଏ ପଞ୍ଜାବ କେଶରୀ ରଣଜିତ୍ ସିଂହଙ୍କ କଥା। ସେଦିନ ବୀର ରଣଜିତ୍ ସିଂହ ଅଶ୍ୱ ଝପଟାଇ ଯାଉଥିବା ବେଳେ ହଠାତ୍ କାହୁଁ ଟେକାଟାଏ ଆସି ତାଙ୍କ କପାଳରେ ବାଜନ୍ତେ ଧାର ଧାର ରକ୍ତର ଶ୍ରାବଣୀ ଛୁଟିଲା। ସୈନ୍ୟ ସାମନ୍ତ ଚତୁର୍ଦ୍ଦିଗକୁ ଖେଦିଗଲେ ଅପରାଧୀକୁ ଧରିବା ପାଇଁ। ଶେଷରେ ଜୀର୍ଣ୍ଣଶୀର୍ଣ୍ଣ ନାରୀ ମୂର୍ତ୍ତିଟିଏ ନିଜ ଉପାସିଆ ଆଖିରୁ ନିଗିଡି ପଡୁଥିବା ତତଲା ଲୁହକୁ ଓଠ କୋଣରେ ଚାପିଧରି ହାତଯୋଡି ଆସି କହିଲା – ହେ ଦଣ୍ଡଧାରୀ! ମୁଁ ହିଁ ସେହି ଅପରାଧୀ। ଚାରିଦିନ ହେଲା ଭୋକିଲା ମୁଁ। ମୋ ପିଲାମାନଙ୍କର 'ହା ଅନ୍ନ' 'ହା ଅନ୍ନ' ଚିତ୍କାର ମୁଁ ସହିପାରିଲିନି। କଣ୍ଟାଗଛକୁ ଟେକାଟାଏ ମାରୁଥିଲି ଫଳଟିଏ ପାଇବି ବୋଲି କିନ୍ତୁ ମୋ କର୍ମଫଳ ଏଡ଼େ ମନ୍ଦ ଯେ ତାହ ଆପଣଙ୍କ କପାଳରେ ଯାଇ ବାଜିଲା। ମୋ ଭୁଲ୍ ପାଇଁ ମତେ ମୃତ୍ୟୁଦଣ୍ଡ ଦିଅନ୍ତୁ ମନା ନାହିଁ କିନ୍ତୁ ମୋ ପିଲାଙ୍କ ତୁଣ୍ଡରେ ଆଗ ଦି' ମୁଠା ଆହାର ଭରି ଦିଅନ୍ତୁ। ଏହି କଥା ପଦକରେ ସେଦିନ ମିଳେଇ ଯାଇଥିଲା ରାଜାଙ୍କର ପଦ, ପ୍ରତିଷ୍ଠାର ଅଭିମାନ। ଉଛୁଳି ପଡ଼ିଥିଲା ମଣିଷପଣିଆ। ରାଜା କହିଲେ – ମା'ଲୋ! କଣ୍ଟାଗଛକୁ ଟେକାଟାଏ ପକାଇଲେ ସେ ଯଦି 'ଫଳଟିଏ ଦେଇପାରୁଛି ମୁଁ ପରା କିରୀଟ ପିନ୍ଧିଛି। ତୋର କ୍ଷୁଧାକୁ ଯଦି ମୁଁ ବୁଝି ନ ପାରିଲି ତେବେ ଏ ସମାଜ ମତେ ଆଉ ରାଜା ବୋଲି କହିବ ତ? ଏହା ହିଁ ମଣିଷପଣିଆର ସଜଳ ଉଦାହରଣ।

ଦ୍ୱିତୀୟଟି ହେଉଛି ମୁମୁକ୍ଷତ୍ୱ ବା ମୁକ୍ତି ପାଇବାର ଇଚ୍ଛା। ଜୀବ ତ ସ୍ୱରୂପରେ ମୁକ୍ତ କିନ୍ତୁ ଜାଣି ଜାଣି ସେ ବନ୍ଧନକୁ ନିମନ୍ତ୍ରଣ କରୁଛି। ମାୟାକୁ ନିଜେ ଜାବୁଡି ଧରିଛି । ଏଥିରେ ଦୋଷ କାହାର? ଗୁରୁ ଯେତେ ପଢ଼ାଇଲେ ମଧ୍ୟ ଶିଷ୍ୟର ଯଦି ପଢ଼ିବା ପାଇଁ ଇଚ୍ଛା ନାହିଁ, ବୈଦ୍ୟ ଯେତେ ଔଷଧ ଦେଲେ ମଧ୍ୟ ରୋଗୀର ଯଦି ପଥି ଖାଇବାକୁ ଇଚ୍ଛାନାହିଁ ତେବେ କଲ୍ୟାଣ କାହିଁ? ଠିକ୍ ସେହିପରି ଜୀବ ମନରେ ଯେ ପର୍ଯ୍ୟନ୍ତ ମୁକ୍ତ ହେବାର ଇଚ୍ଛା ପ୍ରକଟ ନ ହୋଇଛି ସେ ପର୍ଯ୍ୟନ୍ତ ନିର୍ବାଣ କାହିଁ? ଛୋଟବେଳୁ ଆମେ ପିଲାକୁ ଶିଖାଇଲୁ ଯେ ପାଞ୍ଚଟଙ୍କା ହେଲେ ଚକୋଲେଟ୍ ମିଳେ, ୫୦ ଟଙ୍କା ହେଲେ ଖେଳଣା ମିଳେ, ୫୦୦୦ ହେଲେ ସାଇକେଲ ଓ ୫ଲକ୍ଷ ଟଙ୍କା ହେଲେ କାର୍ କିଣି ସେଥିରେ ବସିହୁଏ। କିନ୍ତୁ ଥରୁଟିଏ ଆମେ ପିଲାକୁ ଶିଖାଇଲୁ ନାହିଁ ଯେ କେତେ ଧନ ହେଲେ ପରମାତ୍ମାଙ୍କ କୋଳରେ ବସିହୁଏ ବୋଲି। ଭୁଲ୍ ଆମର ନା ପିଲାର? ପିଲାଟିଦିନରୁ ତା'ର ପଇସା ପ୍ରତି ପ୍ରେମ ନ ହୋଇ ଯଦି ପରମାତ୍ମାଙ୍କ ପ୍ରତି ପ୍ରେମ ହୋଇଥାନ୍ତା ତେବେ ଜୀବନ ପରିବର୍ତ୍ତନ ହୋଇ ନ ଥାନ୍ତା କି? ଏହି ତତ୍ତ୍ୱକୁ ସେଦିନ କପିଳବସ୍ତୁର ରାଜକୁମାର ସିଦ୍ଧାର୍ଥ ଜାଣିଗଲେ ବୋଲି ଘର, ପରିବାରର ମୋହକୁ ମାରିଦେଇ ଆଗେଇ ଚାଲିଲେ ଏକ ଅନିର୍ବାଣ ଦୀପଶିଖା ସନ୍ଧାନରେ। ଏହି ମର୍ମକୁ ବୁଝିଥିଲେ ବୋଲି ଆଦି ଶଙ୍କରାଚାର୍ଯ୍ୟ ଗାଇ ଉଠିଲେ – ଚିଦାନନ୍ଦ ରୂପଃ ଶିବୋଽହଂ ଶିବୋଽହଂ। ଏହି ମୁମୁକ୍ଷା ହିଁ ଦୁର୍ଲ୍ଲଭ।

ତୃତୀୟଟି ହେଉଛି ମହାପୁରୁଷ ବା ସନ୍ଥଙ୍କର ସାନ୍ନିଧ। ସନ୍ଥଙ୍କ ସାନ୍ନିଧ ଜୀବାତ୍ମାକୁ ଜୀବନ୍ୟାସ କରି ଦେଇପାରେ; ଭସ୍ମକୁ ବିଭୂତି କରିପାରେ। ମନ୍ଦିରରେ ଥିବା ପଥର ଯଦି ଶ୍ରଦ୍ଧା ଭାବ ଯୋଗୁ ଭଗବାନ ହୋଇପାରନ୍ତି ତେବେ ସନ୍ଥଙ୍କ ପ୍ରତି ଶ୍ରଦ୍ଧା ଓ ସାନ୍ନିଧ ରହିଲେ ଜଣେ ଭଲ ମଣିଷ ହୋଇପାରିବନି କାହିଁକି? ଆଜିର ଅଙ୍ଗୁଳିମାଳ ଭିତରେ ବି ଭରି ରହିଛି ଆସନ୍ତାକାଲିର ବୌଦ୍ଧ ଭିକ୍ଷୁର କୋଟି ସମ୍ଭାବନା। ଆଜିର ଦସ୍ୟୁ ରତ୍ନାକର ଭିତରେ ଉଙ୍କି ମାରୁଛି ମହର୍ଷି ବାଲ୍ମୀକଙ୍କର ସାତ୍ତ୍ୱିକ ଉତ୍ତରଣ। ଆଜିର ରକ୍ତମୁଖା ଚଣ୍ଡାଶୋକ ହୋଇପାରନ୍ତି ଆସନ୍ତାକାଲିର ଧର୍ମାଶୋକ। ଏହା ପ୍ରମାଣ କରିଦିଏ ଯେ ସନ୍ଥଙ୍କର ସାନ୍ନିଧ ସନ୍ତ୍ରାସକୁ ସନ୍ନ୍ୟାସରେ ଘଟାନ୍ତର କରିପାରେ। ତେଣୁ ଆମ ଜୀବନରେ ମଧ୍ୟ ଏହି ଦୁର୍ଲ୍ଲଭ ଗୁଣଗୁଡ଼ିକର ଉତରଣ ଘଟୁ।

**ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ**
**ମୋ: ୯୪୩୭୧୧୩୧୬୨**

## ଏଇ ଭାରତରେ

ଗୁରୁଗ୍ରାମର ୧୭ ବର୍ଷୀୟ ଆର୍ଯ୍ୟନ ଛୋପ୍ରା ଗ୍ରାମାଞ୍ଚଳରେ ଡିଜେଲଚାଳିତ ଅଟାକଳକୁ ସୌରଶକ୍ତି ଦ୍ୱାରା ଚଳାଇବାରେ ପ୍ରମୁଖ ଭୂମିକା ନେଉଛନ୍ତି। ଏଥିଯୋଗୁ ସେ ଡିଜେଲ ବ୍ୟବହାର କମାଇବା ସହ ପ୍ରଦୂଷଣ ରୋକିବାରେ ସକ୍ଷମ ହୋଇଛନ୍ତି। 'ପ୍ରୋଜେକ୍ଟ ସୂର୍ଯ୍ୟ ଚକ୍ର' ମାଧ୍ୟମରେ ସେ ଏହି କାମ କରୁଛନ୍ତି। ତାଙ୍କର ଏହି ପଦକ୍ଷେପ ଯୋଗୁ ମିଲ୍ ମାଲିକମାନେ ମାସକୁ ପାଖାପାଖି ୨୫,୦୦୦ ଟଙ୍କା ବିଦ୍ୟୁତ୍ ବିଲ୍ ବାବଦ ଅର୍ଥ ବଞ୍ଚାଇ ପାରୁଛନ୍ତି। ଆର୍ଯ୍ୟନଙ୍କ ଜନ୍ମ ଗୁରୁଗ୍ରାମରେ। ସେଠାରେ ସେ ପଢ଼ିଛନ୍ତି। ତାଙ୍କ ପୈତୃକ ଗ୍ରାମ ହିମାଚଳ ପ୍ରଦେଶକୁ ଯାଇଥିବାବେଳେ ସେ ସେଠାରେ ଡିଜେଲଚାଳିତ ଅଟାକଳ ଦେଖିଥିଲେ। ସେସବୁ କିଭଳି ସୌରଶକ୍ତି ଦ୍ୱାରା ଚାଲିବ ସେନେଇ ଯୋଜନା କରିଥିଲେ। ପରେ ସେ ସୋଲାର ପ୍ୟାନେଲ ବସାଇବା ଲାଗି ଲୋନ୍ ଦେଉଥିବା ମେଟାଫିନ୍ ନାମକ ଏକ ନନ୍‌ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ ସହ ଯୋଗାଯୋଗ କରି ଜୁଲାଇ ୨୦୨୪ରେ କଳଗୁଡ଼ିକୁ ସୌରଶକ୍ତିରେ ଚଳାଇବା ଆରମ୍ଭ କରିଥିଲେ। ସେଥିରେ ସଫଳ ହେବା ପରେ ସେ ଉତ୍ତରପ୍ରଦେଶ ବାରାଣସୀର ଗ୍ରାମାଞ୍ଚଳରେ ଏବେସୁଦ୍ଧା ୧୫ଟି ଡିଜେଲଚାଳିତ ଅଟାମିଲ୍‌କୁ ସୌରଶକ୍ତିରେ ଚଳାଇ ପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୭ ଅଗଷ୍ଟ ୧୯୭୬**

- କେରଳ, କର୍ନାଟକ, ଗୋଆ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶରେ ନଡ଼ିଆ ଚାଷର ବିକାଶ ନିମନ୍ତେ କେନ୍ଦ୍ର କୃଷି ଓ ଜଳସେଚନ ମନ୍ତ୍ରଣାଳୟ ପକ୍ଷରୁ ୩୦ ଲକ୍ଷ ଟଙ୍କା ମଞ୍ଜୁର।
- ସୋସିଆଲିଷ୍ଟ ୟୁନିଟ ସେଣ୍ଟରର ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ ଶିବଦାସ ଘୋଷଙ୍କ ୫୫ ବର୍ଷ ବୟସରେ ପରଲୋକ।
- ଘୋର ଅର୍ଥନୈତିକ ମାନ୍ଦାବସ୍ଥା ହେତୁ ଚିଲିରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକ ବେକାର।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | | | | |
| | | | | | 1 | | 9 | |
| | | | | 4 | | 1 | | |
| 1 | | | | | 7 | | 4 | 2 |
| | | 9 | | | | 8 | 6 | |
| 8 | | 4 | | | 2 | | | |
| | | 2 | 5 | | | 3 | | |
| | | 8 | | | | 9 | | 6 |
| 4 | 3 | | | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 9 | 3 | 1 | 6 | 2 | 8 | 4 |
| 1 | 2 | 8 | 5 | 7 | 4 | 9 | 3 | 6 |
| 4 | 3 | 6 | 9 | 2 | 8 | 1 | 7 | 5 |
| 3 | 4 | 1 | 7 | 6 | 2 | 8 | 5 | 9 |
| 9 | 8 | 7 | 4 | 5 | 3 | 6 | 2 | 1 |
| 5 | 6 | 2 | 8 | 9 | 1 | 3 | 4 | 7 |
| 8 | 9 | 4 | 1 | 3 | 5 | 7 | 6 | 2 |
| 2 | 1 | 3 | 6 | 4 | 7 | 5 | 9 | 8 |
| 6 | 7 | 5 | 2 | 8 | 9 | 4 | 1 | 3 |

ଗତକାଲିର ଉତ୍ତର

# ନାରୀ ନିର୍ଯ୍ୟାତନା ବଢୁଛି କାହିଁକି



ବିଚିତ୍ର ବିଶାଳ

ନାରୀ ସୁରକ୍ଷା ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସଫଳତା କି ବିଫଳତା, ଦକ୍ଷତା କି ଦୁର୍ବଳତାରେ ସୀମିତ ନୁହେଁ । ଏହା ହେଉଛି ସମଗ୍ର ବ୍ୟବସ୍ଥାର ଏକ ପ୍ରସଙ୍ଗ। ମାନବ ଅଧିକାର ତଥା ମଣିଷର ବଞ୍ଚି ରହିବା ଅଧିକାରର ପ୍ରସଙ୍ଗ। ନାରୀଙ୍କ ଉପରେ ହେଉଥିବା ଅତ୍ୟାଚାର କେବଳ କୌଣସି ଦଳର ଅପାରଗ ଶାସନ ଯୋଗୁ ଘଟୁଛି ବୋଲି କହିବା ସତ୍ୟର ଅପଳାପ ହେବ। କାରଣ ଆମ ଦେଶରେ ଓ ରାଜ୍ୟଗୁଡ଼ିକରେ, ପ୍ରତ୍ୟେକ ଦଳର ଶାସନକାଳ, ନାରୀଙ୍କ ଉପରେ ଅତ୍ୟାଚାରର ଘଟଣାରେ ପରିପୂର୍ଣ୍ଣ। ଅବଶ୍ୟ ଦକ୍ଷ ଶାସନ ଓ ଆଇନ ଶୃଙ୍ଖଳା ଦ୍ୱାରା ବଳାତ୍କାର, ହତ୍ୟା, ନିର୍ଯ୍ୟାତନା ଆଦି ଘଟଣାର ତଦନ୍ତ ଏବଂ ଦୋଷୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନର ବେଗ ଦ୍ରୁତ କରାଯାଇ ପାରିବ।

ସଂପ୍ରତି ନାରୀ ସୁରକ୍ଷା ପ୍ରଶ୍ନକୁ ନେଇ ଆମ ରାଜ୍ୟ ଓଡ଼ିଶା ସାରା ଦେଶରେ ଚର୍ଚ୍ଚାରେ ଅଛି। ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ପ୍ରତି ନିର୍ଯ୍ୟାତନା ଓ ପରେ ପରେ ନ୍ୟାୟ ନ ପାଇବାରୁ ହତାଶ ହୋଇ ତାଙ୍କ ଆତ୍ମହତ୍ୟା ଘଟଣା, ପୁରୀ ଜିଲାର ବଳଙ୍ଗାରେ ଜଣେ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ଜୀବନ୍ତ ଜାଳିଦେବା ଘଟଣା ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ଆଙ୍କିଛି। ଏହିପରି ଆହୁରି ଅନେକ ଘଟଣା ପ୍ରତ୍ୟେକ ଦିନ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି। ଏହା ଯେ, କେବଳ ଓଡ଼ିଶାର ପରିସ୍ଥିତି ତା' ନୁହେଁ, ଭାରତର ପ୍ରତ୍ୟେକ ରାଜ୍ୟରେ ନାରୀମାନଙ୍କର ପରିସ୍ଥିତି ପ୍ରାୟ ଏହିପରି। ନାରୀଙ୍କ ଉପରେ ଅତ୍ୟାଚାର ଆମ ଦେଶରେ ଏକ ସହଜ ଅପରାଧ ହୋଇଯାଇଛି। ପଶ୍ଚିମବଙ୍ଗର ଆର.ଜି. କର ମେଡିକାଲ କଲେଜ ଡାକ୍ତରୀ ଛାତ୍ରୀ ବଳାତ୍କାର ଘଟଣା (ଯେଉଁ ଘଟଣାକୁ ନେଇ ସାରା ଦେଶରେ ଆଲୋଡନ ହୋଇଥିଲା) ମନରୁ ଲିଭିବା ପୂର୍ବରୁ ସେଠାରେ ପୁଣି ଏକ ଘଟଣା ଘଟିବା ଆମ ଦେଶରେ ନାରୀଙ୍କ ସାମଗ୍ରିକ ଅବସ୍ଥାକୁ ବର୍ଣ୍ଣନା କରୁଛି।

ଓଡ଼ିଶାର ଘଟଣାକୁ ଆଖି ପକେଇଲେ, ବାଲେଶ୍ୱରର ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ ବ୍ୟବସ୍ଥାର ପ୍ରତ୍ୟେକ ଦୁଆର ଠକ ଠକ କରିଥିଲେ। ଥାନା ଠୁ ନେଇ ନେତା, ମନ୍ତ୍ରୀ, ଉପରିସ୍ଥ ଅଧିକାରୀ ସମସ୍ତଙ୍କ ପାଖରେ ସେ ପହଞ୍ଚି ଥିଲେ। ତଥାପି ତାଙ୍କ ସ୍ୱର ବ୍ୟବସ୍ଥାର କାନରେ ପଡ଼ିଲା ନାହିଁ। ଆମ ପାଖରେ ପୂରା ଶାସନ ବ୍ୟବସ୍ଥା ଥିଲା। କିନ୍ତୁ ଝିଅଟିର ଜୀବନ ବଞ୍ଚିପାରିଲା ନାହିଁ। ଆମ ପୂରା ବ୍ୟବସ୍ଥା କ'ଣ ଏତେ ଅକ୍ଷମ? ଏହି ଘଟଣାରେ କେବଳ କେଉଁ ନେତା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ପ୍ରୟାସର ଅଭାବକୁ ରେଖାଙ୍କିତ ନ କରି ସମଗ୍ର ବ୍ୟବସ୍ଥାର ତ୍ରୁଟିକୁ ଉଜାଗର କରିବାର ଆବଶ୍ୟକତା ରହିଛି। ତା'ହେଲେ ଭବିଷ୍ୟତରେ ଏପରି ଘଟଣା କମ୍ ହୋଇପାରେ। ଜଣେ ପୀଡ଼ିତାଙ୍କ ଅଭିଯୋଗକୁ ଥାନା, କଲେଜ ପ୍ରଶାସନ ଏତେ ହାଲୁକାରେ ନେବେ କାହିଁକି? ତାଙ୍କ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ନାହିଁ କାହିଁକି? ଏଠି ବ୍ୟକ୍ତିଗତ ସକ୍ରିୟତା ଅପେକ୍ଷା ନାରୀ ନିର୍ଯ୍ୟାତନା ଘଟଣାକୁ ନେଇ ବ୍ୟବସ୍ଥାର ସକ୍ରିୟତା ଅଧିକ ଆଶା କରାଯାଏ। ଏହା ନାରୀ ସୁରକ୍ଷାକୁ ନେଇ ସମାଜର ନିଷ୍କ୍ରିୟତାକୁ ବି ପ୍ରଶ୍ନ କରୁଛି। ଆମ ପୁରୁଷ ପ୍ରଧାନ ସମାଜରେ ନାରୀ ନିର୍ଯ୍ୟାତନା (ବଳାତ୍କାର, ଯୌନ ନିର୍ଯ୍ୟାତନା, କମେଣ୍ଟ ମାରିବା, ଘରୋଇ ହିଂସା ଆଦି) ଘଟଣାରେ ଲୋକମାନେ ପ୍ରଥମେ ଅଭିଯୁକ୍ତଙ୍କ ଅପେକ୍ଷା ଅଭିଯୋଗକାରିଣୀଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖନ୍ତି। ପ୍ରଶ୍ନ ସିଧା ଅଭିଯୋଗକାରିଣୀଙ୍କ ଚରିତ୍ର ଉପରେ ଉଠେ। ଅଭିଯୁକ୍ତମାନେ ସମାଜ ଆଖିରେ ଯେତିକି ଘୃଣାର ପାତ୍ର ହୁଅନ୍ତି ଅଭିଯୋଗକାରିଣୀ ବି ସେତିକି ସନ୍ଦେହ ଓ ଘୃଣାର ଦୃଷ୍ଟିରେ ଦେଖାଯାଆନ୍ତି। ଅନେକ କ୍ଷେତ୍ରରେ ଦେଖାଯାଏ ଅଭିଯୁକ୍ତମାନେ ରାସ୍ତାରେ ଛାତି ଫୁଲେଇ ଚାଲୁଥିବା ବେଳେ ଅଭିଯୋଗକାରିଣୀ ମୁହଁ ଲୁଚେଇ ଘର କୋଣରେ ରୁହନ୍ତି। ଏପରି ପରିସ୍ଥିତି ସମାଜର ପୁରୁଷ ପ୍ରଧାନ ମାନସିକତା ହିଁ ତିଆରି କରିଥାଏ। ଏଠି ଲୋକଲଜ୍ଜାରେ ଅଭିଯୁକ୍ତ ଆତ୍ମହତ୍ୟା କରି ନ ଥାଏ, ବରଂ ଅଭିଯୋଗକାରିଣୀ ମହିଳା ଆତ୍ମହତ୍ୟା କରନ୍ତି।



ଗୋଟିଏ ପଟେ ନାରୀ ସୁରକ୍ଷାକୁ ନେଇ ବ୍ୟବସ୍ଥା ନିଷ୍କ୍ରିୟ ରହୁଥିବା ବେଳେ ପୁରୁଷପ୍ରଧାନ ସମାଜ ନାରୀ ଉପରକୁ ଆଙ୍ଗୁଠି ଉଠେଇବାରେ ଅଧିକ ସକ୍ରିୟ। ଏହା ହିଁ କ୍ରମାଗତ ଭାବେ ବଢ଼ି ଚାଲୁଥିବା ନାରୀ ନିର୍ଯ୍ୟାତନା ପଛର ଅନ୍ୟତମ ମୁଖ୍ୟ କାରଣ। ଆମ ସମାଜରେ ବଳାତ୍କାର ପରି ଜଘନ୍ୟ କାଣ୍ଡ ଘଟାଉଥିବା ଜଣେ ବଳାତ୍କାରୀର ଇଜ୍ଜତ ଯାଏ ନାହିଁ, ବଳାତ୍କୃତା ପୀଡ଼ିତାର ହିଁ ଇଜ୍ଜତ ଯାଏ। କାରଣ ପୁରୁଷପ୍ରଧାନ ସମାଜ, ନାରୀର ଶରୀରରେ ହିଁ ତା'ର ଇଜ୍ଜତ ନିହିତ ଅଛି ବୋଲି କୁହେ ଓ ପୁରୁଷକୁ ପିତ୍ତଳ ହାଣ୍ଡି ମାନ୍ୟତା ଦେଇ ମାଜିମୁଜି ଦେଲେ ସଫା ହୋଇଯିବ ବୋଲି ପ୍ରଚାର କରେ। ଏପରି କି ପୀଡ଼ିତା ନାରୀର ପରିବାର ଲୋକେ ନାରୀକୁ କାଠଗଡ଼ାରେ ଠିଆ କରାନ୍ତି। ଏତଦ୍‌ବ୍ୟତୀତ ପୁରୁଷପ୍ରଧାନ ସମାଜରେ ନାରୀକୁ କେବଳ ଏକ ଭୋଗର ସାମଗ୍ରୀ ଭାବେ ବିବେଚନା କରାଯାଏ। ନାରୀର ଭିନ୍ନ ଭିନ୍ନ ଅବସ୍ଥାରେ ପୁରୁଷକୁ ତା'ର ମାଲିକ ଭାବେ ଦର୍ଶାଯାଏ। ଏପରି ତତ୍ତ୍ୱ ଓ ବିଚାର ଗୋଟେ ଅପରାଧ ମାନସିକତାର ଯୁବକକୁନାରୀ ଉପରେଅତ୍ୟାଚାର କରିବା ଦିଗରେ ପ୍ରେରିତ କରିବାରେ ଯଥେଷ୍ଟ।

ଆମ ସମାଜରେ ବଳାତ୍କାର ପରି ଜଘନ୍ୟ କାଣ୍ଡ ପରେ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଭାବେ ନାରୀର ବେଶ ପୋଷାକ ଆଡ଼କୁ ମଧ୍ୟ ଆଙ୍ଗୁଠି ଉଠେ। ସେହିପରି ଓ ସେତିକି ଆଙ୍ଗୁଠି ଯଦି ଅଭିଯୁକ୍ତ ପୁରୁଷର ଘୃଣ୍ୟ ମାନସିକତା ପ୍ରତି ଉଠନ୍ତା ତେବେ ହୁଏତ ପରିସ୍ଥିତିରେ ଧୀରେ ଧୀରେ ସୁଧାର ଆସନ୍ତା। ଆଜି ଦେଖାଯାଉଛି ଯେ, କୌଣସି ଏକ ବଳାତ୍କାର ଘଟଣା ବହୁତ ଚର୍ଚ୍ଚିତ ହେବା ପରେ 'ସମାଜ' ଏହା ବିରୁଦ୍ଧରେ ମିଳିତ ହୋଇ ପ୍ରତିବାଦ କରିବାକୁ ଆଗେଇ ଆସୁଛି। ଦୋଷୀକୁ ତୁରନ୍ତ ଦଣ୍ଡ ଦେବା ପାଇଁ ଦାବି କରାଯାଉଛି। ଏହା ଏକ ଭଲ ଲକ୍ଷଣ। କିନ୍ତୁ ଅପରପକ୍ଷେ ସେହି ଦିନଟିକୁ ଛାଡ଼ି ଅନ୍ୟ ସମସ୍ତ ଦିନ ସେହି 'ସମାଜ' ନାରୀମାନଙ୍କୁ ପୁରୁଷର ଭୋଗ୍ୟ ବସ୍ତୁ ରୂପେ ଦେଖୁଛି ଓ ସେହିଭଳି ବ୍ୟବହାର ପ୍ରଦର୍ଶନ କରୁଛି। ଏହା ହିଁ ସମ୍ପ୍ରତି ବୃଦ୍ଧି ପାଉଥିବା ନାରୀ ନିର୍ଯ୍ୟାତନାର ମୁଖ୍ୟ କାରଣ। ସମାଜରେ ପୁରୁଷପ୍ରଧାନ ଭାବନା ଓ ନୀତିନିୟମ କମ୍ ହୋଇ ସମତାଭିତ୍ତିକ ବିଚାର ପ୍ରତିଷ୍ଠା ହୋଇପାରିଲେ ଏହି ସମସ୍ୟା ଧୀରେ ଧୀରେ କମ୍ ହେବ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

## ଚିରନ୍ତନୀ

ବଉଦ ତଳେ ଆକାଶେ ପଥେ
ବୋଇତ ଚଳେ ସାଗରେ
ଗାଗରୀ କାଖେ ନାଗରୀ ଚଳେ
ପରମ ଅନୁରାଗରେ
ପତାରେ ତାର ସ୍ୱର୍ଣ୍ଣ ତବ
ଅଞ୍ଜନ ହେ ଅଞ୍ଜନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !
–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଠୋର ଆଇନ ପ୍ରଣୟନ ହେଉ

ମହାଶୟ,

ରାଜ୍ୟରେ ବୃଦ୍ଧି ପାଉଥିବା ଅପରାଧର ନିରାକରଣ ପାଇଁ ଆଇନରେ ସଂଶୋଧନ କରାଯାଉ। ଯୌନ ଉତ୍ପୀଡ଼ନ, ହତ୍ୟାକାଣ୍ଡ କିମ୍ବା ଜଘନ୍ୟ ଅପରାଧର ଦଣ୍ଡବ୍ୟବସ୍ଥା କଠୋର ହେଉ। ଏପରି କରାଗଲେ ଶିକ୍ଷାନୁଷ୍ଠାନ ସହ ଘରୋଇ କ୍ଷେତ୍ରରେ ହିଂସାକୁ ରୋକାଯାଇପାରିବ। ସମାଜରେ ବିଶୃଙ୍ଖଳା ଆଦୌ ଗ୍ରହଣୀୟ ନୁହେଁ। ଅନ୍ୟପକ୍ଷେ ବନ୍ଦ ଡାକରା ଯୋଗୁ ରାଜସ୍ୱ କ୍ଷତି ହେଉଛି। ଅସ୍ୱାଭାବିକ ପରିସ୍ଥିତି ଯୋଗୁ ଯାତ୍ରୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ରାଜ୍ୟ ସରକାର ଆଇନକୁ କ୍ରିୟାଶୀଳ କରିବା ଆବଶ୍ୟକ। ଶାସନ ପଦ୍ଧତି ଅଧିକରୁ ଅଧିକ ଲୋକାଭିମୁଖୀ କରାଯାଉ। ଆଇନଶୃଙ୍ଖଳା ବ୍ୟାହତ ନ ହେଉ।

**–ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ସାପ କାମୁଡ଼ାରେ ଶିଶୁ ମୃତ

**ଖଡ଼ିଆଲ,୬।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ ବକଲିଖୁଣ୍ଟି ଗ୍ରାମରେ ସାପ କାମୁଡ଼ାରେ ୪ବର୍ଷର ଶିଶୁ ଦେବାଶିଷ ମାଝିଙ୍କ ମୃତ୍ୟୁ ଘଟିଛି। ମା' ଗିନତି ମାଝିଙ୍କ ସହ ଦେବାଶିଷ ତଳେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ବୁଧବାର ସକାଳେ ତାଙ୍କୁ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଜିନତିଙ୍କ ଚାରି ଝିଅ ଥିବାବେଳେ ଏକମାତ୍ର ପୁଅର ଅକାଳ ବିୟୋଗ ନେଇ ପରିବାର ଭାଙ୍ଗି ପଡ଼ିଛନ୍ତି। ଏ ନେଇ ବାପା ନରସିଂ ମାଝି ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

**ରିଷିଡ଼ା,୬।୮ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଗଜବାହାଲ ପଞ୍ଚାୟତ ଖଲିଆବନ୍ଧ ଛକ ଓ ସରକାରୀ ଉଚ୍ଚବିଦ୍ୟାଳୟ ଭାଲୁପିଆଠାରେ ଦୁଇଟି ପାନୀୟଜଳ ପ୍ରକଳ୍ପ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା କୁନି ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଦେବେନ୍ଦ୍ର କୁମାର ସାମଲ, ସରପଞ୍ଚ ଅରବିନ୍ଦ ଗହୀର ଯୋଗଦେଇଥିଲେ।



ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ପାଣି ଅଭାବରୁ ଧାନଗଛ ହଳଦିଆ ପଡ଼ିଗଲାଣି।

# ଶ୍ରାବଣରେ ବୈଶାଖ ତାତି, ଜମି ଫାଟି ଆଁ

**ଗୋଲାମୁଣ୍ଡା,୬।୮ (ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ବର୍ତ୍ତମାନ ଶ୍ରାବଣ ମାସରେ ବୈଶାଖର ତାତି ଅନୁଭୂତ ହେଉଛି। ଏଥିଯୋଗୁ ଧାନଜମି ଫାଟି ଆଁ କରିଥିବା ବେଳେ ମରୁଡ଼ି ଆଶଙ୍କାରେ ଚାଷୀ ଚିନ୍ତାରେ ଅଛନ୍ତି। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ

**ମରୁଡ଼ି ଆଶଙ୍କାରେ ଚାଷୀ**

ଯୋଗୁ ବ୍ଲକରେ ଧାନଚାଷ କାର୍ଯ୍ୟ ପଛେଇଯାଇଥିଲା। ଜୁଲାଇ ମାସ ଆରମ୍ଭରେ ମଧ୍ୟମ ଧରଣର ବର୍ଷା ଯୋଗୁ ଚାଷୀ ରୁଆବେଉଷଣ କାର୍ଯ୍ୟ କରିଥିଲେ। ବ୍ଲକର ୪୦ ପ୍ରତିଶତ ଅଞ୍ଚଳରେ ରୁଆବେଉଷଣ କାର୍ଯ୍ୟ ସରିଯାଇଥିବା ବେଳେ ବର୍ଷା ଉଭାନ ହୋଇଯାଇଥିବାରୁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ସେପଟେ ଜମିରେ ଚାଷକାର୍ଯ୍ୟ ହୋଇଛି ପାଣି ଅଭାବରୁ ଉକ୍ତ ଜମି ଫାଟି ଆଁ କଲାଣି। ମିଳିଥିବା ସୂଚନା ଅନୁଯାୟୀ ବ୍ଲକର ୨୮ ପଞ୍ଚାୟତରେ ଆବଶ୍ୟକଠାରୁ କମ୍ ବର୍ଷା ହୋଇଛି। କେତେକ ଅଞ୍ଚଳରେ ଧାନଚାଷ ଖରା ଯୋଗୁ ଶୁଖିବାକୁ ବସିଲାଣି। ଜମିରେ ରୁଆ ହୋଇଥିବା ଧାନ ଓ ବୁଣା ଧାନ ମଧ୍ୟ ପାଣି ଅଭାବରୁ ଉଧେଇପାରୁନାହିଁ। ଚଳିତବର୍ଷ ନଦୀ, ନାଳ ଓ ଡ୍ୟାମରେ ମଧ୍ୟ ଜଳସ୍ତର କମ୍ ରହିଛି, ଯାହା ଚାଷୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଆଗାମୀ ୧ ସପ୍ତାହ ମଧ୍ୟରେ ଠିକ୍ ପରିମାଣରେ ବର୍ଷା ନ ହେଲେ ମରୁଡ଼ିର ସମ୍ମୁଖୀନ ହେବେ ବୋଲି ଚାଷୀ ମହଲରେ ଚର୍ଚ୍ଚା ଚାଲିଛି।

## ବୃହତ୍ ଉଠାଜଳସେଚନ ପ୍ରକଳ୍ପରୁ ଚାଷୀଙ୍କୁ ମିଳୁନି ପାଣି

**ଗୋଲାମୁଣ୍ଡା,୬।୮ (ବଟକୃଷ୍ଣ ପଣ୍ଡା)**

ଗୋଲାମୁଣ୍ଡା ବ୍ଲକ ଉଦନ୍ତି ନଦୀ କୂଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ପାଚେରିଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପରୁ ବର୍ଷକୁ ଦୁଇଥର ଚଟ୍ଟିଆ, ଗୁରେଲଡା, ସାନଚେରେଗାଁ, ଖଣ୍ଡିଆପାଲି, ବାଞ୍ଜିପଦର, ଚିଙ୍ଗିପଦର ଅଞ୍ଚଳର ଚାଷଜମିରେ ପାଣି ଯୋଗାଣ ହେବା କଥା। ଚଳିତବର୍ଷ ବ୍ଲକରେ କମ୍ ବୃଷ୍ଟିପାତ ଯୋଗୁ ଚାଷଜମିରେ ପାଣି ନିଅଣ୍ଟ ହେଉଛି। ଏପରି ସମୟରେ ଉକ୍ତ ପ୍ରକଳ୍ପରୁ ଚାଷୀ ନିଜ ଜମିକୁ ପାଣି ମଉାଇବାକୁ ଚାହୁଁଥିଲେ ମଧ୍ୟ ପାଣି ମିଳୁ ନ ଥିବା ଚଟ୍ଟିଆ ଗ୍ରାମର ଚାଷୀ ଅଭିଯୋଗ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଗତବର୍ଷ ସୀମିତି ସମୟ ପାଇଁ ଚାଷୀଙ୍କୁ ପାଣି ଯୋଗାଣ ହୋଇଥିଲା। କିନ୍ତୁ ଚଳିତ ବର୍ଷ ଚାଷୀଙ୍କୁ ପାଣି ମିଳି ପାରିନାହିଁ। ଏ ସମ୍ପର୍କରେ ଉକ୍ତ ପ୍ରକଳ୍ପରେ କାର୍ଯ୍ୟରତ କର୍ମଚାରୀଙ୍କୁ ପଚାରିଲେ ନଦୀରେ ଜଳସ୍ତର କମ୍ ଥିବାରୁ ପ୍ରକଳ୍ପକୁ ପାଣି ଉଠାଇ ପାରୁନାହିଁ, ଏଣୁ ଚାଷୀଙ୍କୁ ପାଣି ଯୋଗାଣ ହୋଇ ପାରୁନାହିଁ ବୋଲି ପ୍ରକାଶ କରିଥିଲେ। ଏ ଦିଗରେ ଜଳ ସମ୍ପଦ ବିଭାଗ ଦୃଷ୍ଟିଦେଇ ଯଥାଶୀଘ୍ର ଚାଷ ଜମିକୁ ପାଣି ଯୋଗାଇଦେବାକୁ ଚଟ୍ଟିଆ ଅଞ୍ଚଳର ଚାଷୀ ସୁଶୀଳ ଦାସ, ଚିତ୍ତରଞ୍ଜନ ଦାସ, ପ୍ରସନ୍ନ ଦାସ, ବିଭୂତି ମାଝୀ, ରେଭେନ୍ଦ୍ର ମାଝୀ, ଭୁବନେ ମାଝୀ, ମାରୁତି ମହେର, ସହଦେବ ଦାଶ, ରଶ୍ମିମଣି ଦାସ ପ୍ରମୁଖ ଦାବି କରିଛନ୍ତି। ଆଗାମୀ ୧ ସପ୍ତାହ ମଧ୍ୟରେ ଜମିକୁ ପାଣି ଯୋଗାଣ ନ ହେଲେ ପ୍ରକଳ୍ପରେ ତାଲା ମାରି ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

## ଆଶ୍ରମ ବିଦ୍ୟାଳୟ ସମସ୍ୟା, ୧୧ରୁ ଧାରଣା

**ନୂଆପଡ଼ା,୬।୮ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଜରଗଡ ପଞ୍ଚାୟତ ସାହାଜଟ ଆଶ୍ରମ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ଆସନ୍ତା ୧୧ତାରିଖରୁ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୧୭ ଜୁଲାଇ ରାତିରେ ଅଷ୍ଟମ ଶ୍ରେଣୀର ଜଣ ଆଦିବାସୀ ଛାତ୍ର ଅଶ୍ୱିନୀ ଦାସ ବନଛୋର (୧୪)ଙ୍କ ମୃତ୍ୟୁ ରହସ୍ୟଘେରରେ ରହିଛି। ଏହି ଘଟଣାରେ ପୋଲିସର ତଦନ୍ତ ବାଟବଣା ହୋଇଛି। ପ୍ରଶାସନ କେବଳ କିଛି ଶିକ୍ଷକଙ୍କୁ ନିଲମ୍ବିତ କରିବା ସହ ଅନ୍ୟ ଜେରେରେଣଙ୍କୁ ବଦଳି କରି ତାଙ୍କ କାମ ସାରିଦେଇଛନ୍ତି। ଏହାଛଡ଼ା ଅନ୍ୟ କେତେକ ସମସ୍ୟା ଉପରେ ଗ୍ରାମବାସୀ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ସମାଧାନ ହୋଇ ନାହିଁ। ଏହାକୁ ନେଇ ଗ୍ରାମବାସୀ, ଅଭିଭାବକ ଓ ଆଦିବାସୀ କଲ୍ୟାଣ ସଂଘ ଆସନ୍ତା ୧୧ରୁ ଆଶ୍ରମ ବିଦ୍ୟାଳୟ ଗେଟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିବେ। ଏ ନେଇ ଜିଲାପାଳ, ଜିଲା ମଙ୍ଗଳ ଅଧିକାରୀ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଭାବରେ ଜଣାଇଛନ୍ତି।



ଆନ୍ତର୍ଜାତୀୟ ଆଲୋଚନାଚକ୍ରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତୀୟ ଆଲୋଚନାଚକ୍ର

**ଭବାନୀପାଟଣା,୬।୮ (ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଭାଗରେ ଆନ୍ତର୍ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମେରିକାରୁ ଆସିଥିବା ବୈଜ୍ଞାନିକ ଡ. ରୀତି ବେହେରା ଯୋଗଦେଇ କର୍କଟ ରୋଗର ବୈଜ୍ଞାନିକ କାରଣ ଓ ନିରାକରଣ ତଥା ଏଥିପ୍ରତି ସଜାଗ ରହିବାର ବିଭିନ୍ନ ଉପାୟ ବତାଇଥିଲେ। ଆଲୋଚନାଚକ୍ରରେ ପ୍ରାଣୀବିଜ୍ଞାନ ବିଭାଗର ଶହେରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମା' ମାଣିକେଶ୍ୱରୀ ବିଶବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରି ବର୍ତ୍ତମାନ ସମୟରେ କର୍କଟ ରୋଗ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି, ତେଣୁ ଆମେ ସମସ୍ତେ ନିଜର ବାହ୍ୟ ଯତ୍ନ ସହିତ ନିଜର ଜୀବନ ଶୈଳୀ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି କହିଥିଲେ। ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁବ୍ରତ କୁମାର ପାଣଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ସହକାରୀ ଅଧ୍ୟାପକ ଡ. ମୁନତାଜ ଖାଁ ସ୍ୱାଗତ ଭାଷଣ ପ୍ରଦାନ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଘନଶ୍ୟାମ ବେହେରା ଓ ପ୍ରାଣୀ ବିଜ୍ଞାନ ବିଭାଗର ଅର୍ପିତା ନାୟକ, ବର୍ଷା ବୈଶାଖୀ ସାହୁ, ରଞ୍ଜିତା କାଣ୍ଡି ଉପସ୍ଥିତ ଥିଲେ।

## ଡିଜିପିଙ୍କ ଉଦ୍ଦେଶ୍ୟରେ ବିଜୁ ଯୁବ ଛାତ୍ର ଜନତା ଦଳର ଦାବିପତ୍ର

**କେସିଙ୍ଗା,୬।୮(ତୁମେଶ୍ୱର ସାହୁ):** ବିଜୁ ଯୁବ ଛାତ୍ର ଜନତା ଦଳ କଳାହାଣ୍ଡି ଜିଲା କେସିଙ୍ଗା ଶାଖା ପକ୍ଷରୁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଥାନା ଆଇଆଇସିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସହରସ୍ଥିତ ଆମ୍ବେଡକର ଛକଠାରୁ କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ରାଜ୍ୟରେ ଛାତ୍ରୀ ଓ ମହିଳା ଅସୁରକ୍ଷିତ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଆଦି ବିଷୟରେ ଗର୍ଜିଥିଲେ। ପରିଶେଷରେ କେସିଙ୍ଗା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ଅବିନାଶ ଠାକୁର, ଉପସଭାପତି ମଣ୍ଟୁ ନାଏକ, କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ, ଉପାଧ୍ୟକ୍ଷା ସରସ୍ୱତୀ ସାହା, ଯୁବ ସଂଗଠକ ଶିଲୁ ପରିଡା, ଜିଲା ଛାତ୍ର ବିଜେଡି ସଭାପତି ଅର୍ଜୁନ ସାହୁ, କେସିଙ୍ଗା ଟାଉନ ଛାତ୍ର ସଭାପତି ସ୍ୱାଗତ ମାଝୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଆସ ସ୍କୁଲ ଯିବାକୁ ନେଇ ବୈଠକ

**ଖଡ଼ିଆଲ,୬।୮ (ସୁଜିତ କୁମାର ପ୍ରଧାନ):**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଗୋଇମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଆସ ସ୍କୁଲ ଯିବାକୁ ନେଇ ଏକ ବୈଠକ ସିଆର୍‌ସିସି ବିଶ୍ୱାମିତ୍ର ବନଛୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ଖବରଦାତା ପରମେଶ୍ୱର ବାରିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲି ବିକାଶର ସମ୍ପାଦକ ସୁରେଶ କୁମାର ରାଉତ ଅତିଥି ଭାବେ ଯୋଗଦାନ କରି ବର୍ତ୍ତମାନ ଡ୍ରପଆଉଟ ହୋଇ ରହିଯାଇଥିବା ଛାତ୍ରୀଛାତ୍ରଙ୍କୁ କେମିତି ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିବ ସେ ଉପରେ ଆଲୋଚନା କରିଥିଲେ। ଏଥିରେ ଚଳାନପଡା କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଡ୍ରପଆଉଟ ଶିକ୍ଷା କମିଟି ଗଠନ କରାଯାଇଥିଲା। କମିଟିରେ ବରିଷ୍ଠ ଖବରଦାତା ବାରିକ, ସ୍ୱେଚ୍ଛାସେବୀ ସଙ୍ଗଠନର ରାଉତ, ସମସ୍ତ ପ୍ରଧାନ ଶିକ୍ଷକ ଓ ସିଆର୍‌ସିସିଙ୍କୁ ରଖାଯାଇଛି।

## ଧର୍ମଗଡ଼ ଉପଜିଲାପାଳ ଭାବେ ଯୋଗଦେଲେ ପ୍ରେକ୍ଷା ଅଗ୍ରୱାଲ



**ଧର୍ମଗଡ, ୬।୮ (ଘାସିରାମ ଜଗତ):** କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡର ଉପଜିଲାପାଳ ଭାବେ ଆଇଏଏସ୍‌ପ୍ରେକ୍ଷାଅଗ୍ରୱାଲବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ୨୦୧୮ ମସିହାରେ ଭୋପାଳର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରୁ ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେଶନ ଇଞ୍ଜିନିୟରିଂରେ ବିଟେକ୍ ପାସ୍ କରିଥିଲେ। ୟୁପିଏସ୍‌ସି ପରୀକ୍ଷାରେ ଭୂଗୋଳକୁ ଇଚ୍ଛାଧୀନ ବିଷୟ ରଖି ସେ ତାଙ୍କର ଚତୁର୍ଥ ପ୍ରୟାସରେ ସର୍ବଭାରତୀୟ ସ୍ତରରେ ୩୦ ତମ ସ୍ଥାନ ହାସଲ କରିଥିଲେ। ଧର୍ମଗଡରେ ଉପଜିଲାପାଳ ଭାବେ ଯୋଗଦେବା ପରେ ସ୍ଥାନୀୟ ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରିବେ ବୋଲି କହିବା ସହିତ ଏଥିପାଇଁ ସେ ଧର୍ମଗଡ ଉପଖଣ୍ଡ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଇଇ(ଜି)/ଚକ୍ରଧରପୁର, ଦ.ପୂ. ରେଳପଥ ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଟେଣ୍ଡରକୁ ଅଣଦେଖା କରିଦିଆଯିବ । ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ତାରିଖ: ୩୮-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୫।୦୮।୨୦୨୫ । କାର୍ଯ୍ୟର ନାମ: ଚକ୍ରଧରପୁର ମଣ୍ଡଳରେ ଲୋଡିଂ ସାଇଡିଂଠାରେ ଆଲୋକୀକରଣର ଉନ୍ନତୀକରଣ ପାଇଁ ହାଇ ମାଷ୍ଟ ଟାୱାର୍ସ (୩୦ ଗୋଟି)ର ବ୍ୟବସ୍ଥା ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧,୪୯,୭୫,୭୨୨.୭୦ । ଇଏମ୍‌ଡି: ₹୨,୨୪,୯୦୦। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ୍ୟ । ବନ୍ଦ ହେବା/ଖୋଲାଯିବା ତାରିଖ: ୦୮।୦୯।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-488)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-BAM-486, ତା. 31.07.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଞ୍ଚାର/ବ୍ରହ୍ମପୁର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଞ୍ଚାର ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 47,60,942.40, EMD (ଟଙ୍କାରେ) : 95,200/-।

ବିଡ୍ ଆରମ୍ଭ ହେବା ତାରିଖ : ତା.08.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼
PR-436/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.29/ET/SBP/ENGG/2025-26, ତା.01.08.2025ରିଖ

(1)ଇ-ଟେଣ୍ଡର ସଂ.07-eT-SETT-SBP-25

**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ସମ୍ବଲପୁର ଠାରେ ରେଲୱେ ଷ୍ଟାଡିୟମ୍‌ର ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 38,76,315.85, ବିଡ୍ ସିକ୍ୟୁରିଟି (ଟଙ୍କାରେ): 77,600/-।

(2)ଇ-ଟେଣ୍ଡର ସଂ.31-eT-DENC-SBP-25

**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ହୀରାକୁଦ (HKG) ଠାରେ ହଲିଡେ ହୋମ୍ ଏବଂ ବରଗଡ଼ ରୋଡ଼ (BRGA) ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 36,06,222.65, ବିଡ୍ ସିକ୍ୟୁରିଟି (ଟଙ୍କାରେ): 72,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-।

କାର୍ଯ୍ୟ ଶେଷ ହେବା ଅବଧି : 24 ମାସ (ଉଭୟ ଟେଣ୍ଡର ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.08.2025 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-435/Q/25-26

**TPWODL**
ଧ୍ୟାନ ଦିଅନ୍ତୁ! ଧ୍ୟାନ ଦିଅନ୍ତୁ!
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ**

**ନୂତନ ବିଦ୍ୟୁତ୍ ସଂଯୋଗ ଶିବିର**

ଜନସାଧାରଣଙ୍କୁ ଅନୁରୋଧ, ନୂତନ ବିଦ୍ୟୁତ୍ ସଂଯୋଗର ଦରଖାସ୍ତ ପାଇଁ ଅଗଷ୍ଟ ମାସର ତା. ୭ ଓ ୮ ରିଖ, ୨୦୨୫ ଦିନ ସକାଳ ୧୦.୩୦ ରୁ ସନ୍ଧ୍ୟା ୦୫.୩୦ ପର୍ଯ୍ୟନ୍ତ ସମସ୍ତ ସହାୟତା ପ୍ରଦାନ କରାଯିବ ।

**ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର**

ଆସନ୍ତା ତା. ୧୧, ୧୨ ଏବଂ ୧୩ ରିଖ ଦିନ ସକାଳ ୧୦.୩୦ରୁ ସନ୍ଧ୍ୟା ୦୫.୩୦ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକର ସମାଧାନ କରାଇ ନିଅନ୍ତୁ ।

ଏହି ଶିବିର ଗୁଡିକ ଟିପିଡବ୍ଲୁଓଡିଏଲ୍‌ର ସମସ୍ତ ସେକ୍ସନ, ସବ୍-ଡିଭିଜନ ଏବଂ ଡିଭିଜନ କାର୍ଯ୍ୟାଳୟରେ ଉପରୋକ୍ତ ତାରିଖ ଏବଂ ସମୟ ଅନୁଯାୟୀ ଅନୁଷ୍ଠିତ ହେବ ।

24X7 Toll-free Call Centre: 1800-345-6798

**JAMSHEDPUR NOTIFIED AREA COMMITTEE**
New Kalimati Road, Sakchi-831001
E- mail ID-jnacjsr@gmail.com

**Short E- Procurement Notice**
**Tender Notice**

NIT No- JNAC/10/2025-26 Date-02.08.2025

| | | |
|---|---|---|
| 1. | Name of the work | Faecal Sludge and Septage Management Under Jamshedpur Notified Area Committee (JNAC), Hurlung Jamshedpur. (4th Call) |
| 2. | Estimated Cost (rs.) | Construction cost with operation & maintenance cost of one year total Rs. 3,33,49,799.00 |
| 3. | Cost of Bid Document (INR) | INR 10,000/- (Ten thousand Only) Non-Refundable. |
| 4. | Bid Security (INR) | Bid Security: Rs 3,33,497.00 |
| 5. | Time of Completion | 1Year |
| 6. | Date/Time of publication of tender on website | 11.08.2025 at 05:00 Pm |
| 7. | Document downloading Start date | 11.08.2025 at 05:00 Pm |
| 8. | Pre bid meeting date, Time & venue | 14.08.2025 at 03:00 Pm, JNAC Conference Hall |
| 9. | Bid Submission Start date | 18.08.2025 at 05:00 Pm |
| 10. | Bid Submission end date | 25.08.2025 at 05:00 Pm |
| 11. | Bid Opening date | 26.08.2025 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified area Committee, Jamshedpur. |
| 14. | Contact No. of procurement officer | |
| 15. | Helpline No. of E-procurement cell | |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)

Deputy Municipal Commissioner,
Jamshedpur Notified Area Committee,
Jamshedpur.

PR.NO.358963 Urban Development(25-26):D

**OFFICE OF THE PRINCIPAL**
**PANCHAYAT SAMITI DEGREE COLLEGE, MURIBAHAL, BALANGIR**
E-Mail : degreecollegemuribahal@gmail.com
Ph : 06655-272007, Mob : 9438283147

**Walk in Interview**

Walk in interview for the post of lecturer in Physics on the adhoc basis under Self Financing mode will be held on Dt.13.08.2025 at 11.30 a.m. The candidates having Master Degree with minimum 55% marks should attend with personal Bio-data and original documents. Fixed remuneration as decided by Management will be paid. No TA/DA will be paid for this purpose the post is temporary and is terminable at any time without assigning any reason thereof. In case of single candidate the interview will be cancelled.

Sd./-Principal
Panchayat Samiti Degree College,
Muribahal, Balangir

Office Of the Principal
**MAHAPAT DEGREE MAHAVIDYALAYA, JANGHIRA**
Keonjhar
E-mail : principal.mahapatclg@gmail.com Mob : 9437715702
Letter No. MD/109/2025 Date : 06.08.2025

**TENDER CALL NOTICE**

Sealed quotations are invited from registered firms/authorised dealers for supply & Installation of IT equipment like Desktop computers, UPS system, MFM, LED TVs (65 Inch), wireless mice camera & internet facilities at Mahapat Degree Mahavidyalaya, Janghira, Keonjhar. Sealed tender complete in all respect should be submitted to Principal, Mahapat Degree Mahavidyalaya, Janghira, Keonjhar, Pin-758079 by speed post/Regd. Post/Courier within the ten days of publication of advertisement.

Sd./- Principal I/c Cum Secretary
Mahapat Degree Mahavidyalaya
Janghira, Keonjhar

**झारखण्ड सरकार**
**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, धनबाद**
मोबाईल नं : 7061981397
Email : rdsd.dhanbad@rediffmail.com

पत्रांक:–628 धनबाद / दिनांक–06.08.2025

**कार्यालय आदेश**

इस कार्यालय के पत्रांक 581 दिनांक 17.07.2025 के द्वारा आमंत्रित निविदा सूचना सं०– 13/2025-26/RDSD/EE/Dhanbad/2nd Call का शुद्धि पत्र जिसका PR No. 357598 Rural Development (25-26)_D में प्रकाशित निविदा को अपरिहार्य कारणवश अगले आदेश तक स्थगित किया जाता है।

PR 359014 Rural Development(25-26)#D
कार्यपालक अभियंता
ग्रामीण विकास विशेष प्रमंडल, धनबाद

**GOVERNMENT OF ODISHA** No.O-536
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**
**e-Procurement Notice**

1 Name of work : **Periodical Renewal work of 5 years completed PMGSY (Post DLP) for the year 2025-26 (Annexure-A)" State Budget Grant**
2 No. of work : 2 (Two) works
3 Time for completion varies from : 3 (Three) calendar months
4 Approximate estimated cost varies from : Rs.246.76 lakhs to Rs.249.76 lakhs
5 Mode of Submission of tender : Tender should be submitted online in www.tendersodisha.gov.in
6 **Other details are as follow**

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-10/2025-26 | 11.08.2025 at 11.00 A.M. | 26.08.2025 upto 5.00 P.M. | 25.08.2025 upto 5.00 P.M. | 30.08.2025 at 11.00 A.M. | The date will be intimated to the technically qulified bidders later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- Chief Construction Engineer
R.W.Circle, Bolangir

OIPR-25118/11/0045/2526

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: କଟକ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୩ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ବକ୍ସିବଜାର ରୋଡ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୯ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ବକ୍ସିବଜାର ରୋଡ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ବକ୍ସିବଜାର ରୋଡ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଆଣ୍ଡ୍ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ, ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶ, ଠିକଣା-୧: ଚନ୍ଦ୍ରାଲୋକ ଆପାର୍ଟମେଣ୍ଟ ନିକଟ, ପ୍ରଫେସରପଡା, ପୋ: କଲେଜ ସ୍କୋୟାର, ଥାନା: ମଙ୍ଗଳାବାଗ, କଟକ- ୭୫୩୦୦୩, ଠିକଣା-୨: ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ନୂଆଶାସନ, ଧୁରୁସିଆ, ଥାନା: ଖୁଣ୍ଟୁଣୀ, କଟକ - ୭୫୪୦୨୭ | ୧୯.୦୫.୨୦୨୫ ସୁଦ୍ଧା ଟ.୪୨,୫୩,୫୪୦.୪୮ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୫.୨୦୨୫ / ୦୫.୦୮.୨୦୨୫ | ମେସର୍ସ ଶ୍ରୀ ଆଣ୍ଡ୍ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ, ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୩୨/୧୧୯୮(ଅଂଶ), ଖାତା ନଂ.: ୧୬୨, ଅନୁରୂପ ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ରେଭିନ୍ୟୁ ଗ୍ରାମ: ନୂଆଶସନ, କ୍ଷେତ୍ର: ଏକର୦.୪୫୯ ଡିସିମିଲି, ନୂଆଶାସନ ଗ୍ରାମର ସୀମା ଅଧିନ, ତହସିଲ: ଆଠଗଡ, ଥାନା: ଗୁରୁଡିଝାଟିଆ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଇଡ୍‌କୋ ଜମି, ପଶ୍ଚିମ: ଇଡ୍‌କୋ ପ୍ଲଟ୍ ନଂ.: ୫/ସି, ଦକ୍ଷିଣ: ଇଡ୍‌କୋ ପ୍ଲଟ୍ ନଂ.: ୫, ପୂର୍ବ: ଇଡ୍‌କୋ ପ୍ଲଟ୍ ନଂ.: ୫/ଇ |

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୬.୦୮.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

# ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ: ଜଣେ ଗିରଫ

ରାଉରକେଲା,୬।୮(ସଙ୍ଗୀତା ଜେନା) : ମଙ୍ଗଳବାର ବିଳମ୍ବିତ ରାତିରେ ପ୍ଲାଣ୍ଟ ସାଇଟ୍ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ସମୟରେ ଇଦ୍ଗା ପଡ଼ିଆ ନିକଟରେ ଜଣେ ଯୁବକ ବେଆଇନ ଭାବେ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଚାଲାଣ କରୁଥିବାବେଳେ ଧରାପଡ଼ିଥିଲେ। ଯୁବକ ହେଉଛନ୍ତି ଉଦିତନଗରରେ ରହୁଥିବା ମୁନା ସାହା(୩୨)। ତାଙ୍କ ଠାରୁ ୪ କେଜି ୧ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ତାଙ୍କ ବିରୋଧରେ ପୂର୍ବରୁ ଜିଆରପି ଏବଂ ପ୍ଲାଣ୍ଟସାଇଟ୍ ଥାନାରେ ମୋଟ ୪ଟି ଅପରାଧିକ ମାମଲା ରହିଛି। ବୁଧବାର ପୂର୍ବାହ୍ନ ୧୦ଟାରେ ପୋଲିସ ମାମଲା (ନଂ. ୬୦୧/୨୫) ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ଜବତ ହୋଇଥିବା ଗଞ୍ଜେଇର ମୂଲ୍ୟ ଲକ୍ଷାଧିକ ଟଙ୍କାର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ହନୁମାନ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ରାଉରକେଲା, ୬।୮(ସଙ୍ଗୀତା ଜେନା): ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୬ ଡି ବ୍ଲକ ହନୁମାନ ମନ୍ଦିରରେ ହୁଣ୍ଡିଭାଙ୍ଗି ଚୋରି ହୋଇଥିବା ସୂଚନା ମିଳିଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ୯ଟାରେ ପୂଜକ ଉକ୍ତ ମନ୍ଦିର ପହଡ଼ ପକାଇ ଘରକୁ ଚାଲିଯାଇଥିଲେ। ବୁଧବାର ସକାଳେ ମନ୍ଦିରକୁ ଆସିବା ପରେ ମନ୍ଦିର ହୁଣ୍ଡି, ଗ୍ରୀଲ କାଟି ଆଲମୀରା ଭାଙ୍ଗି ସେଥିରୁ ଚୋରି ହୋଇଥିବା ଦେଖିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।

# ଆର୍‌ଏସ୍‌ପିର ପ୍ରତ୍ୟେକ ନିଯୋକ୍ତା ଜଣେ ଲୌହ ମାନବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଗଣମାଧ୍ୟମ ହିଁ ଆରଏସ୍‌ପି ପ୍ରଗତି ଯାତ୍ରାର ମୁଖ୍ୟ ସହଯାତ୍ରୀ

ରାଉରକେଲା, ୬।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ ସ୍ଥିତ ଜର୍ମାନ କ୍ଲବ ଠାରେ ବୁଧବାର ଏକ ଗଣମାଧ୍ୟମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳା ଆରଏସପି ଭାରାପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ପୌରହିତ୍ୟରେ ଆୟୋଜିତ ହୋଇଥିବା ବେଳେ ଆରଏସପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ,କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ.ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମ୍‌ଓ ଇନଚାର୍ଜ ଡ. ଜୟନ୍ତ କୁମାର ଆଚାର୍ଯ୍ୟ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା ପ୍ରମୁଖ ସମ୍ମିଳିତ ରହିଥିଲେ। କର୍ମଶାଳା ପ୍ରାରମ୍ଭରେ ଆରଏସ୍‌ପି ଲୋକସମ୍ପର୍କ ବିଭାଗର ମହାପ୍ରବନ୍ଧକ ତଥା ସଂଚାର ମୁଖ୍ୟ ଅର୍ଚ୍ଚନା ଶତପଥି କର୍ମଶାଳାରେ ସମ୍ମିଳିତ ୧ଶହରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ। ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗ ଉପପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ ରାଉରକେଲା ଇସ୍ପାତ କାରଖାନା ଆଜି ଓ ଆସନ୍ତାକାଲି ଶୀର୍ଷକରେ ଏକ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଯାହାକି ଗଣମାଧ୍ୟମ ପ୍ରତିନିଧିଙ୍କୁ ଆରଏସ୍‌ପିର ଇସ୍ପାତ ଉତ୍ପାଦନରୁ ଆରଏସପିର ମାଧ୍ୟମରେ ରାଉରକେଲା ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ଅଞ୍ଚଳବାସୀଙ୍କ ଜୀବନ ଜୀବିକାରେ ଆଣିଥିବା ପ୍ରଗତି, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଅଭିବୃଦ୍ଧି କ୍ଷେତ୍ରରେ ଆର୍‌ଏସ୍‌ପିର ଥିବା ବିଭିନ୍ନ ପ୍ରୟାସ, ସଫଳତା, ଲକ୍ଷ୍ୟ ଓ ଆହ୍ୱାନକୁ ଦର୍ଶାଇଥିଲେ। ଏହାପରେ ଆରଏସପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା କର୍ମଶାଳା ବିଷୟବସ୍ତୁ ଆରଏସପିର ପ୍ରଗତିର ଯାତ୍ରାରେ ସହଯୋଗୀ ଗଣମାଧ୍ୟମ ଉପରେ କହିଥିଲେ ଯେ,ଗଣମାଧ୍ୟମ ସର୍ବଦା ସମାଜ ଓ ଦେଶ ପ୍ରତି ତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛି। ଆରଏସପିର ଲାଭ ହେଲେ ଅଞ୍ଚଳର ବିକାଶ ନିଶ୍ଚିତ । ଆଗରୁ ଆର୍‌ଏସପିର ଇସ୍ପାତ ଉତ୍ପାଦନ କ୍ଷମତା ୧ମିଲିୟନ ଟନ୍ ଥିଲା ଏବେ ୪.୫ ମିଲିୟନ ଟନ ହେଲା । ଏତେସତ୍ତ୍ୱେ ବିଗତ ବର୍ଷ ଡିସେମ୍ବରରେ ଆର୍‌ଏସପିର ୧୪୦କୋଟି କ୍ଷତି ହେଲା । ଭାରତରେ ୧୮୦ ମିଲିୟନ ଟନ ଇସ୍ପାତ ପ୍ରସ୍ତୁତ ହେଉଥିବାବେଳେ ସେଲ ଓ ଆରଆଇଏନଏଲ ମିଶି ୨୫ମିଲିୟନ ଟନ ଇସ୍ପାତ ପ୍ରସ୍ତୁତ କରନ୍ତି। ତେବେ ଏଥିପାଇଁ ସରକାରୀ କ୍ଷେତ୍ରରେ ଇସ୍ପାତକୁ ନେଇ ଯେଉଁ ସରକାରୀ ଅଂଶୀଦାର ରହିବା କଥା ତା ରହୁନି । ମାତ୍ର ତୈଳ, କୋଇଲା, ଶକ୍ତି ବିତରଣ ଆଦି ଶିଳ୍ପ କ୍ଷେତ୍ରରେ ସରକାରୀ ଅଂଶୀଦାର ରହିବା ସହ କୌଣସି ପ୍ରତିଯୋଗିତା ନାହିଁ। ଯେଉଁଳିକି ସରକାରୀ କମ୍ପାନୀ କୋଲ ଓଣ୍ଡିଆ,ଆୟୁସି ଏବଂ ଇଣ୍ଡିଆନ ଅଏଲ ଆଦି ଭାରତୀୟ କମ୍ପାନୀ ସରକାରୀ ଅଂଶୀଦାର ପାଉଛନ୍ତି ତାହା ଇସ୍ପାତ କ୍ଷେତ୍ରରେ ମିଳୁନାହିଁ । ଏତେସତ୍ତ୍ୱେ ମଧ୍ୟ ୧୭ହଜାର ଲୋକ ଆରଏସପିରେ କାମ କରି ରୋଜଗାର କରୁଛନ୍ତି। ଆଇଜିଏଚ ହସ୍ପିଟାଲ ପରିଚାଳନା ପାଇଁ ଆରଏସପି ପକ୍ଷରୁ ବାର୍ଷିକ ୧୪୫କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏଥିସହ ଷ୍ଟିଲ ଟାଉନସିପ ପରିଚାଳନା ପାଇଁ ୩୫୦କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ ହେଉଛି। ଏଣୁକରି ଆଗକୁ ଆରଏସପିର ସମ୍ପ୍ରସାରଣ କରାଯିବ ଏବଂ ଏଥିପାଇଁ ବ୍ୟାପକ ବ୍ୟୟବରାଦ କରାଯିବ ବୋଲି ମଧ୍ୟ କହିଥିଲେ। ମାତ୍ର ଏହିସବୁ ପଛରେ ଆରଏସପିରେ କାର୍ଯ୍ୟ କରୁଥିବା ଲୌହ ମାନବ ଦ୍ୱାରା ହୋଇଛି ବୋଲି କହିବା ସହିତ ଲୁହା ଏମିତିରେ ତିଆରି ହୋଇଯାଏ ନାହିଁ ତା ପାଇଁ ଅକ୍ଳାନ୍ତ ଉଦ୍ୟମ ଓ ପରିଶ୍ରମ ଲାଗେ।ଏଣୁ ଅସଲ ଲୁହା ଆମ ପାଇଁ ଆରଏସପି ସାମୁଦାୟିକ ବୋଲି କହିବା ସହିତ ଆମକୁ ଉତ୍ସାହିତ ଓ ପ୍ରୋତ୍ସାହିତ କରୁଥିବା ଗଣମାଧ୍ୟମ ହିଁ ଆରଏସ୍‌ପି ପ୍ରଗତି ଯାତ୍ରା ମୁଖ୍ୟ ସହଯାତ୍ରୀ ବୋଲି କହିଥିଲେ। ଅନୁଷ୍ଠିତ ଆଜିର ଏହି କର୍ମଶାଳାକୁ ଲୋକ ସମ୍ପର୍କ ବିବାଗର ସହକାରୀ ପ୍ରବନ୍ଧକ ଜୟଦେବ ମଜୁମଦାର ସଂଯୋଜନା କରିଥିଲେ।

# ସେଲ ଦେଶର ପ୍ରତିରକ୍ଷା ଆତ୍ମନିର୍ଭରଶୀଳତା ସାମର୍ଥ୍ୟକୁ ସଶକ୍ତ କରୁଛି

ରାଉରକେଲା, ୬।୮(ବିପ୍ଳବ ରଞ୍ଜନ ଦାଶ)

ଭାରତର ସର୍ବବୃହତ୍ତ ଇସ୍ପାତ ନିର୍ମାତା ତଥା ମହାରତ୍ନ ପିଏସୟୁ, ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ(ସେଲ),୨୦୨୫ ଜୁଲାଇରେ ଗାର୍ଡେନ ରିଚ୍ ସିପ ବିଲ୍ଡର ଏଣ୍ଡ ଅନିୟର୍ସ ଲିମିଟେଡ(ଜିଆରଏସଇ) ଦ୍ୱାରା ଆରମ୍ଭ କରାଯାଇଥିବା ଆଇଏନଏସ ଅଜୟ ଏବଂ ହିନ୍ଦୁସ୍ଥାନ ସିପୟାର୍ଡ ଲିମିଟେଡ (ଏଚଏସ୍‌ଇ) ଦ୍ୱାରା କମିଶନ କରାଯାଇଥିବା ଆଇଏନଏସ୍ ନିସ୍ତାର ପାଇଁ ଜଟିଳ-ଗ୍ରେଡ ଇସ୍ପାତ ଯୋଗାଣ କରି ସ୍ୱଦେଶୀକରଣରେ ପ୍ରତିରକ୍ଷା କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେଲ ସଂରଚନାଗତ ସୁଦୃଢତା ଏବଂ ଷ୍ଟିଲ କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରି ଆଇଏନଏସ୍ ଅଜୟ ପାଇଁ ସମ୍ପୂର୍ଣ୍ଣ ପରିମାଣର ସ୍ୱତନ୍ତ୍ର ଡିଏମଆର ଗ୍ରେଡ ଇସ୍ପାତ ପ୍ଲେଟ ଯୋଗାଇଛି। ଜିଆରଏସଇ ଦ୍ୱାରା ସ୍ୱଦେଶୀ ଭାବେ ନିର୍ମିତ ଆଣ୍ଟି-ସବମେରିନ ୱାୟାରଫେୟାର ଶ୍ୟାଲୋ ୱାଟର କ୍ରାଫ୍ଟ (ଏସଡବ୍ଲ୍ୟୁ-ଏସଡବ୍ଲ୍ୟୁସି)ସିରିଜର ଅଷ୍ଟମ ଏବଂ ଶେଷ ଜାହାଜ । ସେଲ ଦ୍ୱାରା ନୂତନ ଭାବେ କମିଶନିଙ୍ଗ ହୋଇଥିବା ଆଇଏନଏସ ନିସ୍ତାର ପାଇଁ ସମ୍ପୂର୍ଣ୍ଣ ପରିମାଣର ସ୍ୱତନ୍ତ୍ର ଗ୍ରେଡ ପ୍ଲେଟ ମଧ୍ୟ ଯୋଗାଇଛି,ଯାହା ଭାରତର ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ଡିଜାଇନ ଏବଂ ନିର୍ମିତ ଡାଇଭିଙ୍ଗ ସପୋର୍ଟ ଜାହାଜ (ଡିଏସଭି)। ଏଚଏସଏଲ ଦ୍ୱାରା ପ୍ରଦାନ କରାଯାଇଥିବା ଆଇଏନଏସ୍ ନିସ୍ତାର ବୁଡାଜାହାଜ ଉଦ୍ଧାର କାର୍ଯ୍ୟ,ଗଭୀର ସମୁଦ୍ରରେ ଡ୍ରାଇଭିଙ୍ଗ ଏବଂ ନିରନ୍ତର ପେଟ୍ରୋଲିଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ । ଭାରତର ନୌସେନା ଶକ୍ତିକୁ ଆହୁରୀ ସଶକ୍ତ କରିବା ପାଇଁ ସେଲର ପ୍ରତିବଦ୍ଧତା ଜାତୀୟ ପ୍ରତିରକ୍ଷା ଲକ୍ଷ୍ୟ ପ୍ରତି ଏହାର ରଣନୈତିକ ସମର୍ଥନ ଏବଂ ଏକ ଆତ୍ମନିର୍ଭର ଭାରତ ଗଠନରେ ଏହାର ଅନନ୍ୟ ଭୂମିକାକୁ ଦର୍ଶାଉଛି। ପ୍ରତ୍ୟେକ ଟନ ଇସ୍ପାତ ସହିତ ସେଲ, ଭାରତର ସାମୁଦ୍ରିକ ପ୍ରସ୍ତୁତି ଏବଂ ପ୍ରତିରକ୍ଷା ସ୍ଥିରତାର ମେରୁଦଣ୍ଡ ଗଠନ କରି ଚାଲିଛି।



# ୪୦ ଦିନିଆ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଆରମ୍ଭ



ଅତିଥିମାନେ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

## ବିପିୟୁଟି ବିପର୍ଯ୍ୟୟ ପରିଚାଳନାରେ ୟୁଏଭି ବ୍ୟବହାର

ରାଉରକେଲା, ୬।୮(ସଙ୍ଗୀତା ଜେନା)

ରାଉରକେଲା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ନେତାଜୀ ସୁଭାସ ଅଡିଟୋରିୟମ୍‌ରେ 'ଆସନ୍ତା କାଲିର ଇଞ୍ଜିନିୟରମାନଙ୍କ ପାଇଁ ବିପର୍ଯ୍ୟୟ ପରିଚାଳନାରେ ୟୁଏଭି ୨୦୨୫' ଶୀର୍ଷକ ଏକ ୪୦ ଦିନିକିଆ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ୟ ଭୂମିକମ୍ପ, ବନ୍ୟା ଏବଂ ଘୂର୍ଣ୍ଣିବାତ୍ୟା ଭଳି ବିପର୍ଯ୍ୟୟ ପରିସ୍ଥିତିରେ ଡ୍ରୋନ୍ ପ୍ରଯୁକ୍ତିର ପ୍ରୟୋଗ। ଏହା ଦ୍ୱାରା ପ୍ରଭାବିତ ଅଞ୍ଚଳରେ ସହାୟତା ପ୍ରଦାନ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ଅତ୍ୟାଧୁନିକ ଜ୍ଞାନ କୌଶଳ ସହିତ ସଜ୍ଜିତ କରିବା ଉଦ୍ଦେଶ୍ୟରେ ଏହା ଆୟୋଜନ କରାଯାଇଥିଲା। ବିପିୟୁଟି କୁଳପତି ଡ. ଅମୀୟ ରଥ ବିପର୍ଯ୍ୟୟ ସମୟରେ ଦୁର୍ଗମ ଅଞ୍ଚଳରେ ସହାୟତା ପହଞ୍ଚାଇବାରେ ଡ୍ରୋନ୍‌ର ଭୂମିକା ଉପରେ ଗୁରୁତ୍ୱରୋପ କରିଥିଲେ। ସୃଜନଶୀଳତା ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ଟିପିଆଇ ଭୁବନେଶ୍ୱରର ଇଲୋକ୍ଟ୍ରୋପ୍ରେନିଉର୍ ପାର୍କ ମୁଖ୍ୟ ପରିଚାଳନା ଅଧିକାରୀ ପୂରବି ପୂର୍ଣ୍ଣାଶା ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟରେ ଡ୍ରୋନର ଯନ୍ତ୍ରପାତି, କାର୍ଯ୍ୟକାରିତା ଏବଂ ଉତ୍ପାଦନ ପ୍ରକ୍ରିୟାକୁ ବୁଝିବା ଉପରେ ଧ୍ୟାନକେନ୍ଦ୍ରିତ କରିବା ବୋଲି କହିଥିଲେ। ବିପିୟୁଟି ରେଜିଷ୍ଟ୍ରାର ନିଶି ପୂନମ ମିଞ୍ଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଡ୍ରୋନ୍‌କୁ ଲୋକପ୍ରିୟ କରିବାରେ ଏସ୍ଟିପିଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଥିଲେ। ବିପିୟୁଟି ସ୍ନାତକ ଏବଂ ସ୍ନାତକୋତ୍ତର କେନ୍ଦ୍ର ନିର୍ଦ୍ଦେଶକ ଡ. ଶିବକୁମାର ମିଶ୍ର ଉଦ୍‌ଘାଟନୀ ଭାଷଣ ଉପସ୍ଥାପନ କରିଥିଲେ। ଡ. ପ୍ରକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅବକାରୀ ଚଢ଼ାଉ, ୫ ଗିରଫ

ବଡ଼ଗାଁ,୬।୮(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ଅବକାରୀ ଅଧିକାରୀ ବିଜୟ କୁମାର ଜେନା, ଏଏସ୍ଆଇ ମୁକେଶ କୁମାର ପଟେଲ ସଦଳବଳ ବୁଧବାର ବଡ଼ଗାଁ ଓ କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ ମଦ ବେପାରୀଙ୍କୁ ଗିରଫ କରିଛନ୍ତି। କୁତ୍ରା ଥାନା ଅନ୍ତର୍ଗତ ଏଲଗା ଗ୍ରାମର କୃଷ୍ଣା ନାଏକ (୪୬)ଙ୍କଠାରୁ ୧୨ ଲିଟର, ବଡ଼ଗାଁ ଥାନା ଅନ୍ତର୍ଗତ ଏକମା ଗ୍ରାମର ଜୟନ୍ତୀ ବାରୁଆ(୪୫)ଙ୍କଠାରୁ ୧୦ ଲିଟର, ହରିଶଙ୍କର ଲାକ୍ରା (୩୩)ଙ୍କଠାରୁ ୧୨ ଲିଟର, ଟିମନା ଗ୍ରାମର ମାଲିଆ ବାଡ଼ା (୩୧)ଙ୍କଠାରୁ ୧୦ ଲିଟର, ଆଲୁଡେଗା ଗ୍ରାମର ପୁଷ୍ପା ସେଲମା(୨୯)ଙ୍କଠାରୁ ୧୨ ଲିଟର ମହୁଲି ମଦ ଜବତ ହୋଇଛି। ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଅବକାରୀ ଅଧିକାରୀ ଜେନା ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ବଡ଼ଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଦେଶୀ ମହୁଲି ମଦର ଅବାଧ କାରବାର ରୋକିବାକୁ ଅବକାରୀ ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

# ନାବାଳିକା ବଳାତ୍କାର ଅଭିଯୋଗ, ଜଣେ ଅଟକ

ସୁନ୍ଦରଗଡ଼,୬।୮(ଜୟ ନାରାୟଣ ମେଣ୍ଟୁଲି): ସୁନ୍ଦରଗଡ଼ ଜିଲା ହାତୀବାରି ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ହାତୀବାରି ପୋଲିସ ଏକ ମାମଲା (କେସ୍ ନଂ.୧୬୦/୨୫) ରୁଜୁକରି ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନା ମୁତାବକ, ହାତୀବାରି ଥାନା ଅନ୍ତର୍ଗତ ଆଣ୍ଡୁଗୁଡା ଗାଁର ଜଣେ ଯୁବକ ୨୦୨୪ ମସିହାରୁ ଜଣେ ନାବାଳିକାଙ୍କ ସହ ପ୍ରଥମେ ପ୍ରେମସମ୍ପର୍କ ସ୍ଥାପନ କରିଥିଲେ। ପରେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଆରମ୍ଭ କରିଥିଲେ। ଯେତେବେଳେ ନାବାଳିକା ଜଣକ ଗର୍ଭବତୀ ହୋଇଗଲେ ତାଙ୍କୁ ସେ ଶାରୀରିକ ନିର୍ଯାତନା ଓ ପରେ ବିବାହ ପାଇଁ ମନା କରିଦେଇଥିଲେ। ନାବାଳିକା ଜଣକ ଗର୍ଭବତୀ ହେବା ଖବର ପରିବାର ବର୍ଗଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ହାତୀବାରି ଥାନାରେ ବଳାତ୍କାର ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

**TPWODL**
ଧ୍ୟାନ ଦିଅନ୍ତୁ ! ଧ୍ୟାନ ଦିଅନ୍ତୁ !
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ

ନୂତନ ବିଦ୍ୟୁତ୍ ସଂଯୋଗ ଶିବିର

ଜନସାଧାରଣଙ୍କୁ ଅନୁରୋଧ, ନୂତନ ବିଦ୍ୟୁତ୍ ସଂଯୋଗର ଦରଖାସ୍ତ ପାଇଁ ଅଗଷ୍ଟ ମାସର ତା. ୭ ଓ ୮ ରିଖ, ୨୦୨୫ ଦିନ ସକାଳ ୧୦.୩୦ ରୁ ସନ୍ଧ୍ୟା ୦୫.୩୦ ପର୍ଯ୍ୟନ୍ତ ସମସ୍ତ ସହାୟତା ପ୍ରଦାନ କରାଯିବ ।

ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର

ଆସନ୍ତା ତା. ୧୧, ୧୨ ଏବଂ ୧୩ ରିଖ ଦିନ ସକାଳ ୧୦.୩୦ରୁ ସନ୍ଧ୍ୟା ୦୫.୩୦ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକର ସମାଧାନ କରାଇ ନିଅନ୍ତୁ ।

ଏହି ଶିବିର ଗୁଡିକ ଟିପିଡବ୍ଲୁଓଡିଏଲ୍‌ର ସମସ୍ତ ସେକ୍ସନ, ସବ୍-ଡିଭିଜନ ଏବଂ ଡିଭିଜନ କାର୍ଯ୍ୟାଳୟରେ ଉପରୋକ୍ତ ତାରିଖ ଏବଂ ସମୟ ଅନୁଯାୟୀ ଅନୁଷ୍ଠିତ ହେବ ।

24X7 Toll-free Call Centre: 1800-345-6798

**OFFICE OF THE PRINCIPAL**
**PANCHAYAT SAMITI DEGREE COLLEGE, MURIBAHAL, BALANGIR**
E-Mail : degreecollegemuribahal@gmail.com
Ph : 06655-272007, Mob : 9438283147

**Walk in Interview**

Walk in interview for the post of lecturer in Physics on the adhoc basis under Self Financing mode will be held on Dt.13.08.2025 at 11.30 a.m. The candidates having Master Degree with minimum 55% marks should attend with personal Bio-data and original documents. Fixed remuneration as decided by Management will be paid. No TA/DA will be paid for this purpose the post is temporary and is terminable at any time without assigning any reason thereof. In case of single candidate the interview will be cancelled.

Sd./-Principal
Panchayat Samiti Degree College,
Muribahal, Balangir

Office Of the Principal
**MAHAPAT DEGREE MAHAVIDYALAYA, JANGHIRA**
Keonjhar
E-mail : principal.mahapatclg@gmail.com Mob : 9437715702
Letter No. MD/109/2025 Date : 06.08.2025

**TENDER CALL NOTICE**

Sealed quotations are invited from registered firms/authorised dealers for supply & Installation of IT equipment like Desktop computers, UPS system, MFM, LED TVs (65 Inch), wireless mice camera & internet facilities at Mahapat Degree Mahavidyalaya, Janghira, Keonjhar. Sealed tender complete in all respect should be submitted to Principal, Mahapat Degree Mahavidyalaya, Janghira, Keonjhar, Pin-758079 by speed post/Regd. Post/Courrier within the ten days of publication of advertisement.

Sd./- Principal I/c Cum Secretary
Mahapat Degree Mahavidyalaya
Janghira, Keonjhar

**JAMSHEDPUR NOTIFIED AREA COMMITTEE**
New Kalimati Road, Sakchi-831001
E- mail ID-jnacjsr@gmail.com

Short E- Procurement Notice
Tender Notice

NIT No- JNAC/10/2025-26 Date-02.08.2025

| | | |
|---|---|---|
| 1. | Name of the work | Faecal Sludge and Septage Management Under Jamshedpur Notified Area Committee (JNAC), Hurlung Jamshedpur. (4th Call) |
| 2. | Estimated Cost (rs.) | Construction cost with operation & maintenance cost of one year total Rs. 3,33,49,799.00 |
| 3. | Cost of Bid Document (INR) | INR 10,000/- (Ten thousand Only) Non-Refundable. |
| 4. | Bid Security (INR) | Bid Security: Rs 3,33,497.00 |
| 5. | Time of Completion | 1Year |
| 6. | Date/Time of publication of tender on website | 11.08.2025 at 05:00 Pm |
| 7. | Document downloading Start date | 11.08.2025 at 05:00 Pm |
| 8. | Pre bid meeting date, Time & venue | 14.08.2025 at 03:00 Pm, JNAC Conference Hall |
| 9. | Bid Submission Start date | 18.08.2025 at 05:00 Pm |
| 10. | Bid Submission end date | 25.08.2025 at 05:00 Pm |
| 11. | Bid Opening date | 26.08.2025 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified area Committee, Jamshedpur. |
| 14. | Contact No. of procurement officer | |
| 15. | Helpline No. of E-procurement cell | |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)

Deputy Municipal Commissioner,
Jamshedpur Notified Area Committee,
Jamshedpur.

PR.NO.358963 Urban Development(25-26):D

झारखण्ड सरकार
कार्यपालक अभियंता का कार्यालय
ग्रामीण विकास विशेष प्रमण्डल, धनबाद
मोबाईल नं0 : 7061981397
Email : rdsd.dhanbad@rediffmail.com

पत्रांक:-628 धनबाद / दिनांक-06.08.2025

**कार्यालय आदेश**

इस कार्यालय के पत्रांक 581 दिनांक 17.07.2025 के द्वारा आमंत्रित निविदा सूचना सं0- 13/2025-26/RDSD/EE/Dhanbad/2nd Call का शुद्धि पत्र जिसका PR No. 357598 Rural Development (25-26)_D में प्रकाशित निविदा को अपरिहार्य कारणवशं अगले आदेश तक स्थगित किया जाता है।

PR 359014 Rural Development(25-26)#D
कार्यपालक अभियंता
ग्रामीण विकास विशेष प्रमंडल, धनबाद

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଇଇ(ଜି)/ଚକ୍ରଧରପୁର, ଦ.ପୂ. ରେଳପଥ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଟେଣ୍ଡରକୁ ଅଣଦେଖା କରିଦିଆଯିବ । **ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ତାରିଖ: ୩୮-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୫।୦୮।୨୦୨୫ । କାର୍ଯ୍ୟର ନାମ:** ଚକ୍ରଧରପୁର ମଣ୍ଡଳରେ ଲୋଡିଂ ସାଇଡିଂଠାରେ ଆଲୋକୀକରଣର ଉନ୍ନତୀକରଣ ପାଇଁ ହାଇ ମାଷ୍ଟ ଟାୱାର୍ସ (୩୦ ଗୋଟି)ର ବ୍ୟବସ୍ଥା ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ। **ଟେଣ୍ଡର ମୂଲ୍ୟ: ₹୧,୪୯,୭୫,୭୨୨.୭୦ । ଇଏମ୍‌ଡି: ₹୨,୨୪,୯୦୦। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ୍ୟ । ବନ୍ଦ ହେବା/ଖୋଲାଯିବା ତାରିଖ:** ୦୮।୦୯।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-488)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-BAM-486, ତା. 31.07.2025ରିଖ

**କାର୍ଯ୍ୟର ନାମ : 01** ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଞ୍ଚାର/ବ୍ରହ୍ମପୁର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଞ୍ଚାର ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 47,60,942.40, EMD (ଟଙ୍କାରେ) : 95,200/-।

ବିଡ୍ ଆରମ୍ଭ ହେବା ତାରିଖ : ତା.08.08.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼
PR-436/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.29/ET/SBP/ENGG/2025-26, ତା.01.08.2025ରିଖ

(1)ଇ-ଟେଣ୍ଡର ସଂ.07-eT-SETT-SBP-25

**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ସମ୍ବଲପୁର ଠାରେ ରେଲୱେ ଷ୍ଟାଡିୟମ୍‌ର ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 38,76,315.85, ବିଡ୍ ସିକ୍ୟୁରିଟି (ଟଙ୍କାରେ): 77,600/-।

(2)ଇ-ଟେଣ୍ଡର ସଂ.31-eT-DENC-SBP-25

**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ହୀରାକୁଦ (HKG) ଠାରେ ହଲିଡେ ହୋମ୍ ଏବଂ ବରଗଡ଼ ରୋଡ଼ (BRGA) ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 36,06,222.65, ବିଡ୍ ସିକ୍ୟୁରିଟି (ଟଙ୍କାରେ): 72,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-।

କାର୍ଯ୍ୟ ଶେଷ ହେବା ଅବଧି : 24 ମାସ (ଉଭୟ ଟେଣ୍ଡର ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.08.2025 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-435/Q/25-26

**GOVERNMENT OF ODISHA** No.O-536
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**
e-Procurement Notice

1 Name of work : Periodical Renewal work of 5 years completed PMGSY (Post DLP) for the year 2025-26 (Annexure-A)" State Budget Grant
2 No. of work : 2 (Two) works
3 Time for completion varies from : 3 (Three) calendar months
4 Approximate estimated cost varies from : Rs.246.76 lakhs to Rs.249.76 lakhs
5 Mode of Submission of tender : Tender should be submitted online in www.tendersodisha.gov.in
6 Other details are as follow

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-10/2025-26 | 11.08.2025 at 11.00 A.M. | 26.08.2025 upto 5.00 P.M. | 25.08.2025 upto 5.00 P.M. | 30.08.2025 at 11.00 A.M. | The date will be intimated to the technically qulified bidders later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

OIPR-25118/11/0045/2526
Sd./- Chief Construction Engineer
R.W.Circle, Bolangir

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: କଟକ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୩ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ବକ୍ସିବଜାର ରୋଡ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୯ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ବକ୍ସିବଜାର ରୋଡ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ବକ୍ସିବଜାର ରୋଡ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଆଣ୍ଡ୍ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ, ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶ, ଠିକଣା-୧: ଚନ୍ଦ୍ରାଲୋକ ଆପାର୍ଟମେଣ୍ଟ ନିକଟ, ପ୍ରଫେସରପଡା, ପୋ: କଲେଜ ସ୍କୋୟାର, ଥାନା: ମଙ୍ଗଳାବାଗ, କଟକ- ୭୫୩୦୦୩, ଠିକଣା-୨: ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ନୂଆଶାସନ, ଧୁରୁସିଆ, ଥାନା: ଖୁଣ୍ଟୁଣୀ, କଟକ - ୭୫୪୦୨୭ | ୧୯.୦୫.୨୦୨୫ ସୁଦ୍ଧା ଟ.୪୨,୫୩,୫୪୦.୪୮ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୫.୨୦୨୫ / ୦୫.୦୮.୨୦୨୫ | ମେସର୍ସ ଶ୍ରୀ ଆଣ୍ଡ୍ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ, ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୩୨/୧୧୯୮(ଅଂଶ), ଖାତା ନଂ.: ୧୬୨, ଅନୁରୂପ ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ରେଭିନ୍ୟୁ ଗ୍ରାମ: ନୂଆଶାସନ, କ୍ଷେତ୍ର: ଏକର୦.୪୫୯ ଡିସିମିଲି, ନୂଆଶାସନ ଗ୍ରାମର ସୀମା ଅଧିନ, ତହସିଲ: ଆଠଗଡ, ଥାନା: ଗୁରୁଡିଝାଟିଆ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଇଡ୍‌କୋ ଜମି, ପଶ୍ଚିମ: ଇଡ୍‌କୋ ପ୍ଲଟ୍ ନଂ.: ୫/ସି, ଦକ୍ଷିଣ: ଇଡ୍‌କୋ ପ୍ଲଟ୍ ନଂ.: ୫, ପୂର୍ବ: ଇଡ୍‌କୋ ପ୍ଲଟ୍ ନଂ.: ୫/ଇ |

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୬.୦୮.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

# ଚାକିରି ସର୍ତ୍ତାବଳୀ, ପେନ୍‌ସନ ପ୍ରଦାନ ଦାବି



ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଧାପକ ଓ କର୍ମଚାରୀ ।

## ଅଧାପକ ଓ କର୍ମଚାରୀ ସଂଘର ଆନ୍ଦୋଳନ ଚେତାବନୀ

ସୋନପୁର,୬।୮ (ମୃତ୍ୟୁଞ୍ଜୟ ଶତପଥୀ)

ନିଖିଳ ଓଡିଶା ୬୬୨ ବର୍ଗ ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟ ଅଧାପକ ଏବଂ କର୍ମଚାରୀ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସଂଘ ପକ୍ଷରୁ ଚାକିରି ସର୍ତ୍ତାବଳୀ ଓ ପେନସନ ପାଇଁ ଦାବି କରାଯାଇଥିଲା । ଜିଲା ସଭାନେତ୍ରୀ କଳ୍ପନା ଦାସଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ଅଧାପକ ଓ କର୍ମଚାରୀମାନେ ୨୦୦୪ ମସିହାରୁ ବିଭିନ୍ନ ମହାବିଦ୍ୟାଳୟରେ ଚାକିରି ଆରମ୍ଭ କରିଥିଲେ । ତେବେ ୨୫ ବର୍ଷ ପରେ ବି ରାଜ୍ୟ ସରକାର ସେମାନଙ୍କ ପାଇଁ କୌଣସି ଚାକିରି ସର୍ତ୍ତାବଳୀ ଅବା ଅବସର ପାଇଁ ଯୋଜନା ପ୍ରଣୟନ କରିନାହାନ୍ତି । ବାରମ୍ବାର ଦାବି ପରେ ବି ସରକାର ଗୁରୁତ୍ୱ ଦେଉ ନଥିବାରୁ ଅଧାପକ ଓ କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ସଂଘ ପକ୍ଷରୁ ଦାବି ପୂରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରାଯାଇଛି । ଏ ସମ୍ପର୍କରେ ସଂଘର କର୍ମକର୍ତ୍ତା ମାନେ ଜିଲାପାଳଙ୍କ ଜରିଆରେ ସ୍ୱାରକପତ୍ର ପ୍ରଦାନ କରିଛନ୍ତି । ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ସ୍ମାରକପତ୍ର ଗ୍ରହଣ କରିଥିଲେ । ଦାବି ପୂରଣ ନହେଲେ ଆସନ୍ତା ୧୬ ତାରିଖରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରେ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ଜଗନ୍ନାଥ ମନ୍ଦିରରେ ଝୁଲଣ ଯାତ୍ରା

ବୀରମହାରାଜପୁର,୬।୮ (ଯୁଗଳ କିଶୋର ମିଶ୍ର)



ଦୋଳିରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ରାଧାକୃଷ୍ଣ, ମଦନ ମୋହନ ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରେ ଥିବା ରାଧାକୃଷ୍ଣ ମନ୍ଦିରରେ ଝୁଲଣ ଯାତ୍ରା ଅନୁଷ୍ଠିତ ହେଉଛି । ବୁଧବାର ଦ୍ୱିତୀୟ ଦିବସ ସନ୍ଧ୍ୟା ୭ଟାରେ ରୀତିନୀତି ଅନୁସାରେ ରାଧକୃଷ୍ଣ ଓ ମଦନମୋହନଙ୍କୁ ଦୋଳି ବିଜେ କରାଯାଇଥିଲା । ଏହାପରେ ଦୋଳିରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ ରାଧାକୃଷ୍ଣ ଓ ମଦନ ମୋହନ । ଆଳତୀ ପରେ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମାଗୁଣି ଦାସ ଭାଗବତ ପାରାୟଣ କରିଥିଲେ । ପଣ୍ଡିତ ବାସୁଦେବ ରଥଙ୍କ ରାମାୟଣ ସହିତ ରାଧାକୃଷ୍ଣଙ୍କ ଦୋଳିଗୀତ ଅନୁଷ୍ଠିତ ହୋଇଥିଲା । ଏହି ଯାତ୍ରାରେ ସଂକୀର୍ତ୍ତନ୍ୟ ପରିବେଷଣ କରାଯାଇଥିଲା । ଝୁଲଣ ଯାତ୍ରା ଶ୍ରାବଣ ପୂର୍ଣ୍ଣମୀ ଦିନ ଉଦ୍‌ଯାପିତ ହେବ । ଜଗନ୍ନାଥ ମନ୍ଦିର ପୂଜକ ବିଶାମିତ୍ର ଚାନ୍ଦ, ରାଧାକୃଷ୍ଣ ମନ୍ଦିର ପୂଜକ ସନତ କୁମାର ପୁରୋହିତ ପୂଜା କାର୍ଯ୍ୟ ତୁଲାଇଥିଲେ । ଅକ୍ରୂର ଦନ୍ତା, ମହାଦେବ ମେହେର, ଚମ୍ପେଶ୍ୱର ଦାସ, ପ୍ରଦୀପ କୁମାର ଗୁରୁଙ୍କ ସମେତ ପରିଚାଳନା କମିଟି ସଭାପତି ବିଷ୍ଣୁ ଚରଣ ପଣ୍ଡା, ସମ୍ପାଦକ ଇନ୍ଦ୍ରଜିତ ପରୁଆ, ଯୁଗଳ କିଶୋର ମିଶ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ, ଅମ୍ବରୀଶ ଦାସ ପ୍ରମୁଖ ସାମିଲ ହୋଇଥିଲେ ।

# ଜଗନ୍ନାଥ ମନ୍ଦିର ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ



ଜଗନ୍ନାଥ ମନ୍ଦିର ପରିସରରେ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ କର୍ମକର୍ତ୍ତା ।

ବୀରମହାରାଜପୁର, ୬।୮ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରେ ବୁଧବାର ସକାଳ ୭ଟାରୁ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ବିଷ୍ଣୁ ଚରଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମିଟି ସମ୍ପାଦକ ଇନ୍ଦ୍ରଜିତ ପରୁଆ, ରମାକାନ୍ତ ପୁରୋହିତ, ଜମ୍ମେଶର ପ୍ରଧାନ,ଲଳିତ କୁମାର କର, ଇନ୍ଦ୍ରଜିତ ପ୍ରଧାନ, ସହସମ୍ପାଦକ ଦୈତ୍ୟାରୀ ମହାକୁଡ଼, କୃଷ୍ଣଚନ୍ଦ୍ର ମଲ୍ଲିକ, ଯୁଗଳ କିଶୋର ମିଶ୍ର, ପ୍ରତ୍ୟୁଷ ରଞ୍ଜନ ପୁରୋହିତ ପ୍ରମୁଖ ସାମିଲ ହୋଇଥିଲେ । ପ୍ରଥମଦିନରେ ରୋଷଶାଳା ଓ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଫୁଲ ବଗିଚା, ହନୁମାନ ମନ୍ଦିର ସମ୍ମୁଖ, ବିମଳା ମନ୍ଦିର ସମ୍ମୁଖ ଓ ଜଗନ୍ନାଥ ମନ୍ଦିର ଚାରି ପାର୍ଶ୍ୱ ସଫେଇ କରାଯାଇଥିଲା । ପର୍ଯ୍ୟାୟକ୍ରମେ ଆଉ ଚାରିଟି ବଗିଚା ସହିତ ଅନ୍ୟ ମନ୍ଦିର ସଫେଇ କରାଯିବ ବୋଲି ସଭାପତି ବିଷ୍ଣୁ ଚରଣ ପଣ୍ଡା ପ୍ରକାଶ କରିଛନ୍ତି । ସଫେଇ କାର୍ଯ୍ୟ ପରେ ଫୁଲ ଚାରା ରୋପଣ କରାଯାଇଥିଲା ।

# ଘାସଲଟାରେ ଭର୍ତ୍ତି ପାପକ୍ଷୟ ଘାଟ



ଘାସଲଟାରେ ପାପକ୍ଷୟ ଘାଟ ସତ୍କାର ସ୍ଥଳ ଆଚ୍ଛାଦିତ ହୋଇଯାଇଛି ।

ବିନିକା, ୬।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳରେ ଥିବା ପାପକ୍ଷୟ ଘାଟ ସ୍ୱର୍ଗଦ୍ୱାର ଅଳିଆ ଆବର୍ଜନାରେ ଭରି ଯାଇଛି । ରକ୍ଷଣାବେକ୍ଷଣ ଅଭାବରୁ ଏହି ସ୍ଥିତି ଉପୁଜିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି । ୩୦ବର୍ଷ ପୂର୍ବରୁ ଲାଗିଥିବା ତାର ବାଡ଼ ନଷ୍ଟ ହୋଇଗଲାଣି । କାନ୍ଥର ରଙ୍ଗ ସବୁ ଲିଭି ଗଲାଣି । ପାପକ୍ଷୟ ଘାଟ ସ୍ୱର୍ଗଦ୍ୱାରରେ ଶବ ଦାହ କଲେ ସ୍ୱର୍ଗ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ଥିବାରୁ ଲୋକେ ଦୂର ଦୁରାନ୍ତରୁ ଆସି ଏଠାରେ ସତ୍କାର କରିଥାନ୍ତି । ହେଲେ ଏଠାକାର ବିପର୍ଯ୍ୟସ୍ତ ଅବସ୍ଥା ଜନସାଧାରଣଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । ଏନଏସି ପ୍ରଶାସନ ଏ ଦିଗରେ ଅବିଳମ୍ବେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଥାନା ଅଧିକାରୀଙ୍କୁ ଭେଟିଲେ ମାନବାଧିକାର ସାମ୍ମୁଖ୍ୟ କର୍ମକର୍ତ୍ତା

ଡୁଙ୍ଗୁରିପାଲି, ୬।୮ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଜାତୀୟ ମାନବ ଅଧିକାର ସାମ୍ମୁଖ୍ୟ କର୍ମକର୍ତ୍ତା ବୁଧବାର ରାମପୁର ଥାନା ଅଧିକାରୀ ପଦ୍ମାସିନୀ ମେହେରଙ୍କୁ ସାକ୍ଷାତ୍ କରିଥିଲେ । ସଭାପତି ଦୁଃଖୀରାମ ନାଏକଙ୍କ ଆହ୍ୱାନକ୍ରମେ ବ୍ଲକ ସଭାପତି ଜେହେରୁ ବାଗ, ସମ୍ପାଦକ ଅନିରୁଦ୍ଧ ଦୀପ, କୃଷ୍ଣଚନ୍ଦ୍ର ଭରାସାଗର ଓ ବିଭୂତିଭୂଷଣ ଜଗଦଲା ଭେଟି ଅଞ୍ଚଳର ପୋଲିସର ସହଯୋଗରେ ଜନସାଧାରଣଙ୍କ ସାମ୍ବିଧାନିକ ଅଧିକାର କିପରି ଅଧିକଭାବେ ମିଳି ପାରିବ ତାହା ଉପରେ ଆଲୋଚନା କରିଥିଲେ । ଥାନାକୁ ଆସୁଥିବା ବିଭିନ୍ନ ସମସ୍ୟାକୁ ନେଇ ଉଚିତ ନ୍ୟାୟ ମିଳିବା ନେଇ ଥାନା ଅଧିକାରୀ ମେହେରଙ୍କୁ କର୍ମକର୍ତ୍ତାମାନେ ଦୃଷ୍ଟି ଆକର୍ଷଣ କରିଥିଲେ ।

# ଚକ୍ଷୁ କର୍ମିକ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



ଚକ୍ଷୁ କର୍ମିକ ପ୍ରଶିକ୍ଷଣ କେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ବୀରମହାରାଜପୁର, ୬।୮ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଣ୍ଡାପାଲିଠାରେ ମହାନଦୀ ନେତ୍ର ଚିକିତ୍ସାଳୟ ପରିସରରେ ନୂତନ ଭାବେ ନିର୍ମିତ ଚକ୍ଷୁ କର୍ମିକ ପ୍ରଶିକ୍ଷଣ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଡାକ୍ତରଖାନ ପରିସରରେ ସେବା ଫାଉଣ୍ଡେଶନ ସହାୟତାରେ ଚକ୍ଷୁ କର୍ମିକ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ ସମାରୋହରେ ଡାକ୍ତର ଦେବେନ୍ଦ୍ର ସାହୁ ଅଧକ୍ଷତା କରିଥିଲେ । ଫାଉଣ୍ଡେଶନ ମୁଖ୍ୟ ସୁଶ୍ରୀ ଉମା ଭାରତୀ, ଡ଼ା ଅସୀମ ସିଲ, ଡାକ୍ତରଖାନା ନିର୍ଦ୍ଦେଶକ କୁଲଦୀପ ସିଂ କେନ୍ଦ୍ରକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ଲେପ୍ରା ସୋସାଇଟି ଅଧୀକ୍ଷକ କେ.ଅରୁଣ କୁମାର, କାର୍ଯ୍ୟକ୍ରମ ମୁଖ୍ୟ ମାଧବ କୁମାର ମିଶ୍ର, ଚକ୍ଷୁ ଚିକିତ୍ସା ପରିଚାଳକଙ୍କ ସହିତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବାଇକ୍ ଧକ୍କାରେ ଗୁରୁତର ସାଇକେଲ ଚାଳକଙ୍କ ମୃତ୍ୟୁ

ଡୁଙ୍ଗୁରିପାଲି, ୬।୮ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ୨୬ ନମ୍ବର ଜାତୀୟ ରାଜପଥ ଶିଶୁ ମନ୍ଦିର ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ ଧକ୍କାରେ ଗୁରୁତର ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଡୁଙ୍ଗୁରିପାଲି ବୈଦ୍ୟପାଲି ପଞ୍ଚାୟତ ଲରିଆବାହାଲର ନାରାୟଣ ଜାଲ (୬୦) । ବୁଧବାର ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥା ତାଙ୍କର ମୃତ୍ୟୁ ଘଟିଛି । ମଙ୍ଗଳବାର ସନ୍ଧ୍ୟାରେ ନାରାୟଣ ଡୁଙ୍ଗୁରିପାଲିରୁ ଘରକୁ ସାଇକେଲ ଯୋଗେ ଫେରୁଥିବା ବେଳେ ୨୬ଜାତୀୟ ରାଜପଥର ଶିଶୁ ମନ୍ଦିର ଛକ ନିକଟରେ ତାଙ୍କୁ ଏକ ବାଇକ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ନାରାୟଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ବୁଧବାର ପରିବାର ଲୋକେ ବୁର୍ଲାରୁ ମରଶରୀର ଘରକୁ ଆଣିଥିଲେ ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଇଇ(ଜି)/ଚକ୍ରଧରପୁର, ଦ.ପୂ. ରେଳପଥ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଟେଣ୍ଡରକୁ ଅଣଦେଖା କରିଦିଆଯିବ । **ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ତାରିଖ: ୩୮-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୫।୦୮।୨୦୨୫ ।** କାର୍ଯ୍ୟର ନାମ: ଚକ୍ରଧରପୁର ମଣ୍ଡଳରେ ଲୋଡିଂ ସାଇଡିଂଠାରେ ଆଲୋକୀକରଣର ଉନ୍ନତୀକରଣ ପାଇଁ ହାଇ ମାଷ୍ଟ ଟାୱାର୍ସ (୩୦ ଗୋଟି)ର ବ୍ୟବସ୍ଥା ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧,୪୯,୭୫,୭୨୨.୭୦ । ଇଏମ୍‌ଡି: ₹୨,୨୪,୯୦୦। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ୍ୟ । ବନ୍ଦ ହେବା/ଖୋଲାଯିବା ତାରିଖ: ୦୮।୦୯।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-488)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-BAM-486, ତା. 31.07.2025ରିଖ

କାର୍ଯ୍ୟର ନାମ : 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଞ୍ଚାର/ବ୍ରହ୍ମପୁର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଞ୍ଚାର ଜୋନାଲ (Zonal) କାର୍ଯ୍ୟ ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 47,60,942.40, EMD (ଟଙ୍କାରେ) : 95,200/- ।

ବିଡ୍ ଆରମ୍ଭ ହେବା ତାରିଖ : ତା.08.08.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.08.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-436/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.29/ET/SBP/ENGG/2025-26, ତା.01.08.2025ରିଖ

(1)ଇ-ଟେଣ୍ଡର ସଂ.07-eT-SETT-SBP-25

କାର୍ଯ୍ୟର ନାମ : 24 ମାସ ଅବଧି ନିମନ୍ତେ ସମ୍ବଲପୁର ଠାରେ ରେଲୱେ ଷ୍ଟାଡିୟମ୍‌ର ମରାମତି ଏବଂ ରକ୍ଷଣାବେକ୍ଷଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 38,76,315.85, ବିଡ୍ ସିକ୍ୟୁରିଟି (ଟଙ୍କାରେ): 77,600/- ।

(2)ଇ-ଟେଣ୍ଡର ସଂ.31-eT-DENC-SBP-25

କାର୍ଯ୍ୟର ନାମ : 24 ମାସ ଅବଧି ନିମନ୍ତେ ହୀରାକୁଦ (HKG) ଠାରେ ହଲିଡେ ହୋମ୍ ଏବଂ ବରଗଡ଼ ରୋଡ଼ (BRGA) ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଏବଂ ରକ୍ଷଣାବେକ୍ଷଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 36,06,222.65, ବିଡ୍ ସିକ୍ୟୁରିଟି (ଟଙ୍କାରେ): 72,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/- ।

କାର୍ଯ୍ୟ ଶେଷ ହେବା ଅବଧି : 24 ମାସ (ଉଭୟ ଟେଣ୍ଡର ନିମନ୍ତେ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.08.2025 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-435/Q/25-26

**TPWODL**
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
ଧ୍ୟାନ ଦିଅନ୍ତୁ !

ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ

ନୂତନ ବିଦ୍ୟୁତ୍ ସଂଯୋଗ ଶିବିର

ଜନସାଧାରଣଙ୍କୁ ଅନୁରୋଧ, ନୂତନ ବିଦ୍ୟୁତ୍ ସଂଯୋଗର ଦରଖାସ୍ତ ପାଇଁ ଅଗଷ୍ଟ ମାସର ତା. ୭ ଓ ୮ ରିଖ, ୨୦୨୫ ଦିନ ସକାଳ ୧୦.୩୦ ରୁ ସନ୍ଧ୍ୟା ୦୫.୩୦ ପର୍ଯ୍ୟନ୍ତ ସମସ୍ତ ସହାୟତା ପ୍ରଦାନ କରାଯିବ ।

ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର

ଆସନ୍ତା ତା. ୧୧, ୧୨ ଏବଂ ୧୩ ରିଖ ଦିନେ ସକାଳ ୧୦.୩୦ରୁ ସନ୍ଧ୍ୟା ୦୫.୩୦ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକର ସମାଧାନ କରାଇ ନିଅନ୍ତୁ ।

ଏହି ଶିବିର ଗୁଡିକ ଟିପିଡବ୍ଲୁଓଡିଏଲ୍‌ର ସମସ୍ତ ସେକ୍ସନ, ସବ୍-ଡିଭିଜନ ଏବଂ ଡିଭିଜନ କାର୍ଯ୍ୟାଳୟରେ ଉପରୋକ୍ତ ତାରିଖ ଏବଂ ସମୟ ଅନୁଯାୟୀ ଅନୁଷ୍ଠିତ ହେବ ।

24X7 Toll-free Call Centre: 1800-345-6798

**OFFICE OF THE PRINCIPAL**
**PANCHAYAT SAMITI DEGREE COLLEGE, MURIBAHAL, BALANGIR**
E-Mail : degreecollegemuribahal@gmail.com
Ph : 06655-272007, Mob : 9438283147

**Walk in Interview**

Walk in interview for the post of lecturer in Physics on the adhoc basis under Self Financing mode will be held on Dt.13.08.2025 at 11.30 a.m. The candidates having Master Degree with minimum 55% marks should attend with personal Bio-data and original documents. Fixed remuneration as decided by Management will be paid. No TA/DA will be paid for this purpose the post is temporary and is terminable at any time without assigning any reason thereof. In case of single candidate the interview will be cancelled.

Sd./-Principal
Panchayat Samiti Degree College,
Muribahal, Balangir

**JAMSHEDPUR NOTIFIED AREA COMMITTEE**
New Kalimati Road, Sakchi-831001
E- mail ID-jnacjsr@gmail.com

**Short E- Procurement Notice**
**Tender Notice**

NIT No- JNAC/10/2025-26 Date-02.08.2025

| | | |
|---|---|---|
| 1. | Name of the work | Faecal Sludge and Septage Management Under Jamshedpur Notified Area Committee (JNAC), Hurlung Jamshedpur. (4th Call) |
| 2. | Estimated Cost (rs.) | Construction cost with operation & maintenance cost of one year total Rs. 3,33,49,799.00 |
| 3. | Cost of Bid Document (INR) | INR 10,000/- (Ten thousand Only) Non-Refundable. |
| 4. | Bid Security (INR) | Bid Security: Rs 3,33,497.00 |
| 5. | Time of Completion | 1Year |
| 6. | Date/Time of publication of tender on website | 11.08.2025 at 05:00 Pm |
| 7. | Document downloading Start date | 11.08.2025 at 05:00 Pm |
| 8. | Pre bid meeting date, Time & venue | 14.08.2025 at 03:00 Pm, JNAC Conference Hall |
| 9. | Bid Submission Start date | 18.08.2025 at 05:00 Pm |
| 10. | Bid Submission end date | 25.08.2025 at 05:00 Pm |
| 11. | Bid Opening date | 26.08.2025 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified area Committee, Jamshedpur. |
| 14. | Contact No. of procurement officer | |
| 15. | Helpline No. of E-procurement cell | |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)

Deputy Municipal Commissioner,
Jamshedpur Notified Area Committee,
Jamshedpur.

PR.NO.358963 Urban Development(25-26):D

**Office Of the Principal**
**MAHAPAT DEGREE MAHAVIDYALAYA, JANGHIRA**
Keonjhar
E-mail : principal.mahapatclg@gmail.com Mob : 9437715702
Letter No. MD/109/2025 Date : 06.08.2025

**TENDER CALL NOTICE**

Sealed quotations are invited from registered firms/authorised dealers for supply & Installation of IT equipment like Desktop computers, UPS system, MFM, LED TVs (65 Inch), wireless mice camera & internet facilities at Mahapat Degree Mahavidyalaya, Janghira, Keonjhar. Sealed tender complete in all respect should be submitted to Principal, Mahapat Degree Mahavidyalaya, Janghira, Keonjhar, Pin-758079 by speed post/Regd. Post/Courrier within the ten days of publication of advertisement.

Sd./- Principal I/c Cum Secretary
Mahapat Degree Mahavidyalaya
Janghira, Keonjhar

**झारखण्ड सरकार**
**कार्यपालक अभियंता का कार्यलिय**
**ग्रामीण विकास विशेष प्रमण्डल, धनबाद**
मोबाईल नं० : 7061981397
Email : rdsd.dhanbad@rediffmail.com

पत्रांकः–628 धनबाद / दिनांक–06.08.2025

**कार्यलिय आदेश**

इस कार्यालय के पत्रांक 581 दिनांक 17.07.2025 के द्वारा आमंत्रित निविदा सूचना सं0– 13/2025-26/RDSD/EE/Dhanbad/2nd Call का शुद्धि पत्र जिसका PR No. 357598 Rural Development (25-26)_D में प्रकाशित निविदा को अपरिहार्य कारणवशं अगले आदेश तक स्थगित किया जाता है।

PR 359014 Rural Development(25-26)#D

कार्यपालक अभियंता
ग्रामीण विकास विशेष प्रमंडल, धनबाद

**GOVERNMENT OF ODISHA** No.O-536
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**
**e-Procurement Notice**

1 Name of work : Periodical Renewal work of 5 years completed PMGSY (Post DLP) for the year 2025-26 (Annexure-A)" State Budget Grant
2 No. of work : 2 (Two) works
3 Time for completion varies from : 3 (Three) calendar months
4 Approximate estimated cost varies from : Rs.246.76 lakhs to Rs.249.76 lakhs
5 Mode of Submission of tender : Tender should be submitted online in www.tendersodisha.gov.in
6 Other details are as follow

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-10/2025-26 | 11.08.2025 at 11.00 A.M. | 26.08.2025 upto 5.00 P.M. | 25.08.2025 upto 5.00 P.M. | 30.08.2025 at 11.00 A.M. | The date will be intimated to the technically qulified bidders later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- Chief Construction Engineer
R.W.Circle, Bolangir

OIPR-25118/11/0045/2526

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: କଟକ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୩ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କ, ବକ୍ସିବାଟି ରୋଡ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୯ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ୟୁକୋ ବ୍ୟାଙ୍କ, ବକ୍ସିବାଟି ରୋଡ ଶାଖା ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ ।

| ବକ୍ସିବାଟି ରୋଡ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଆଣ୍ଡ୍ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ, ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶ, ଠିକଣା-୧: ଚନ୍ଦ୍ରାଲୋକ ଆପାର୍ଟମେଣ୍ଟ ନିକଟ, ପ୍ରଫେସରପଡା, ପୋ: କଲେଜ ସ୍କୋୟାର, ଥାନା: ମଙ୍ଗଳାବାଗ, କଟକ- ୭୫୩୦୦୩, ଠିକଣା-୨: ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ନୂଆଶାସନ, ଧୁରୁସିଆ, ଥାନା: ଖୁଣ୍ଟୁଣୀ, କଟକ - ୭୫୪୦୨୭ | ୧୯.୦୫.୨୦୨୫ ସୁଦ୍ଧା ଟ.୪୨,୫୩,୫୪୦.୪୮ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୫.୨୦୨୫ / ୦୫.୦୮.୨୦୨୫ | ମେସର୍ସ ଶ୍ରୀ ଆଣ୍ଡ୍ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ, ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୩୨/୧୧୯୮(ଅଂଶ), ଖାତା ନଂ.: ୧୬୨, ଅନୁରୂପ ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ରେଭିନ୍ୟୁ ଗ୍ରାମ: ନୂଆଶସନ, କ୍ଷେତ୍ର: ଏକର୦.୪୫୯ ଡିସିମିଲି, ନୂଆଶାସନ ଗ୍ରାମର ସୀମା ଅଧିନ, ତହସିଲ: ଆଠଗଡ, ଥାନା: ଗୁରୁଡିଝାଟିଆ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଇଡ୍‌କୋ ଜମି, ପଶ୍ଚିମ: ଇଡ୍‌କୋ ପ୍ଲଟ୍ ନଂ.: ୫/ସି, ଦକ୍ଷିଣ: ଇଡ୍‌କୋ ପ୍ଲଟ୍ ନଂ.: ୫, ପୂର୍ବ: ଇଡ୍‌କୋ ପ୍ଲଟ୍ ନଂ.: ୫/ଇ |

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୬.୦୮.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

# କଲେଜ ଭିତ୍ତିଭୂମି ସୁଦୃଢ଼, ଅଧ୍ୟାପକ ପଦବୀ ପୂରଣ ଦାବି

## ଜିଲାପାଳଙ୍କୁ ଭେଟିଲା ଜିଲା ଛାତ୍ର ସାମ୍ମୁଖ୍ୟର ପ୍ରତିନିଧି ମଣ୍ଡଳୀ

ଝାରସୁଗୁଡ଼ା, ୬।୮
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳ କୁନାଲ ମୋତିରାମ ଚୌହାନଙ୍କୁ ଭେଟି ଜିଲା ଉଚ୍ଚଶିକ୍ଷାରେ ଥିବା ସମସ୍ୟା ସମ୍ପର୍କରେ ଜିଲା ଛାତ୍ର ସାମ୍ମୁଖ୍ୟର ଏକ ପ୍ରତିନିଧି ମଣ୍ଡଳୀ ଅବଗତ କରାଇଛି। ଏଥିସହ ଏକ ଦାବିପତ୍ର ପ୍ରଦାନ କରିଛି। ବୁଧବାର ପୂର୍ବାହ୍ନରେ ସାମ୍ମୁଖ୍ୟର ଉପସଭାପତି ରବି ରୋହିଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ଭେଟି ଜିଲାରେ ଥିବା ବିଭିନ୍ନ କଲେଜର ଜମି ସମସ୍ୟା, ଖାଲି ପଡିଥିବା ଅଧ୍ୟାପକ ପଦବୀ, ଭିତ୍ତିଭୂମି ସମସ୍ୟା ସମେତ ଲକ୍ଷ୍ମୀନାରାୟଣ କଲେଜରେ ନୂତନକରି ଖୋଲିଥିବା ପିଜି ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ବୃତ୍ତି ମିଳୁ ନ ଥିବା ସମ୍ପର୍କରେ ଅବଗତ କରିଥିଲା। ସେହିପରି ଲକ୍ଷ୍ମୀନାରାୟଣ କଲେଜର ସରକାରୀକରଣ ଓ ସମସ୍ତ ବିଷୟରେ ପିଜି ଏବଂ ବି.ଏଡ୍ ପାଠ୍ୟକ୍ରମ ଖୋଲିବା ବାବଦରେ ଜଣାଇଥିଲା। ପିଜି ପାଠ୍ୟକ୍ରମ ଖୋଲିବା ସମୟରେ ଛାତ୍ରୀଛାତ୍ରଙ୍କ ଆଡ୍‌ମିଶନ ଅର୍ଥ ଜିଲା ଖଣିଜ ପାଣ୍ଠି ବହନ କରିବ ବୋଲି ପୂର୍ବତନ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ଜିଲା ପ୍ରଶାସନ କିଭଳି ପୂରଣ କରିବ ସେ ବିଷୟରେ ଆଲୋଚନା ହୋଇଥିଲା। ବେଦାନ୍ତର ସିଏସ୍‌ଆର୍ ପକ୍ଷରୁ ହେବାକୁଥିବା ନୂତନ ହଷ୍ଟେଲ, ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଅଡିଟୋରିୟମ ଓ ନୂତନ ଶ୍ରେଣୀଗୃହ ନିର୍ମାଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଜିଲାପାଳ ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସାମ୍ମୁଖ୍ୟର ନୂତନ ଭାବେ ଦାୟିତ୍ୱ ନେଇଥିବା ସଭାପତି ଅସୀମ ପଟେଲ, ସଙ୍ଗଠନ ସମ୍ପାଦକ ଜିତେନ୍ଦ୍ରିୟ ଧୁରୁଆ, ରୋଶନ ଗୌଡ଼, ବିବେକାନନ୍ଦ ହୋତା, ଗିରିଶ ପଟେଲ, ଆକାଶ ମେଘା, ସିମିଲି ପ୍ରଧାନ, ବବି ବାରାଲା, ପଲ୍ଲବୀ ପାଣିଗ୍ରାହୀ, ମୋନାଲିସା ସାହୁ, ନିରୁପମା ଦନ୍ତା, ସୁନନ୍ଦା ବିଶ୍ୱାଳ, ମୋନାଲିସା ଓଝାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ପ୍ରମୁଖ ଛାତ୍ର ନେତା ତଥା ନେତ୍ରୀ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ପୂର୍ଣ୍ଣ ଅନୁଦାନ, ପେନ୍‌ସନ ସୁବିଧା ଦାବି



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ।

ଦେବଗଡ଼,୬।୮ (ଶଶାଙ୍କ ଶେଖର ଝାଙ୍କର)

ପୂର୍ଣ୍ଣ ଅନୁଦାନ, ପେନ୍‌ସନ୍ ସୁବିଧା ଏବଂ ଅସଙ୍ଗତି ଦୂର କରିବା ଦାବିରେ ବୁଧବାର ନିଖିଳ ଓଡ଼ିଶା ୬୬୨(ଯୁକ୍ତ ୨ ଓ ଯୁକ୍ତ ୩)ଅନୁଦାନପ୍ରାପ୍ତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଦେବଗଡ଼ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନିଖିଳ ଓଡ଼ିଶା ୬୬୨ ଅନୁଦାନପ୍ରାପ୍ତ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଆହ୍ୱାନକ୍ରମେ ବୁଧବାର ପୂର୍ବାହ୍ନରେ ସଂଘର ଜିଲା ସଭାପତି ବିଜୟ କୁମାର ଶତପଥୀଙ୍କ ନେତୃତ୍ୱରେ ବହୁ ସଦସ୍ୟା, ସଦସ୍ୟ ନୂତନ ବସ୍‌ଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ସଂଘର ଦାବି ପୂରଣ କ୍ଷେତ୍ରରେ ସରକାରଙ୍କ ଉଦାସୀନତାକୁ ସଂଘର କର୍ମକର୍ତ୍ତା ଓ ସଦସ୍ୟ ଦୃଢ ସମାଲୋଚନା କରିଥିଲେ। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଆଇଏ ନିର୍ଦ୍ଦେଶ ୨୦୦୮ ଓ ୨୦୧୪ ଅନୁଯାୟୀ ୬୬୨ ଅନୁଦାନପ୍ରାପ୍ତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କୁ ପେନ୍‌ସନ୍ ସୁବିଧା ନିଶ୍ଚିତ କରି ଅସଙ୍ଗତି ଦୂର କରିବା ସହ ସମାନ କାମକୁ ସମାନ ଦରମା ପ୍ରଦାନ ପାଇଁ ଉପରୋକ୍ତ ସ୍ମାରକପତ୍ର ଜରିଆରେ ଦାବି କରାଯାଇଛି।

## କୋଲ୍ ଇଣ୍ଡିଆ ଏସ୍‌ସି/ ଏସ୍‌ଟି କର୍ମଚାରୀ ସଂଘର ନୂତନ କମିଟି ଗଠନ

ବ୍ରଜରାଜନଗର, ୬।୮ (ବିଜୟ ବରାଡ଼)

ସ୍ଥାନୀୟ ମହାନଦୀ କୋଇଲା କମ୍ପାନୀ ଅଧୀନ ଇବ୍ ଭ୍ୟାଲି କୋଇଲା କ୍ଷେତ୍ରରେ ଥିବା କୋଲ୍ ଇଣ୍ଡିଆ ଏସ୍‌ସି/ ଏସ୍‌ଟି ଏମ୍ପ୍ଲଇଜ୍ ଆସୋସିଏଶନ (ସିଷ୍ଟା)ର ହିଲ୍‌ଟପ୍ କଲୋନୀସ୍ଥିତ ସିଷ୍ଟା କାର୍ଯ୍ୟାଳୟରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଇବ୍ ଭ୍ୟାଲି ଏରିଆର ନୂତନ କମିଟି ଗଠନ କରାଯାଇଥିଲା। କମିଟି ସଭାପତି ଭାବେ ଶ୍ରୀ ଅର୍ଜୁନ, କାର୍ଯ୍ୟକାରୀ ସଭାପତି ଉଗ୍ରସେନ କୁମାର ତନ୍ତି, ଉପସଭାପତି ଦୀପକ କୁମାର, ସାଧାରଣ ସମ୍ପାଦକ ରବି ରୋହିଦାସ, ଯୁଗ୍ମ ସମ୍ପାଦକ ଧୀରେନ ଟପ୍ପୋ, ସଙ୍ଗଠନ ସମ୍ପାଦକ କ୍ଷୀତିପତି ଗୁର୍ଲି, କୋଷାଧ୍ୟକ୍ଷ ବଳରାମ ନାଏକ ଏବଂ ସହାୟକ କୋଷାଧ୍ୟକ୍ଷ ଭାବେ ଭଗବାନ ଧୁରୁଆଙ୍କୁ ଚୟନ କରାଯାଇଛି। ଏଥିସହ ଉପଦେଷ୍ଟା ଭାବେ ଡା. କପିଳ ଅଶୋକ ଭୋୟାର, ସନ୍ତୋଷ କୁମାର ମିର୍ଦ୍ଧା, ଲକ୍ଷ୍ମଣ ଗରୁଡ଼, ସୁବାସ ଚନ୍ଦ୍ର ଜାଲି, ଚନ୍ଦ୍ରକିଶୋର ଗଣ୍ଡ ଏବଂ ୨୦ ଜଣଙ୍କୁ କାର୍ଯ୍ୟକାରୀ ସଦସ୍ୟ ରୂପେ ଚୟନ କରାଯାଇଛି। ସିଷ୍ଟା ଇବ୍ କୋଲ୍‌ଫିଲ୍ଡ୍‌ର ସଭାପତି ଅକାଲୁ ରାମ ବୈଠକରେ ସଭାପତିତ୍ୱ କରିଥିବାବେଳେ ସିଷ୍ଟା ସମଲେଶ୍ୱରୀ ଖଣି ୟୁନିଟ୍‌ର ସଭାପତି ଈଶ୍ୱର ଆନନ୍ଦ ସତ୍‌ନାମୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏ ସମ୍ପର୍କରେ ଏମ୍‌ସିଏଲ୍ ଇବ୍ ଭ୍ୟାଲି ଏରିଆ ମହାପ୍ରବନ୍ଧକଙ୍କୁ ଚିଠି ଜରିଆରେ ସିଷ୍ଟା ଇବ୍ କୋଲ୍‌ଫିଲ୍ଡ୍‌ର ସଭାପତି ଅକାଲୁ ରାମ ଜଣାଇଛନ୍ତି।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବେଲପାହାଡ଼, ୬।୮ (ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ବାସନ୍ତୀ ହସ୍ପିଟାଲରେ ନିଃଶୁଳ୍କ ଚିକିତ୍ସା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତା ବାସନ୍ତୀ ପ୍ରଧାନଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ଶିବିରରେ ଉକ୍ତ ହସ୍ପିଟାଲର ନିର୍ଦ୍ଦେଶକ ଡା. ରାଜକୁମାର ପ୍ରଧାନଙ୍କ ସମେତ ଅନ୍ୟ ଡାକ୍ତରମାନେ ଯୋଗଦେଇ ରୋଗୀଙ୍କ ଆର୍‌ବିଏସ୍, ଏଚ୍‌ବିଏଆଇସି, ଏଚ୍‌ବି, ୟୁରିକ୍ ଏସିଡ୍, ପେରିଫେରିଆଲ ନାଚୁରୋପ୍ୟାଥି ଡାଇଗ୍ନୋସିସ ଆଦି ପରୀକ୍ଷା କରିବା ସହ ମାଗଣାରେ ଔଷଧ ପ୍ରଦାନ କରିଥିଲେ। ଏହି ଶିବିରରେ ୫୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ଭିଡିଓ ଖବରଦାତାଙ୍କ ପରଲୋକ

ସମ୍ବଲପୁର, ୬।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁରରେ ଜଣାଶୁଣା ଭିଡିଓ ଖବରଦାତା ମନୋଜ ନାୟକ(୪୨)ଙ୍କ ବୁଧବାର ରାତି ୯ଟାରେ ଭିମସାରରେ ପରଲୋକ ହୋଇଯାଇଛି। ସକାଳେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତିକରାଯାଇଥିଲା। ସ୍ତ୍ରୀ, ସାତବର୍ଷର ପୁଅ ଏବଂ ତାଙ୍କ ମା'ବାପା ରହିଛନ୍ତି। ଗତ ୧୭ ବର୍ଷ ହେବ ସେ ବିଭିନ୍ନ ପ୍ରମୁଖ ଟେଲିଭିଜନ ଗଣମାଧ୍ୟମରେ ଭିଡିଓ ଖବରଦାତା ଭାବେ କାର୍ଯ୍ୟ କରିଆସୁଥିଲେ। ସମ୍ବଲପୁର ପ୍ରେସ କ୍ଲବ, ସମ୍ବଲପୁର ସାମ୍ବାଦିକ ସଂଘ ପକ୍ଷରୁ ଗଭିର ଶୋକ ପ୍ରକାଶ କରାଯାଇଛି।

# ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଉପଖଣ୍ଡୀୟସ୍ତରୀୟ ହସ୍ପିଟାଲରେ ରୂପାନ୍ତର କରାଯାଉ

## ଦେବଗଡ଼ ଜିଲା ଯୁବ ଏକତା ମଞ୍ଚର ବୈଠକ

ଦେବଗଡ଼,୬।୮
(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଗୋପାଳଜୀ ମନ୍ଦିର ପରିସରସ୍ଥ ବଜରଙ୍ଗ ମଣ୍ଡପଠାରେ ବୁଧବାର ଦେବଗଡ଼ ଜିଲା ଯୁବ ଏକତା ମଞ୍ଚର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫୁଲ୍ଲ କୁମାର ନାୟକ, ସୁରଞ୍ଜିତ ମହାପାତ୍ର, ଜନ୍ମାଜୟ ନାୟକ, ଜତିନ କୁମାର ନାୟକ, ସନ୍ତୋଷ କୁମାର ଦେବତା, ଅର୍ଣ୍ଣବ ପଣ୍ଡା, ମାନସ ରଞ୍ଜନ ଦ୍ୱିବେଦୀ, ଅସୀମ ପଟ୍ଟନାୟକ, ଶୁଭମ୍ ବେହେରା, ଅହିଂସା ନାୟକ, ପ୍ରବୀଣ କୁମାର ସାମଲ, ରଞ୍ଜିତ୍ ଆଚାର୍ଯ୍ୟ ଓ ମଞ୍ଜୁଲତା ନାୟକଙ୍କ ସମେତ ବହୁ ସଦସ୍ୟାସଦସ୍ୟ ଓ ଜନସାଧାରଣ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜିଲାର ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବିଶେଷକରି ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ, ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଉପଖଣ୍ଡୀୟସ୍ତରୀୟ ଚିକିତ୍ସାଳୟରେ ରୂପାନ୍ତରିତ କରିବା ସହ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପ୍ରଦାନ, ୭ ତାରିଖ ଗୁରୁବାରଠାରୁ ଦେବଗଡ଼ ପୌରାଞ୍ଚଳ ଅଧୀନ ସମସ୍ତ ୱାର୍ଡରେ ଜନସାଧାରଣଙ୍କୁ ଯୋଗାଯୋଗ କରି ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ଥିତି ସମ୍ପର୍କରେ ସଚେତନ କରାଯିବା ଏବଂ ଏ ସମ୍ପର୍କରେ ଜିଲାପାଳଙ୍କୁ ଦିଆଯାଇଥିବା ଦାବି ପୂରଣ ହୋଇ ନ ଥିବାରୁ ଏନେଇ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା ।

# ଲଖନପୁର ପଞ୍ଚାୟତ ସମିତି ବୈଠକ

ଲଖନପୁର, ୬।୮ (ଗୌତମ ସାହୁ)

ଲଖନପୁର ବ୍ଲକ ସଭାଗୃହଠାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁତେଶ୍ୱରୀ ଡିହିରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ୍‌ର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ମତବ୍ୟକ୍ତ କରିଥିଲେ। ବର୍ଷା ହେଲେ ଏହି ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟର ଶ୍ରେଣୀଗୃହରୁ ପାଣି ଝରୁଛି। ଖରିଫ୍ ଧାନ ବିକ୍ରି ପାଇଁ ପଞ୍ଜୀକରଣରେ ହେଉଥିବା ସମସ୍ୟା, ବୃହତ୍ ପାନୀୟଜଳ ଯୋଗାଣରେ ଅବ୍ୟବସ୍ଥା, ସ୍ଥାନୀୟ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରୁଥିବା ଓପିଜିସି ପକ୍ଷରୁ ୩୩ ପଞ୍ଚାୟତର ପାରିପାର୍ଶ୍ୱିକ ବିକାଶ ପାଇଁ ଅର୍ଥ ମଞ୍ଜୁର, ଖୋଲାମୁହଁ କୋଇଲା ଖଣି ଏମ୍‌ସିଏଲ୍ ପକ୍ଷରୁ ଖଣି ପାର୍ଶ୍ୱ ଗ୍ରାମଗୁଡିକର ବିକାଶ କାର୍ଯ୍ୟରେ ମନ୍ଥରତାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ବୈଠକରେ ବିଡିଓ ବିନୟ କୁମାର ପଟେଲ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଜିଲା ପରିଷଦ ସଦସ୍ୟ ସନତ୍‌ସିଂ, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଚକାନନ ସା, ଅତିରିକ୍ତ ତହସିଲଦାର କୁଳମଣି ଦଳେଇ, ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବିପର୍ଯ୍ୟୟ ସମୟରେ ଉଦ୍ଧାର କୌଶଳ ଶିଖିଲେ ଛାତ୍ରୀଛାତ୍ର


କାର୍ଯ୍ୟକ୍ରମରେ ଛାତ୍ରୀଙ୍କୁ ଉଦ୍ଧାର କୌଶଳ ପ୍ରଶିକ୍ଷଣ ଦିଆଯାଉଛି।

ଦେବଗଡ଼, ୬।୮
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଜରୁରୀକାଳିନ ବିଭାଗ ଓ କଟକ ମୁଣ୍ଡୁଳିସ୍ଥିତ ତୃତୀୟ ବାଟାଲିୟନ ଏନ୍‌ଡିଆରଏଫ୍‌ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ବୁଧବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଡିଆରଏଫ୍ ଟିମ୍ କମାଣ୍ଡର ଅଭିଜିତ୍ ସାହୁ, ଇନ୍‌ସପେକ୍ଟର ଅଭିଶେକ ଶର୍ମାଙ୍କ ସମେତ କର୍ମଚାରୀ ଯୋଗଦେଇ ବିପର୍ଯ୍ୟୟ ସମୟରେ କିଭଳି ଭାବେ ଲୋକଙ୍କୁ ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ଦେବଗଡ଼ କଲେଜ ଛାତ୍ରୀଛାତ୍ରଙ୍କୁ ଶିଖାଇଥିଲେ। ସେହିପରି କଳାମାଟିସ୍ଥିତ ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଏହି ବିଷୟରେ ଶିକ୍ଷା ଦିଆଯାଇଥିଲା।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଇଇ(ଜି)/ଚକ୍ରଧରପୁର, ଦ.ପୂ. ରେଳପଥ ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଟେଣ୍ଡରକୁ ଅଣଦେଖା କରିଦିଆଯିବ । **ଇ–ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ତାରିଖ: ୩୮-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୫।୦୮।୨୦୨୫ । କାର୍ଯ୍ୟର ନାମ:** ଚକ୍ରଧରପୁର ମଣ୍ଡଳରେ ଲୋଡିଂ ସାଇଡିଂଠାରେ ଆଲୋକୀକରଣର ଉନ୍ନତୀକରଣ ପାଇଁ ହାଇ ମାଷ୍ଟ ଟାୱାର୍ସ (୩୦ ଗୋଟି)ର ବ୍ୟବସ୍ଥା ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ। **ଟେଣ୍ଡର ମୂଲ୍ୟ: ₹୧,୪୯,୭୫,୭୨୨.୭୦ । ଇଏମ୍‌ଡି: ₹୨,୨୪,୯୦୦। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ୍ୟ । ବନ୍ଦ ହେବା/ଖୋଲାଯିବା ତାରିଖ: ୦୮।୦୯।୨୦୨୫ । ଟେଣ୍ଡର ୱେବସାଇଟ୍ http:// www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । (PR-488)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-BAM-486, ତା. 31.07.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଞ୍ଚାର/ବ୍ରହ୍ମପୁର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଞ୍ଚାର ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 47,60,942.40, EMD (ଟଙ୍କାରେ) : 95,200/-।

ବିଡ୍ ଆରମ୍ଭ ହେବା ତାରିଖ : ତା.08.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼
PR-436/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.29/ET/SBP/ENGG/2025-26, ତା.01.08.2025ରିଖ

(1)ଇ-ଟେଣ୍ଡର ସଂ.07-eT-SETT-SBP-25

**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ସମ୍ବଲପୁର ଠାରେ ରେଲୱେ ଷ୍ଟାଡିୟମ୍‌ର ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 38,76,315.85, ବିଡ୍ ସିକ୍ୟୁରିଟି (ଟଙ୍କାରେ): 77,600/-।

(2)ଇ-ଟେଣ୍ଡର ସଂ.31-eT-DENC-SBP-25

**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ହୀରାକୁଦ (HKG) ଠାରେ ହଲିଡେ ହୋମ୍ ଏବଂ ବରଗଡ଼ ରୋଡ଼ (BRGA) ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 36,06,222.65, ବିଡ୍ ସିକ୍ୟୁରିଟି (ଟଙ୍କାରେ): 72,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-।

କାର୍ଯ୍ୟ ଶେଷ ହେବା ଅବଧି : 24 ମାସ (ଉଭୟ ଟେଣ୍ଡର ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.08.2025 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-435/Q/25-26

**GOVERNMENT OF ODISHA** No.O-536
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**
**e-Procurement Notice**

1 Name of work : **Periodical Renewal work of 5 years completed PMGSY (Post DLP) for the year 2025-26 (Annexure-A)" State Budget Grant**
2 No. of work : 2 (Two) works
3 Time for completion varies from : 3 (Three) calendar months
4 Approximate estimated cost varies from : Rs.246.76 lakhs to Rs.249.76 lakhs
5 Mode of Submission of tender : Tender should be submitted online in www.tendersodisha.gov.in
6 **Other details are as follow**

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-10/2025-26 | 11.08.2025 at 11.00 A.M. | 26.08.2025 upto 5.00 P.M. | 25.08.2025 upto 5.00 P.M. | 30.08.2025 at 11.00 A.M. | The date will be intimated to the technically qulified bidders later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- Chief Construction Engineer
R.W.Circle, Bolangir
OIPR-25118/11/0045/2526

**TPWODL**
ଧ୍ୟାନ ଦିଅନ୍ତୁ! TP WESTERN ODISHA DISTRIBUTION LIMITED (A Joint Venture of Tata Power and Government of Odisha) ଧ୍ୟାନ ଦିଅନ୍ତୁ!

ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ

**ନୂତନ ବିଦ୍ୟୁତ୍ ସଂଯୋଗ ଶିବିର**

ଜନସାଧାରଣଙ୍କୁ ଅନୁରୋଧ, ନୂତନ ବିଦ୍ୟୁତ୍ ସଂଯୋଗର ଦରଖାସ୍ତ ପାଇଁ ଅଗଷ୍ଟ ମାସର ତା. ୭ ଓ ୮ ରିଖ, ୨୦୨୫ ଦିନ ସକାଳ ୧୦.୩୦ ରୁ ସନ୍ଧ୍ୟା ୦୫.୩୦ ପର୍ଯ୍ୟନ୍ତ ସମସ୍ତ ସହାୟତା ପ୍ରଦାନ କରାଯିବ ।

**ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର**

ଆସନ୍ତା ତା. ୧୧, ୧୨ ଏବଂ ୧୩ ରିଖ ଦିନ ସକାଳ ୧୦.୩୦ରୁ ସନ୍ଧ୍ୟା ୦୫.୩୦ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକର ସମାଧାନ କରାଇ ନିଅନ୍ତୁ ।

ଏହି ଶିବିର ଗୁଡିକ ଟିପିଡବ୍ଲୁଓଡିଏଲ୍‌ର ସମସ୍ତ ସେକ୍ସନ, ସବ୍-ଡିଭିଜନ ଏବଂ ଡିଭିଜନ କାର୍ଯ୍ୟାଳୟରେ ଉପରୋକ୍ତ ତାରିଖ ଏବଂ ସମୟ ଅନୁଯାୟୀ ଅନୁଷ୍ଠିତ ହେବ ।

24X7 Toll-free Call Centre: 1800-345-6798

**JAMSHEDPUR NOTIFIED AREA COMMITTEE**
New Kalimati Road, Sakchi-831001
E- mail ID-jnacjsr@gmail.com

**Short E- Procurement Notice**
**Tender Notice**
NIT No- JNAC/10/2025-26 Date-02.08.2025

| | | |
|---|---|---|
| 1. | Name of the work | Faecal Sludge and Septage Management Under Jamshedpur Notified Area Committee (JNAC), Hurlung Jamshedpur. (4th Call) |
| 2. | Estimated Cost (rs.) | Construction cost with operation & maintenance cost of one year total Rs. 3,33,49,799.00 |
| 3. | Cost of Bid Document (INR) | INR 10,000/- (Ten thousand Only) Non-Refundable. |
| 4. | Bid Security (INR) | Bid Security: Rs 3,33,497.00 |
| 5. | Time of Completion | 1Year |
| 6. | Date/Time of publication of tender on website | 11.08.2025 at 05:00 Pm |
| 7. | Document downloading Start date | 11.08.2025 at 05:00 Pm |
| 8. | Pre bid meeting date, Time & venue | 14.08.2025 at 03:00 Pm, JNAC Conference Hall |
| 9. | Bid Submission Start date | 18.08.2025 at 05:00 Pm |
| 10. | Bid Submission end date | 25.08.2025 at 05:00 Pm |
| 11. | Bid Opening date | 26.08.2025 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified area Committee,Jamshedpur. |
| 14. | Contact No. of procurement officer | |
| 15. | Helpline No. of E-procurement cell | |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)

Deputy Municipal Commissioner,
Jamshedpur Notified Area Committee,
Jamshedpur.
PR.NO.358963 Urban Development(25-26):D

**OFFICE OF THE PRINCIPAL**
**PANCHAYAT SAMITI DEGREE COLLEGE,**
**MURIBAHAL, BALANGIR**
E-Mail : degreecollegemuribahal@gmail.com
Ph : 06655-272007, Mob : 9438283147

**Walk in Interview**

Walk in interview for the post of lecturer in Physics on the adhoc basis under Self Financing mode will be held on Dt.13.08.2025 at 11.30 a.m. The candidates having Master Degree with minimum 55% marks should attend with personal Bio-data and original documents. Fixed remuneration as decided by Management will be paid. No TA/DA will be paid for this purpose the post is temporary and is terminable at any time without assigning any reason thereof. In case of single candidate the interview will be cancelled.

Sd./-Principal
Panchayat Samiti Degree College,
Muribahal, Balangir

Office Of the Principal
**MAHAPAT DEGREE MAHAVIDYALAYA, JANGHIRA**
Keonjhar
E-mail : principal.mahapatclg@gmail.com Mob : 9437715702
Letter No. MD/109/2025 Date : 06.08.2025

**TENDER CALL NOTICE**

Sealed quotations are invited from registered firms/authorised dealers for supply & Installation of IT equipment like Desktop computers, UPS system, MFM, LED TVs (65 Inch), wireless mice camera & internet facilities at Mahapat Degree Mahavidyalaya, Janghira, Keonjhar. Sealed tender complete in all respect should be submitted to Principal, Mahapat Degree Mahavidyalaya, Janghira, Keonjhar, Pin-758079 by speed post/Regd. Post/Courrier within the ten days of publication of advertisement.

Sd./- Principal I/c Cum Secretary
Mahapat Degree Mahavidyalaya
Janghira, Keonjhar

**झारखण्ड सरकार**
**कार्यपालक अभियंता का कायलिय**
**ग्रामीण विकास विशेष प्रमण्डल, धनबाद**
मोबाईल नं0 : 7061981397
Email : rdsd.dhanbad@rediffmail.com

पत्रांकः–628 धनबाद / दिनांक–06.08.2025

**कायलिय आदेश**

इस कार्यालय के पत्रांक 581 दिनांक 17.07.2025 के द्वारा आमंत्रित निविदा सूचना सं0– 13/2025-26/RDSD/EE/Dhanbad/2nd Call का शुद्धि पत्र जिसका PR No. 357598 Rural Development (25-26)_D में प्रकाशित निविदा को अपरिहार्य कारणवशं अगले आदेश तक स्थगित किया जाता है।

PR 359014 Rural Development(25-26)#D
कार्यपालक अभियंता
ग्रामीण विकास विशेष प्रमंडल, धनबाद

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: କଟକ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୩ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ବଜ୍ରକବାଟି ରୋଡ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୯ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ବଜ୍ରକବାଟି ରୋଡ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ବଜ୍ରକବାଟି ରୋଡ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଆଣ୍ଡ୍ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ, ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶ, ଠିକଣା-୧: ଚନ୍ଦ୍ରାଲୋକ ଆପାର୍ଟମେଣ୍ଟ ନିକଟ, ପ୍ରଫେସରପଡା, ପୋ: କଲେଜ ସ୍କୋୟାର, ଥାନା: ମଙ୍ଗଳାବାଗ, କଟକ- ୭୫୩୦୦୩, ଠିକଣା-୨: ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ନୂଆଶାସନ, ଧୁରୁସିଆ, ଥାନା: ଖୁଣ୍ଟୁଣୀ, କଟକ - ୭୫୪୦୨୭ | ୧୯.୦୫.୨୦୨୫ ସୁଦ୍ଧା ଟ.୪୨,୫୩,୫୪୦.୪୮ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୫.୨୦୨୫ / ୦୫.୦୮.୨୦୨୫ | ମେସର୍ସ ଶ୍ରୀ ଆଣ୍ଡ୍ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ, ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୩୨/୧୧୯୮(ଅଂଶ), ଖାତା ନଂ.: ୧୬୨, ଅନୁରୂପ ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ରେଭିନ୍ୟୁ ଗ୍ରାମ: ନୂଆଶସନ, କ୍ଷେତ୍ର: ଏକର୦.୪୫୯ ଡିସିମିଲି, ନୂଆଶାସନ ଗ୍ରାମର ସୀମା ଅଧିନ, ତହସିଲ: ଆଠଗଡ, ଥାନା: ଗୁରୁଡିଝାଟିଆ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଇଡ୍‌କୋ ଜମି, ପଶ୍ଚିମ: ଇଡ୍‌କୋ ପ୍ଲଟ୍ ନଂ.: ୫/ସି, ଦକ୍ଷିଣ: ଇଡ୍‌କୋ ପ୍ଲଟ୍ ନଂ.: ୫, ପୂର୍ବ: ଇଡ୍‌କୋ ପ୍ଲଟ୍ ନଂ.: ୫/ଇ |

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୬.୦୮.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

## ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ବରଗଡ଼(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ବରଗଡ ଭଟଲି ରାସ୍ତାର ପିପଲମୁଣ୍ଡା ବୁଲାଣି ନିକଟରେ ବୁଧବାର ରାତି ପ୍ରାୟ ସାଢ଼େ ୮ଟାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ବାଇକ୍ ଚାଳକ ନାମ ଠିକଣା ଜଣାପଡିନାହିଁ। ଏକ ହାଇୱା ଗାଡ଼ି ଭଟଲି ପଟୁ ଆସି ତେଲ ସରି ଯାଇଥିବାରୁ ଉକ୍ତ ବୁଲାଣୀ ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିଲା । ସେହି ସମୟରେ ଭଟଲି ପଟୁ ଆସୁଥିବା ବାଇକ୍ ହାଇୱା ଗାଡ଼ିକୁ ପଛପଟୁ ଧକ୍କା ଦେଇଥିଲା ।

# ଛାତ୍ରୀ ନିର୍ଯାତନା ପ୍ରତିବାଦରେ ବିକ୍ଷୋଭ

### ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ପଦ୍ମପୁର, ୬।୮ (ପ୍ରଦୀପ୍ତ ଦାଶ): ଓଡ଼ିଶାରେ କ୍ରମାଗତ ଭାବେ ବଢ଼ିଚାଲିଥିବା ମହିଳା ଏବଂ ଛାତ୍ରୀ ନିର୍ଯାତନା ପ୍ରତିବାଦରେ ପଦ୍ମପୁର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର ଓ ଥାନା ଅଧିକାରୀ ମମତା ନାଏକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଟାଉନ ହଲ୍‌ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଶତାଧିକ ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ଅଞ୍ଚଳ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଜେନିଥ୍ ଓ ଜିଷ୍ଟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ସୌମ୍ୟାଶ୍ରୀଙ୍କ ମୃତ୍ୟୁର ଅଭିଯୁକ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା, ତାହାର ପୁନରାବୃତ୍ତି ନ ହେବା, ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା, ଅପରାଧ ନିୟନ୍ତ୍ରଣ ପାଇଁ ନିଶା କାରବାର ବନ୍ଦ ଲାଗି ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ରାଜ୍ୟ ସରକାରଙ୍କ ଉପରେ ବିଭିନ୍ନ ନାରାବାଜି ଦେଇ ଇସ୍ତଫା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏସ୍‌ଡିପିଓ ଶବର ସ୍ମାରକପତ୍ର ଗ୍ରହଣ କରି ଏଥିପ୍ରତି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ୬୬୨ବର୍ଗ କଲେଜ ସଂଘର ବିକ୍ଷୋଭ

ବରଗଡ,୬।୮(ପ୍ରେମାନନ୍ଦ ଖମାରୀ)

ପେନସନ ଓ ଚାକିରି ସର୍ତ୍ତାବଳୀ ଦାବିରେ ୬୬୨ ବର୍ଗ କଲେଜ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ବରଗଡ ଜିଲା ୬୬୨ ବର୍ଗ ଅନ୍ତର୍ଗତ ମହାବିଦ୍ୟାଳୟ ଗୁଡ଼ିକର ଅଧ୍ୟାପକ ଓ କର୍ମଚାରୀମାନେ ବୁଧବାର ସ୍ଥାନୀୟ ବରଗଡ଼ ଗାନ୍ଧୀଛକ ନିକଟରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ବିକ୍ଷୋଭ ପ୍ରଦର୍ଶନ ସହିତ ପ୍ରତିବାଦ ସଭା କରିଥିଲେ। ଏହାପରେ ପେନସନ ଓ ଚାକିରି ସର୍ତ୍ତାବଳୀ ସମ୍ବଳିତ ଦାବିପତ୍ରକୁ ଓଡ଼ିଶା ମୁଖ୍ୟମନ୍ତ୍ରୀ, ଭାରତର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ସଂଘର ସଭାପତି ଅଶୋକ କୁମାର ବେହେରା, ଉପ ସଭାପତି ଗୋପାଳକୃଷ୍ଣ ମିଶ୍ର, ସମ୍ପାଦକ ସୁଶାନ୍ତ ମିଶ୍ର, ସହ ସମ୍ପାଦକ ଜଗଦୀଶ ଦେବତା, କୋଷାଧ୍ୟକ୍ଷ ସୁରେଶ ପରିଡ଼ା, ଅଧ୍ୟାପକ ବିଜୟ ମିଶ୍ର, ତାରିଣୀ ଦେବତା, ପ୍ରଶାନ୍ତ ପଣ୍ଡା, ସରୋଜ ଦେବତା, ନମିତା ବିଶି, ରାଜଶ୍ରୀ ମିଶ୍ରଙ୍କ ସମେତ ଅନେକ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ପ୍ରମୁଖ ଉପସ୍ଥିତ ହୋଇ ଦାବିପତ୍ର ପ୍ରଦାନ କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୬୬୨ ବର୍ଗ କଲେଜ ସଂଘ ।

### ପେନସନ ଓ ଚାକିରି ସର୍ତ୍ତାବଳୀ ଦାବି

ସୂଚନାଯୋଗ୍ୟ, ଏହି ବର୍ଗର କଲେଜଗୁଡ଼ିକ ଗ୍ରାମାଞ୍ଚଳରେ ଉଚ୍ଚଶିକ୍ଷାର ପ୍ରାୟ ୭୦ଭାଗ ଦାୟିତ୍ୱ ବହନ କରୁଛନ୍ତି। ସରକାର ସବୁବେଳେ ଏମାନଙ୍କୁ ଉପେକ୍ଷା କରୁଥିବା ଅଭିଯୋଗ ହେଉଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସଂଘର କର୍ମକର୍ତ୍ତାମାନେ କହିଛନ୍ତି, ୩୦ ବର୍ଷ ପୂର୍ବରୁ ସ୍ଥାପିତ ହୋଇ ଆସିଥିବା ଏହି ମହାବିଦ୍ୟାଳୟ ଗୁଡିକ ପର୍ଯ୍ୟାୟକ୍ରମେ ଅନୁଦାନ ପରିସରଭୁକ୍ତ ହୋଇଥିଲେ ମଧ୍ୟ ଏହି ବର୍ଗର କର୍ମଚାରୀଙ୍କୁ ସରକାର ଏପର୍ଯ୍ୟନ୍ତ ଚାକିରି ସର୍ତ୍ତାବଳୀ ଦେଇନାହାନ୍ତି କିମ୍ବା ପେନସନ ପରିସରଭୁକ୍ତ କରି ନାହାନ୍ତି। ଫଳରେ ଅଧ୍ୟାପକ ଓ କର୍ମଚାରୀମାନେ ଖାଲି ହାତରେ ଅବସର ନେଉଛନ୍ତି। ପେନ୍ସନ, ଗ୍ରାଚ୍ୟୁଇଟି କିମ୍ବା କୌଣସି ଅବସରକାଳୀନ ସୁବିଧାରୁ ବଞ୍ଚିତ ଏହି କର୍ମଚାରୀମାନେ ଅବସର ପରେ ମାତ୍ରାଧିକ ଯନ୍ତ୍ରଣା ଭୋଗ କରୁଛନ୍ତି। ଏ ନେଇ ସରକାରଙ୍କ ନିକଟରେ ବାରମ୍ବାର ଦାବି କରାଯାଉଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରି ନାହିଁ। ରାଜ୍ୟରେ ନୂଆ ସରକାର ଆସିବାର ଏକବର୍ଷ ବିତି ଯାଇଥିଲେ ମଧ୍ୟ ନୂତନ ପେନସନ ନୀତି ଘୋଷଣା କରି ନାହାନ୍ତି। ନୂତନ ସରକାରଙ୍କୁ ସମ୍ମାନ ଜଣାଇ ସଂଘ ଏକବର୍ଷ ହେଲା ଆନ୍ଦୋଳନକୁ ସ୍ଥଗିତ ରଖି ସରକାରଙ୍କ ସହ ଆଲୋଚନା ପାଇଁ ପ୍ରୟାସ କରିଥିଲା। କିନ୍ତୁ ଏହାଦ୍ୱାରା କୌଣସି ସୁଫଳ ଏପର୍ଯ୍ୟନ୍ତ ମିଳିଲା ନାହିଁ। ଏହାର ପ୍ରତିବାଦରେ ବାଧ ହୋଇ ସଂଘ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ସରକାର ସଂଘ ସହିତ ଆଲୋଚନା କରି ସମାଧାନର ବାଟ ବାହାର ନ କରନ୍ତି, ତେବେ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିଶାଳ ସମାବେଶ କରାଯିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

# ଦାବି ପୂରଣ ନ ହେଲେ ୧୬ରୁ ଆନ୍ଦୋଳନ

ପଦ୍ମପୁର,୬।୮ (ପ୍ରଦୀପ୍ତ ଦାଶ)

ସ୍ଥାନୀୟ ଟାଉନ୍ ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟା ସଭାପତି ପ୍ରମୋଦ ଚନ୍ଦ୍ର ନାଥଙ୍କ ସଭାପତିତ୍ୱରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଷ୍ଟା ରାଜ୍ୟ ଉପଦେଷ୍ଟା ସତ୍ୟନାରାୟଣ ତ୍ରିପାଠୀ, ଜିଲା ଉପଦେଷ୍ଟା ପ୍ରୀତିରଞ୍ଜନ ପଧାନ ଓ ଚୂଳ ସୁନ୍ଦର ମେହେର ମଞ୍ଚାସୀନ ଥିଲେ। ସମ୍ପାଦକ ରବି ଶଙ୍କର ପଧାନ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ପେନ୍‌ସନ ପ୍ରଦାନ, ଚାକିରି ସର୍ତ୍ତାବଳୀ, ଅବସର ବୟସ ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ'ରେ ଅସଙ୍ଗତ ଦୂର ସହ ଅନୁଦାନଯୋଗ୍ୟ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ ଦାବିଗୁଡ଼ିକୁ ନେଇ ଚଳିତ ମାସ ୮ ତାରିଖରେ ଜିଲାପାଳ ମହୋଦୟଙ୍କ ମାଧ୍ୟମରେ ଓଡ଼ିଶା ସରକାରଙ୍କୁ ଦାବିପତ୍ର ଦେବା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯଦି ଚଳିତ ମାସ ୧୫ ସୁଦ୍ଧା ସରକାର ଦାବି ପୂରଣ ନ କରନ୍ତି, ତେବେ ଅଗଷ୍ଟ ୧୬ରେ ଭୁବନେଶ୍ୱର ପିଏମ୍‌ଜି ରାସ୍ତାଠାରେ ଆନ୍ଦୋଳନ କରିବାକୁ ସଂଘ ଚେତାବନୀ ଦେଇଛି। ଶେଷରେ ଜିଲା ପରିଚାଳନା କମିଟି ସଦସ୍ୟ ପ୍ରସନ୍ନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

**ପାଇକମାଲ(ବଡ଼ ଶତପଥୀ)** ସେହିପରି ପାଇକମାଳ ବ୍ଲକସ୍ତରୀୟ 'ଓଷ୍ଟା' ଶିକ୍ଷକ ସଙ୍ଗଠନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାଇକମାଳଠାରେ ସଙ୍ଘର ଉପସଭାପତି ସୁଶାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଂଘ ସମ୍ପାଦକ ଜୀବର୍ଦ୍ଧନ ବିଶି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରତ୍ୟେକ ବର୍ଷ ଅଗଷ୍ଟ ୧୬ ତାରିଖକୁ 'ଶିକ୍ଷକ ଦାବି ଦିବସ' ରୂପେ ପାଳନ କରାଯାଇଥାଏ । ଏଣୁ ଏହି ଦିବସକୁ ସଫଳ କରିବା ପାଇଁ ଭୁବନେଶ୍ୱର ଗାନ୍ଧୀ ମାର୍ଗକୁ ପାଇକମାଳ ବ୍ଲକର ପ୍ରତ୍ୟକ ବିଦ୍ୟାଳୟରୁ ଶିକ୍ଷକ ପ୍ରତିନିଧି ପହଞ୍ଚିବା ପାଇଁ ବୟୋଜ୍ୟେଷ୍ଠ ଉପଦେଷ୍ଟା ନନ୍ଦଲାଲ ନାୟକ ସମସ୍ତଙ୍କୁ ଅନୁରୋଧ କରିଥିଲେ। 'ଓଷ୍ଟା' ସଙ୍ଗଠନରେ ନୂତନ ସଭ୍ୟ ପଞ୍ଜୀକରଣ ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ଓଷ୍ଟା ଟେଷ୍ଟ ପେପର, ପ୍ରଶ୍ନପତ୍ରର ଉପାଦେୟତା ଉପରେ ଓଷ୍ଟାର ବରିଷ୍ଠ ସଦସ୍ୟ ଭବାନୀଶଙ୍କର ଭୋଇ ଆଲୋଚନା କରିଥିଲେ। ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମାଇ ଚରଣ ଦାଶ ସମସ୍ତ ଶିକ୍ଷକ ଏକତ୍ରିତ ରହିଲେ ଓଷ୍ଟା ସଙ୍ଗଠନ ମାଧ୍ୟମରେ ଶିକ୍ଷକଙ୍କ ଦାବିଗୁଡ଼ିକ ସରକାରଙ୍କଠାରୁ ସହଜରେ ହାସଲ କରିହେବ ବୋଲି ପରାମର୍ଶ ଦେଇଥିଲେ। ବୈଠକରେ ପାଇକମାଳର ବିଭିନ୍ନ ବିଦ୍ୟାଳୟରୁ ୩୦ ଜଣ ଶିକ୍ଷକ ପ୍ରତିନିଧି ଯୋଗ ଦେଇଥିଲେ। ଶେଷରେ ଓଷ୍ଟା ସଙ୍ଗଠନର ବୟୋଜ୍ୟେଷ୍ଠା ସଦସ୍ୟା ଅନିମା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମୂହିକ ସ୍ୱାଧୀନତା ଦିବସ ପାଳନ ପାଇଁ ସବ୍ କମିଟି ଗଠିତ

ଅତାବିରା,୬।୮(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକରେ ସାମୂହିକ ସ୍ୱାଧୀନତା ଦିବସ ପାଳନ ପାଇଁ ବୁଧବାର ଅପରାହ୍ନରେ ସବ୍ କମିଟି ଗଠନ କରି ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଚଳିତବର୍ଷ ମହାସମାରୋହରେ ସାମୂହିକ ସ୍ୱାଧୀନତା ଦିବସ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ସାମ୍ନା ପଡ଼ିଆରେ ଅନୁଷ୍ଠିତ ହେବ। ଏଥିପାଇଁ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନାଥ ସୁନାଙ୍କ ଅଧ୍ୟକ୍ଷତାରେ ବୁଧବାର ଅପରାହ୍ନ ସାଢ଼େ ୩ଟାରେ ବ୍ଲକ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋଶଳ ଅବସରପ୍ରାପ୍ତ ସୈନିକ ସଂଘର ବରିଷ୍ଠ ସଦସ୍ୟ ଅରୁଣ ବାରିକ ବୈଠକର ଉଦ୍ଦେଶ୍ୟ ଓ ବିଭିନ୍ନ ସବ୍‌କମିଟି ରୂପରେଖ ଉପସ୍ଥାପନ କରିଥିଲେ । ଅତାବିରା ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ପ୍ରଭାତଫେରି, ଜାତୀୟ ପତାକା ଉତ୍ତୋଳନ ଓ ପରେଡ଼, ଜାତୀୟ ସଙ୍ଗୀତ ଗାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ମିଷ୍ଟାନ୍ନ ବଣ୍ଟନ, ପାନୀୟ ଜଳ ବଣ୍ଟନ, ସ୍କୁଲରେ ଆଗୁଆ ପ୍ରତିଯୋଗିତା, ଉତ୍ସବ ସ୍ଥାନ ପ୍ରସ୍ତୁତି, ମିଡିଆ ଓ ପ୍ରଚାର ପ୍ରସାର, ସଂଯୋଜନା ତଥା ଉପଦେଷ୍ଟା ଆଦି ସବ୍‌କମିଟି ଗଠନ କରି ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ବିଡିଓ ରିପୁନାଥ ସୁନାଙ୍କ ସମେତ ଅତାବିରା ଏନ୍‌ଏସି ଅଧ୍ୟକ୍ଷ ବନମାଳୀ ବରିହା, ତହସିଲଦାର କେ. ରିଟୀ କୁମାର, ଥାନା ଆଇଆଇସି ପ୍ରକାଶ କର୍ଣ୍ଣ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ମଞ୍ଚାସୀନ ଥିଲେ। କୋଶଳ ଅବସରପ୍ରାପ୍ତ ସୈନିକ ସଂଘ, ଓକିଲ ସଂଘ, ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚ, ଭିଏସ୍‌ଏସ୍ କ୍ଲବ, ବଣିକ ସଂଘ, କୃଷକ ସଂଘ, ବରିଷ୍ଠ ନାଗରିକ ସଂଘ, ମାରୱାଡି ସମାଜ, ଜନ କଲ୍ୟାଣ କୁଲିତା ସମାଜ, କୋଶଳ ଆନ୍ଧ୍ର ସାଂସ୍କୃତିକ ସଂଘ, ଦୁର୍ଗା ମନ୍ଦିର କମିଟି, ଟ୍ରକ ମାଲିକ ସଂଘ, ମୁସ୍‌ଲିମ କମିଟି, ଖବରଦାତା ସଂଘ ଆଦି ଅନୁଷ୍ଠାନର ସଦସ୍ୟମାନେ ଅଂଶଗ୍ରହଣ କରି ଆଲୋଚନାରେ ନିଜ ନିଜ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଶେଷରେ ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚର ସଭାନେତ୍ରୀ ଦର୍ଶନା ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।




ମାନ ପ୍ରଦାନ ସମାରୋହରେ ଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଛାତ୍ରୀଛାତ୍ରଙ୍କୁ ମାନ ପ୍ରଦାନ ସମାରୋହ

ବରଗଡ଼,୬।୮(ପ୍ରେମାନନ୍ଦ ଖମାରୀ)

କ୍ରୀଷ୍ଣା ବିକାଶ ଗ୍ରୁପ ଅନ୍ତର୍ଗତ ବରଗଡ଼ ସିମେଣ୍ଟ ନଗର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ମାନ ପ୍ରଦାନ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଏସିସି ବରଗଡ଼ ସିମେଣ୍ଟ ୱାର୍କ୍ସର ମୁଖ୍ୟ ସୁକାନ୍ତ ସାମନ୍ତ ମୁଖ୍ୟଅତିଥି ଏବଂ କ୍ରୀଷ୍ଣା ବିକାଶ ଗ୍ରୁପର ନିର୍ଦ୍ଦେଶକ ଡଃ ସମରେନ୍ଦ୍ରନାଥ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସନାତନ ମହାପାତ୍ର ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ମାଧ୍ୟମରେ ଛାତ୍ର ନେତୃତ୍ୱର ମୂଲ୍ୟ ବିଷୟରେ ଆଲୋଚନା କରିଥିଲେ। ଏହା ସହିତ ଦାୟିତ୍ୱପୂର୍ଣ୍ଣଭାବେ କାର୍ଯ୍ୟ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ସେ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ର ପରିଷଦର ନବନିର୍ବାଚିତ ପଦାଧିକାରୀ ତଥା ହେଡ୍ ଗାର୍ଲ, ହେଡ୍ ବୟ, ହାଉସ୍ କ୍ୟାପଟେନ, ଭାଇସ୍ କ୍ୟାପଟେନମାନଙ୍କୁ ବ୍ୟାଜ୍ ପ୍ରଦାନ ସହିତ ପଦବୀ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ସମସ୍ତ ଛାତ୍ର ପରିଷଦର ପଦାଧିକାରୀଙ୍କୁ ଶପଥ ପାଠ କରାଯାଇଥିଲା। ଶପଥ ପାଠରେ ପଦାଧିକାରୀବୃନ୍ଦ ବିଦ୍ୟାଳୟର ଗୌରବ, ଶିଷ୍ଟାଚାର, ନୀତିର ରକ୍ଷା କରିବା ପାଇଁ ପ୍ରତିଜ୍ଞା କରିଥିଲେ। ମୁଖ୍ୟ ଅତିଥି ସାମନ୍ତ ଏବଂ ଅନ୍ୟତମ ଅତିଥି ବି.ସି ଡବ୍ଲୁ ନୂତନ ପଦାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନେତୃତ୍ୱ, ଦୟାର ମୂଲ୍ୟ ବୁଝି ଚାଲିବାକୁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଡ.ପଣ୍ଡା ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କଠାରୁ ଉତ୍ତମ ପ୍ରଦର୍ଶନ କରୁଥିବା ଯୋଗୁ ଖୁସି ବ୍ୟକ୍ତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବାପୁନ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାରୋହକୁ ଦଶମ ଶ୍ରେଣୀର ଛାତ୍ରୀ ପ୍ରତୀକ୍ଷା ଦାଶ ଏବଂ ଛାତ୍ର ଅରବିନ୍ଦ ଗୋଡବର୍ତୀ ସଂଯୋଜନା କରିଥିଲେ। ହେଡ୍ ଗାର୍ଲ ପ୍ରତୀକ୍ଷା ହରପାଲ ଏବଂ ହେଡ୍ ବୟ ସଂକଳ୍ପ ଶେଖର ପଣ୍ଡା ଦାୟିତ୍ୱ ଗ୍ରହଣ କରି ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଦଶମ ଶ୍ରେଣୀ ଛାତ୍ରୀ ରାସେଶ୍ୱରୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସଂସ୍କୃତ ସପ୍ତାହ ପାଳନ ଉଦ୍‌ଘାଟନ ସମାରୋହରେ ଚାରାରୋପଣ

ଭଟଲି,୬।୮(ବିଜୟ ମେହେର)

ସଂସ୍କୃତ ଭାରତୀ ଆନୁକୂଲ୍ୟରେ ସଂସ୍କୃତ ସପ୍ତାହ ପାଳନର ଉଦ୍‌ଘାଟନ ସମାରୋହ ଅବସରରେ ବୁଧବାର ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ଭାରତୀର ପଶ୍ଚିମ ପ୍ରାନ୍ତୀୟ ଅଧ୍ୟକ୍ଷ ତଥା ସ୍ଥାନୀୟ ମହାବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ପ୍ରାଧାପକ ଆୟୁଷ୍ମାନ୍ତ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରକୃତିପ୍ରେମୀ ଦୟାନିଧି ପଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଦଧିବାମନ ମହାବିଦ୍ୟାଳୟର ଶିକ୍ଷା ବିଭାଗ ପ୍ରାଧାପକ ଚୁଡ଼ାମଣି ରଥ, ଇଂଲିଶ ବିଭାଗର ପ୍ରାଧାପକ ବିଶ୍ୱଜିତ ହୋତା, ସଂସ୍କୃତ ଭାରତୀ ଭଟଲି ବ୍ଲକ ଅଧ୍ୟକ୍ଷ ଗିରିଧାରୀ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ବର୍ତ୍ତମାନ ସମୟରେ ସଂସ୍କୃତ ଭାଷାର ଆବଶ୍ୟକତାକୁ ହୃଦୟଙ୍ଗମ କରିବା ସହିତ ପ୍ରଚାର ପ୍ରସାର ପାଇଁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସଂସ୍କୃତ ସପ୍ତାହ ପାଳନ ୬ ଅଗଷ୍ଟରୁ ଆରମ୍ଭ କରି ଆସନ୍ତା ୧୨ ତାରିଖରେ ସମାପନ କରାଯିବ । ସେବାଶ୍ରୀ ମହାପାତ୍ର, ଶିଖା ସାହୁ ଓ ରଶ୍ମିତା ପଧାନ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଅଧ୍ୟାପିକା ମୁକ୍ତା କେଶରୀ ସାମ୍ପ୍ରତ ମଞ୍ଚ ପରିଚାଳନା କରିଥିଲେ। ଏହି ସଂସ୍କୃତ ସପ୍ତାହ ପାଳନ ଉପଲକ୍ଷେ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ଗ୍ରାମ ପରିକ୍ରମା ସହ ପଥପ୍ରାନ୍ତ ନାଟକ, ରକ୍ଷାବନ୍ଧନ, ଗଙ୍ଗାଧର ଜୟନ୍ତୀ ପାଳନ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ, ସ୍ତୋତ୍ରପାଠ, ଆଶୁଭାଷଣ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ଛାତ୍ରୀ ନିବାସ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପରିଶେଷରେ ସଂସ୍କୃତ ଅଧ୍ୟାପକ ଆଦିତ୍ୟ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।


ଭଟଲି ଦଧିବାମନ କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ।

# ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ପ୍ରସ୍ତୁତି ବୈଠକ

ଭଟଲି,୬।୮(ବିଜୟ ମେହେର)

ଭଟଲି ବ୍ଲକ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ କୁଲତା ସମାଜର ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ଏକ ପ୍ରସ୍ତୁତି ବୈଠକ ନୂଆଁଗଡ଼ ରାମଚଣ୍ଡୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଟଲି ବ୍ଲକ କୁଲତା ସମାଜ ସଭାପତି ସଞ୍ଜୟ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ମାଧବ ପ୍ରସାଦ ସାହୁ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପସଭାପତି ବୈରାଗୀ ସାହୁ ବୈଠକ ପରିଚାଳନା କରିଥିଲେ। ସୋମବାର ସନ୍ଧ୍ୟାରେ ଆଦି ପୀଠ କମଗାଁଠାରେ ସମସ୍ତେ ସମ୍ମିଳିତ ହୋଇ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା ପୂର୍ବକ ନୂଆଁଖାଇ ଭେଟଘାଟ ପାଇଁ ଆଜ୍ଞା ମାଗିଥିଲେ। ତଦଅନୁଯାୟୀ ଆସନ୍ତା ସେପ୍ଟେମ୍ବର ୫ ତାରିଖ ଶୁକ୍ରବାର ନୂଆଁଗଡ଼ ସ୍ଥିତ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ ନୂଆଁଖାଇ ଭେଟଘାଟ-୨୦୨୫ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହେଲା। ଉକ୍ତ ଦିନ ପ୍ରଥମେ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କ ସ୍ୱତନ୍ତ୍ର ପୂଜା ଆଦି ପୀଠ କମଗାଁ ଏବଂ ନୂଆଁଗଡ଼ ମନ୍ଦିରର ପୂଜକମାନେ ସମ୍ପାଦିତ କରିବେ। ରାଜା ବଳରାମ ଦେଓଙ୍କ ଗଡ଼ ନୂଆଁଗଡ଼ରେ ଭଟଲି ବ୍ଲକ କୁଲତା ସମାଜ ଦ୍ୱାରା ହେବାକୁ ଥିବା ନୂଆଁଖାଇ ଭେଟଘାଟ ଏକ ଐତିହାସିକ ପଦକ୍ଷେପ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ପୂଜା, ଅଭ୍ୟର୍ଥନା, ଖାଦ୍ୟ ଯୋଗାଯୋଗ, ସାଂସ୍କୃତିକ, ପ୍ରଚାର ପ୍ରସାର ତଥା ଆର୍ଥିକ କମିଟି ଗଠନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ଏକ ଉପଦେଷ୍ଟା କମିଟି ମଧ୍ୟ ଗଠନ ହୋଇଥିଲା।

# ଲିଟିଲ୍ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଉତ୍ସବ

ବରପାଲି,୬।୮(ଚିତ୍ତରଞ୍ଜନ ସାହୁ)

ବରପାଲି ଲିଟିଲ୍ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲର ୨୫ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ସୁବ୍ରତମୁଣ୍ଡ, ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର କୁଳଦୀପ ଆନନ୍ଦ, ଆତିଶ ବେହେରା, ରାଜ ସାହାଂଶୁ ବିଶ୍ୱାଳ ଓ ସିମରନ ତ୍ରିପାଠୀ ପେନାଲିଷ୍ଟ ଭାବେ ଯୋଗ ଦେଇଥିଲେ। ଛାତ୍ରୀ ଶ୍ରଦ୍ଧାସୁମନ ଦୀପ ଓ ଆକାଂକ୍ଷା ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଦିବଂଗତ ସଂଗ୍ରାମ ସିଂ ଏବଂ ମହିଳା କର୍ମଚାରୀ ଦିବଂଗତା ତପସ୍ୱିନୀ ଦାଶଙ୍କ ଉତ୍ତରାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟ ଲିଟିଲ୍ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲ ବରପାଲି ଓ ଡୁଙ୍ଗୁରିପାଲିର ଛାତ୍ରୀଛାତ୍ରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ କ୍ୟାରିୟର ସଚେତନତାକୁ ନେଇ ପେନାଲିଷ୍ଟମାନଙ୍କ ଆଲୋଚନା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କ୍ୟାରିୟର କାଉନ୍ସିଲର ଭାବେ ବିଶାଳ ଅଗ୍ରୱାଲ, ଆକାଶ ଦେବତା, ଘନସୁନ୍ଦର ଗଡ଼ତିଆ, ସାତୀକା ସାହୁ, ଯଶ ଅଗ୍ରୱାଲ ପ୍ରମୁଖ ପୁରାତନ ଛାତ୍ରୀଛାତ୍ରମାନେ କ୍ୟାରିୟର ଗାଢ଼ିବା ପାଇଁ ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଯାହା ଲୋଡ଼ା ତାହାରି ଉପରେ ସଂକ୍ଷେପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କ୍ଲବ ପ୍ରଦର୍ଶନୀର ଆୟୋଜନ କରାଯିବା ସହ ଶିବାନୀ ଟେକ୍ନୋଲୋଜି, ଫର୍ନିଚର ସିଟି, ଲିଡ ଗ୍ରୁପ, ଯୁଲୋ, କୋଡୟା ପବ୍ଲିକେଶନ, ବୁକ୍ ପଏଣ୍ଟ, ଏଡୁଲାଇନ ପବ୍ଲିଶର୍ସ, ଆଲୋକ ଡ୍ରେସେସ୍, ରଚନା ସାଗର ପ୍ରାଇଭେଟ ଲିମିଟେଡ, ରତ୍ନା ସାଗର, ନବାବ ବେକେରି ଆଣ୍ଡ ଫାଷ୍ଟଫୁଡ୍, ମଧୁବନ ଡେଲି ନିଉ୍ସ, ବିଦ୍ୟାର୍ଥୀ, ଭିସୋନି ଆଦି ସଂସ୍ଥା ଯୋଗ ଦେଇଥିଲେ। ବରଗଡ଼ ଜିଲାରୁ ବହୁ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ବରପାଲି ଓ ଡୁଙ୍ଗୁରିପାଲି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ।


ପ୍ରତିଷ୍ଠା ଦିବସ ପାଳନ କରାଯାଉଛି।

# ଉପଯୁକ୍ତ ଭିତ୍ତିଭୂମି ନହେବା ଯାଏ ୟୁଏସ୍ ବନ୍ଦ ଦାବି

### ପାଇକମାଳ ଶିକ୍ଷକ ସଂଘର ଦାବିପତ୍ର

ପାଇକମାଳ,୬।୮(ବଡ଼ ଶତପଥୀ)

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ସରକାର ଆରମ୍ଭ କରିବାକୁ ଯାଉଛନ୍ତି ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ(ୟୁଏସ୍)। ଏହାଦ୍ୱାରା ସ୍କୁଲଗୁଡ଼ିକୁ ଶିକ୍ଷକ ଯୋଗାଇଦେବା, ସ୍କୁଲ ମନିଟରିଂ କରିବା, ଛୁଟି ମଞ୍ଜୁର, ବଣ୍ଟନ ବ୍ୟବସ୍ଥା ପରିଚାଳନା, ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଓ ଡ୍ରପ୍‌ଆଉଟ ରୋକିବା, ଶିକ୍ଷକ ଓ କର୍ମଚାରୀ ଉପସ୍ଥାନ ତଥା ଅଭିଯୋଗ ଗ୍ରହଣ ଆଦି ଅନ୍ତର୍ଭୁକ୍ତ ରହିଛି। କିନ୍ତୁ ଆଜି ମଧ୍ୟ ବରଗଡ଼ ଜିଲା ପାଇକମାଳ ବ୍ଲକ ଭଳି ଆଦିବାସୀ ଓ ଅନୁସୂଚିତ ଜାତି ବହୁଳ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ଅନେକ ସମସ୍ୟା ରହିଛି। ଏପରିକି ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ ଲାଗୁ କରିବା ପାଇଁ ପାଇକମାଳ ବ୍ଲକ ଅଞ୍ଚଳରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ତେବେ ଆବଶ୍ୟକ ଭିତ୍ତିଭୂମି ନଥାଇ ଏହା ଲାଗୁ କରିବା ବିଭାଗୀୟ ଦୂରଦୃଷ୍ଟିର ଅଭାବ ବୋଲି ପାଇକମାଳ ବ୍ଲକ ଏନ୍‌ପିଏସ୍ ପ୍ରାଥମିକ ଶିକ୍ଷକ ସଂଘ ଅସନ୍ତୋଷ ପ୍ରକାଶ କରିଛି। ଆବଶ୍ୟକୀୟ ଭିତ୍ତିଭୂମି ଯଥା ଶିକ୍ଷକ ନିଯୁକ୍ତି, ମୋବାଇଲ ଫୋନ ପ୍ରଦାନ, ନେଟ୍ ପ୍ୟାକ, କମ୍ପ୍ୟୁଟର ଶିକ୍ଷକ ନ ଯୋଗାଇବା ପର୍ଯ୍ୟନ୍ତ ଏହି ନିଷ୍ପତ୍ତିକୁ ସ୍ଥଗିତ ରଖିବା ପାଇଁ ବରଗଡ଼ ଜିଲା ସଙ୍ଗଠନ ତରଫରୁ ସରକାରଙ୍କୁ ପୂର୍ବରୁ ଦାବି କରାଯାଇଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ବିଦ୍ୟାଳୟରେ ଶିକ୍ଷକ ଅଭାବ, ଶିଶୁବାଟିକା ପାଇଁ ଶ୍ରେଣୀଗୃହ ଅଭାବ, ଅଣଶିକ୍ଷାଦାନ କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କୁ ନିୟୋଜନ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସମସ୍ୟା ସୃଷ୍ଟି କରୁଛି। ସେହିପରି ରାଜ୍ୟର ଅଧିକାଂଶ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ଅଧିକାଂଶ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଛି। ଏହି ପରିସ୍ଥିତିରେ ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ ଲାଗୁ କରିବା ଆଦୌ ସମ୍ଭବ ନୁହେଁ ବୋଲି ମିଳିତ ଶିକ୍ଷକ ସଂଘ ଦର୍ଶାଇଛି। ଏଣୁ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ସହିତ ଶିକ୍ଷକମାନଙ୍କୁ ବୋଝମୁକ୍ତ କରାଇଲେ ସରକାରଙ୍କ ଏହି ଡିଜିଟାଲ ରୂପରେଖ ଓ ଶିଶୁବାଟିକା ବ୍ୟବସ୍ଥା ସାକାର ହୋଇପାରିବ। ସେହିପରି ଉପଯୁକ୍ତ ଭିତ୍ତିଭୂମୀ ନ ହେବାଯାଏ ଏହା ବନ୍ଦ କରିବାକୁ ପାଇକମାଳ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସରକାରଙ୍କୁ ଦାବି କରାଯାଇଛି। ବୁଧବାର ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଶତାଧିକ କର୍ମକର୍ତ୍ତା ପାଇକମାଳ ବିଇଓ ଅଦନ ସୁନାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ନିରାକାର ପ୍ରଧାନ, ଉପସଭାପତି ବୈଷ୍ଣବ ପଣ୍ଡା, ସମ୍ପାଦକ ଚକ୍ରଧର ଅଜଗର କୋଷାଧ୍ୟକ୍ଷ ରଞ୍ଜନ ବାଗଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସଂଘର କର୍ମକର୍ତ୍ତା ସାମିଲ ହୋଇଥିଲେ।



ବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବଡ଼ଗାଁ ଥାନାରେ ୫ ଏଏସ୍ଆଇଙ୍କ ଯୋଗଦାନ

ବଡ଼ଗାଁ, ୬।୮ (ଅଶୋକ ଷଡ଼ଙ୍ଗୀ): ବଡ଼ଗାଁ ଥାନାରେ ନୂତନ ଭାବେ ୫ ଜଣ ଏଏସ୍ଆଇ କାର୍ଯ୍ୟରେ ଯୋଗଦେଇଛନ୍ତି। ଲେଫ୍ରିପଡ଼ା ଥାନାରୁ ତପନ କୁମାର ବେହେରା ଓ ରମେଶ ଚନ୍ଦ୍ର ମୁଣ୍ଡା, କିଞ୍ଜିରିକେଲା ଥାନାରୁ ବନିସନ ନାଏକ, ଧାରୁଆଡିହି ଥାନାରୁ ସସ୍ମିତା ନାଗ, ସୁନ୍ଦରଗଡ଼ ମୁଖ୍ୟାଳୟରୁ ଦିଲୀପ କୁମାର ନନ୍ଦଙ୍କୁ ବଡ଼ଗାଁ ଥାନାରେ ନୂତନଭାବେ ଅବସ୍ଥାପିତ କରାଯାଇଛି। ପ୍ରକାଶଯୋଗ୍ୟ, ବଡ଼ଗାଁ ଥାନା ଏଏସ୍ଆଇ ଗୋପୀନାଥ ଓଝାଙ୍କ କୁତ୍ରା ଥାନା ଓ ଉମାକାନ୍ତ ନାଏକଙ୍କ କିଞ୍ଜିରିକେଲା ଥାନାକୁ ବଦଳି ହୋଇଛି।

# କୋଶଳାଞ୍ଚଳରେ ପୁଣି ଉଠିଲା ହାଇକୋର୍ଟ ବେଞ୍ଚ ଦାବି

ରାଉରକେଲା, ୬।୮ (ସଙ୍ଗୀତା ଜେନା)

କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଆବାହକ ପ୍ରମୋଦ ମିଶ୍ର ଉଠାଇଥିବା କୋଶଳାଞ୍ଚଳରେ ହାଇକୋର୍ଟ ବେଞ୍ଚ ଦାବିକୁ ପୂର୍ଣ୍ଣ ସମର୍ଥନ ଜ୍ଞାପନ କରିଛନ୍ତି କୋଶଳ ଜନତା ଦଳର ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର। ରାଉରକେଲାରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ ମିଶ୍ର କହିଛନ୍ତି, ଓଡ଼ିଶାରେ ଭାରତୀୟ ଜନତା ପାର୍ଟି ସରକାରକୁ ଆସିଲେ ପଶ୍ଚିମ ଓଡ଼ିଶାର କୌଣସି ଏକ ସ୍ଥାନରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ସେତେବେଳେ ମନମୋହନ ସାମଲ ଭାଜପା ରାଜ୍ୟ ସଭାପତି ଥିଲେ । ଏବେ ସାମଲ ପୁନର୍ବାର ରାଜ୍ୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କର ଏହି ପ୍ରତିଶ୍ରୁତି ବିଶେଷ କରି ମହାରାଷ୍ଟ୍ରର କୋହ୍ଲାପୁରରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପରିପ୍ରେକ୍ଷୀରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମହାରାଷ୍ଟ୍ରରେ ହେବ, ଓଡ଼ିଶାରେ କାହିଁକି ହୋଇ ପାରିବନି ବୋଲି ପ୍ରଶ୍ନ ଉଠାଇଛନ୍ତି। ସାଧାରଣ ଜନତା ଏହି ଦାବି ହାସଲରେ ସକ୍ରିୟ ଭାବେ ଆନ୍ଦୋଳନର ଭାଗିଦାର ହୁଅନ୍ତୁ ବୋଲି ସେ କୋଶଳାଞ୍ଚଳବାସୀଙ୍କୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, କେବଳ ପଶ୍ଚିମାଞ୍ଚଳ ନୁହେଁ ବରଂ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ରାଉରକେଲା ଓକିଲ ସଂଘ ପକ୍ଷରୁ ମଧ୍ୟ ହାଇକୋର୍ଟ ବେଞ୍ଚ ଦାବି ହୋଇଆସୁଥିଲା। ରାଜ୍ୟରେ ସମସ୍ତ ଜିଲାରୁ କଟକ ସ୍ଥିତ ହାଇକୋର୍ଟ ଦୂରରେ ରହୁଥିବା ଅଭିଯୋଗ ହେଉଥିଲା। ଫଳରେ ପଶ୍ଚିମ ଓଡ଼ିଶାର ପ୍ରାୟ ୧୦ ଜିଲାରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେଲେ ଲୋକେ ନ୍ୟାୟ ପାଇଁ ଦୂରଦୂରାନ୍ତରୁ ଆସି ଖର୍ଚ୍ଚାନ୍ତ ହେବେ ନାହିଁ ବୋଲି କୁହାଯାଉଥିଲା।



ବୈଠକରେ ଉପସ୍ଥିତ ଗ୍ରାମବାସୀ ଓ ଅନ୍ୟମାନେ।

## ଖଣିଖାଦାନରେ ସ୍ଥାନୀୟ ନିଯୁକ୍ତିକୁ ନେଇ ବୈଠକ

ହେମଗିର, ୬।୮ (ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବସ୍ଷ୍ଟାଣ୍ଡଠାରେ ଥିବା ଏଜୁକେଶନାଲ ହଲ୍ଠାରେ ଅଲ୍ ଇଣ୍ଡିଆ ୟୁଥ୍ ଫେଡେରେଶନ ପକ୍ଷରୁ ସ୍ଥାନୀୟ ଯୁବତୀଯୁବକମାନଙ୍କୁ ନେଇ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅଞ୍ଚଳରେ ଥିବା ଖଣି, ଖାଦାନରେ କିପରି ସ୍ଥାନୀୟ ଯୁବତୀଯୁବକ ନିଯୁକ୍ତି ପାଇପାରିବେ ତଥା ଅଞ୍ଚଳରେ ଥିବା ସମସ୍ୟା ଗୁଡ଼ିକର ସମାଧାନ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ହେମଗିର ଅଞ୍ଚଳରେ ରହିଥିବା ଛୋଟ ବଡ଼ କମ୍ପାନୀଗୁଡ଼ିକରେ ୯୦ ପ୍ରତିଶତ ସ୍ଥାନୀୟ ନିଯୁକ୍ତି, ଦକ୍ଷତା ବିକାଶ ପାଇଁ ତାଲିମ୍ କେନ୍ଦ୍ର, ମାଇନିଂ କଲେଜ ସ୍ଥାପନ, ଜିଲା ଖଣିଜ ପଦାର୍ଥ ଅନୁଦାନରେ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ହେମଗିର ବ୍ଲକ ଅଧୀନ ୧୯ ପଞ୍ଚାୟତର ଯୁବତୀଯୁବକମାନଙ୍କୁ ନିଯୁକ୍ତି ତଥା ମହିଳାମାନଙ୍କୁ ଖଣି ଖାଦାନରେ ୫୦ ପ୍ରତିଶତ ନିଯୁକ୍ତିର ସୁଯୋଗ, ପ୍ରଦୂଷଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଉପକରଣ ଓ ଡାକ୍ତର ପ୍ରଦାନ, ଗ୍ରାମାଞ୍ଚଳରେ ଲାଗି ରହିଥିବା ସମସ୍ୟା ଓ ତାହାର ନିରାକରଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ରାଜେନ୍ଦ୍ର ନାଏକ, ମମତା ସା, ରାଧେଶ୍ୟାମ ଗରଡ଼ିଆ, ରମେଶ ଜୟପୁରିଆ, ଶୁକଦେବ ପ୍ରଧାନ, ଶ୍ରଦ୍ଧାଞ୍ଜଳି ସା, ରଶ୍ମିରେଖା ସା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା ସାଙ୍ଗଠନିକ ଜିଲା ପକ୍ଷରୁ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ, ୬।୮ (ଜୟ ନାରାୟଣ ମେଣ୍ଡୁଲି)

ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ ସାଙ୍ଗଠନିକ ଜିଲା ପକ୍ଷରୁ ଜିଲା କାର୍ଯ୍ୟାଳୟ ଠାରେ ଜିଲା ସଭାପତି ଗିରଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୦ ରୁ ୧୪ ତାରିଖ ପର୍ଯ୍ୟନ୍ତ ମଣ୍ଡଳ ସ୍ତରରେ ଯୁବ ମୋର୍ଚ୍ଚା ଓ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ତ୍ରିରଙ୍ଗା ଯାତ୍ରା, ହର ଘର ତ୍ରିରଙ୍ଗା, ଅଗଷ୍ଟ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ଘର ଏବଂ ପ୍ରତିଷ୍ଠାନରେ ପାର୍ଟି କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ପତାକା ଉତ୍ତୋଳନ, ସ୍ୱଚ୍ଛ ଭାରତ ଅଧିନସ୍ଥ ଅଗଷ୍ଟ ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ସ୍ମାରକୀ, ଯୁଦ୍ଧ ସ୍ମାରକୀ ଏବଂ ସ୍ୱାଧୀନତା ସଂଗ୍ରାମ ସହିତ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକରେ ସଫେଇ ଅଭିଯାନ, ପୁଷ୍ପମାଲ୍ୟ ଅର୍ପଣ କାର୍ଯ୍ୟକ୍ରମ ଏବଂ ବିଭାଜନ ବିଭୀଷିକା ସ୍ମୃତି ଦିବସ ଅବସରରେ ଜିଲା ସ୍ତରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଭାଜପା ପକ୍ଷରୁ ସମସ୍ତ କାର୍ଯ୍ୟକୁ ଜିଲା ଓ ମଣ୍ଡଳ ସ୍ତରରେ ସୁଚାରୁରୂପେ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ଜିଲା ଉପସଭାପତି ସୁରେନ୍ଦ୍ର ଦେହୁରୀ, ସୁରେନ୍ଦ୍ର ଭିତ୍ରିଆ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ କୁଲଦୀପ ସିଂହ, ପୂର୍ବତନ ଜାତୀୟ ପରିଷଦ ସଭ୍ୟ ମହେନ୍ଦ୍ର ମାଝୀ, ପୂର୍ବତନ ରାଜ୍ୟ ସମ୍ପାଦକ କୃଷକ ମୋର୍ଚ୍ଚା ଉପାଧ୍ୟାୟ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷକ ମୋର୍ଚ୍ଚା ସୁରେଶ ପଟେଲ, ରାଜ୍ୟ ସହ ସଂଯୋଜକ ସ୍ୱଚ୍ଛ ଭାରତ ଅଭିଯାନ ସୁରେନ୍ଦ୍ର ସର୍ଣକାରଙ୍କ ସମେତ ତ୍ରିରଙ୍ଗା ଯାତ୍ରା, ହର ଘର ତ୍ରିରଙ୍ଗା, ସ୍ୱଚ୍ଛ ଭାରତ ଅଭିଯାନ ଏବଂ ବିଭାଜନ ବିଭୀଷିକା ସ୍ମୃତି ଦିବସର ଜିଲା ଓ ମଣ୍ଡଳ ସ୍ତରୀୟ ସଂଯୋଜକ, ସହସଂଯୋଜକ, ଜିଲା ପଦାଧିକାରୀ, ଜିଲା ମୋର୍ଚ୍ଚା ସଭାପତି, ମଣ୍ଡଳ ସଭାପତି, ଜାତୀୟ ଓ ରାଜ୍ୟ ସ୍ତରୀୟ ପଦାଧିକାରୀ ସମେତ ଶତାଧିକ ବରିଷ୍ଠ ଭାଜପା ନେତା ସାମିଲ ହୋଇଥିଲେ।


ଉପସ୍ଥିତ ଭାଜପା କର୍ମକର୍ତ୍ତା।



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ନିର୍ମଳା ଇଂରାଜୀ ବିଦ୍ୟାଳୟରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ରାଜଗାଙ୍ଗପୁର, ୬।୮ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ଥିବା ନିର୍ମଳା ଇଂରାଜୀ ବିଦ୍ୟାଳୟରେ ବୁଧବାର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସିଷ୍ଟର ବେରନାଡେଟଙ୍କ ସହ ମୁଖ୍ୟ ଅତିଥିଭାବେ କମଲ ଅଗ୍ରୱାଲ, ସମ୍ମାନିତ ଅତିଥି ଅନିତା ଅଗ୍ରୱାଲ ଓ ସ୍ୱତନ୍ତ୍ର ଅତିଥିଭାବେ ପ୍ରୋଭିନ୍ସିଆଲ ସୁପରିଅର ସେଣ୍ଟ ଥେରେସା ସିଷ୍ଟର ବିମଳା ବାହାଲା ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ସିଷ୍ଟର ବିମଳା ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କୁ କଠିନ ପରିଶ୍ରମ କରି ନିଜ ଉପରେ ବିଶ୍ୱାସ ରଖି ବଡ଼ ସ୍ୱପ୍ନ ଦେଖିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କୁ ସବୁବେଳେ ଖୁସିରେ ରହିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ କେ. ଦିଲୀପ କୁମାର ପରିଚାଳନା କରିଥିଲେ ଓ ବିଦ୍ୟାଳୟର ଉପାଧ୍ୟକ୍ଷ ସିଷ୍ଟର ଚାରଲେସ ମେରି ଧନ୍ୟବାଦ ଜ୍ଞାପନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଅନୁପମ ବରୁଆ, ମାୟାନନ୍ଦ ଝା, ଅଞ୍ଜୁ ମହାନ୍ତି, ଲିନା ମହାପାତ୍ର, ଉଷା ପ୍ରଧାନଙ୍କ ସହ ଅନ୍ୟମାନେ ରହି ସହଯୋଗ କରିଥିଲେ।

## ବିଜେଡିର କୋର୍ କମିଟି ବୈଠକ


ଉପସ୍ଥିତ ବିଜେଡି କର୍ମକର୍ତ୍ତା ଓ ଅନ୍ୟମାନେ।

ବଣାଇଁ, ୬।୮ (ପ୍ରଦୀପ ତ୍ରିପାଠୀ)

ବଣାଇଁ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳର କୋର୍ କମିଟି ବୈଠକ ରାଉରକେଲା ସାଙ୍ଗଠନିକ ଜିଲା ବିଜେଡି ସଭାପତି ଡ. ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ୍ କିଷାନ, ଉପାଧ୍ୟକ୍ଷ କମଲ ଲାକ୍ରା, ବଣାଇଁ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିଷାନ, ଜିଲା ପରିଷଦ ସଦସ୍ୟ ବୀର ବିଚିତ୍ରସେନ ନାଏକ, ଜୁଲିଆନି କାଣ୍ଡିର, ସୁଶୀଳା ନାୟକ ମଞ୍ଚାସୀନ ଥିଲେ। ଏଥିସହିତ ବଣାଇଁ ଉପଖଣ୍ଡ ଅଧୀନ ୪ଟି ବ୍ଲକରେ ଦଳର ନବନିଯୁକ୍ତ ବ୍ଲକ ସଭାପତି ବାଣେଶ୍ୱର ସାହୁ ବଣାଇଁ, ଲହୁଣିପଡାର ଗୁରୁଚରଣ ସ୍ୱାଇଁ, ଗୁରୁଣ୍ଡିଆ ରାସୁଆଲ ଓରାମଙ୍କୁ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ବର୍ତ୍ତମାନ ବଣାଇଁ ଉପଖଣ୍ଡରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଯୋଗୁ ବ୍ୟାପକ ଫସଲ ହାନି ହେଉଛି। ଲୋକଙ୍କ ଘର ଭାଙ୍ଗୁଛି। ହାତୀ ଆକ୍ରମଣରେ ଜୀବନ ହାନି ଘଟୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବନ ବିଭାଗ ପକ୍ଷରୁ ସାମାନ୍ୟତମ ତତ୍ପରତା ଦେଖା ନ ଯିବା ଚିନ୍ତାର କାରଣ ପାଲଟିଥିବା ଆଲୋଚନା ହୋଇଥିଲା । ଅନ୍ୟାନ୍ୟ ପ୍ରସଙ୍ଗ ଯଥା ଚାଷୀମାନଙ୍କ ଧାନକାର୍ଡ ପଞ୍ଜୀକରଣରେ ଅହେତୁକ ବିଳମ୍ବ, ଦ୍ରୁତଗତିରେ ଚାଲିଥିବା ଉନ୍ନୟନ କାର୍ଯ୍ୟରେ ମନ୍ଥରତା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ତୃଣମୂଳସ୍ତରରେ ଦଳକୁ ସଙ୍ଗଠିତ କରିବା ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଦସ୍ୟ କେଦାର କୁମାର ମାହାନ୍ତ, ଲକ୍ଷ୍ମୀ କିଷାନ, ଉମେଶ ରାୟ, କୁଳମଣି ପ୍ରଧାନ, ସଞ୍ଜୟ ଦାଶ, ଖୁଣ୍ଟଗାଁ ଲ୍ୟାମ୍ପସ ସଭାପତି ଅଜୟ କୁମାର ନାୟକ, ଦ୍ରୌପଦୀ କିଷାନ, ହରିହର ମାହାନ୍ତ, କାହ୍ନୁ କିଷାନ, ରୋହିତାଶ୍ୱ ମିଶ୍ର, ବୈକୁଣ୍ଠ ପାତ୍ର, ସିପୁନ ମିଶ୍ର, ଧନେଶ୍ୱର ନାଏକ, ସୂରଜ ସେଠ୍, ଏମ୍ଡି ଆଫଜଲ, ଅଭିଷେକ ବେହେରାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଓ.ପି. ଜିନ୍ଦଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଟେନ୍ସା, ୬।୮ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା ଟେନସା ସ୍ଥିତ ଜିନ୍ଦଲ ଖଣିର ମାଲିକ ସ୍ୱର୍ଗତ ଓମ ପ୍ରକାଶ ଜିନ୍ଦଲଙ୍କ ୯୫ତମ ଜନ୍ମ ବାର୍ଷିକ ଉତ୍ସବରେ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ତନ୍ତରା ଗ୍ରାମ ସ୍ଥିତ ଜିନ୍ଦଲ ଷ୍ଟାଡିୟମଠାରେ ଏହି ଖେଳ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କୋଇଡ଼ା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ଟେନସା ଜିନ୍ଦଲ ଖଣିର ୟୁନିଟ ହେଡ ଆର.ଏସ ରଘୁବଂଶୀ, ଶ୍ରୀକାନ୍ତ ପୁଷ୍ଟେ, ଲୋଜେଷ୍ଟିକ ଏ.ଜି ଏମ ପି.କେ ନାୟକ, ଜିନ୍ଦଲ ଖଣି ପରିଚଳକ ଭରଦ୍ୱାଜ ରାଉତ, ବରିଷ୍ଠ ନାଗରିକ ରବିନାରାୟଣ ମିଶ୍ର, ଟେନସା ଫାଣ୍ଡି ଅଧିକାରୀ ପରେଶ କୁମାର ରାଉତ, ବଣାଇ ମଜଦୂର ସଂଘର ସାଧାରଣ ସମ୍ପାଦକ ଯଶୋବନ୍ତ ବେହେରା, ଜିନ୍ଦଲ ପ୍ରଶାସନ ବିଭାଗ ମୁଖ୍ୟ ଅନନ୍ତ ନାରାୟଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଟେନସା ଟିଆରବି ଜିନ୍ଦଲ ଷ୍ଟିଲର ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ପାରିପାର୍ଶ୍ୱିକ ଅଞ୍ଚଳର ୧୮ ଟିମ ଭାଗ ନେଇଥିଲେ। ୧୭ ବର୍ଷରୁ ଊର୍ଦ୍ଧ୍ୱ ଧରି ଏହି ଫୁଟବଲ ଟୁର୍ନାମେଣ୍ଟ ଖେଳ ହୋଇଆସୁଛି। ଉଦ୍‌ଘାଟନୀ ମ୍ୟାଚ ଟେନସା ଜିନ୍ଦଲ ଓ କୋଇଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୨/୦ ଗୋଲରେ କୋଇଡା ବିଜୟ ହୋଇଥିଲା। ଏହି ଖେଳ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ରାଜେଶ ମିଶ୍ର ମଞ୍ଚ ପରିଚାଳନା ଦାୟିତ୍ୱରେ ଥିବାବେଳେ ସୋମନାଥ ମିଶ୍ର, ରଶ୍ମିରଞ୍ଜନ କୁମାର ନାୟକ, ସିଏସଆର ବିଭାଗ ରାଜେଶ କୁମାର ଲେଙ୍କା, ରାଜୀବ ଉପାଧ୍ୟାୟ, ସନ୍ତୋଷ କୁମାର ସାହୁ, ଜ୍ୟୋତି ରଞ୍ଜନ ଘଡେଇ, କେ.ସି ନାଏକ, ପି.କେ ବେହେରା, ପି.କେ ସିଂହ, ମନୋହର ମାହାନ୍ତ, ନେହା ଡାଙ୍ଗ, ଜିନ୍ଦଲ ସୁରକ୍ଷା କର୍ମୀର ହେଡ ବସନ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।


ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ବିଶ୍ୱ ଆଦିବାସୀ ଦିବସକୁ ଛୁଟି ଘୋଷଣା ଦାବି

ବଲାଙ୍ଗୀର, ୬।୮ (ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ଗୋଁଣ୍ଡୱାନା ଭବନଠାରେ ବିଶ୍ୱ ଆଦିବାସୀ ଦିବସ ପାଳନ ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବଲାଙ୍ଗୀର ସହରରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟ ଏକତ୍ରିତ ଭାବେ ଏହାକୁ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଦିଲିପ କୁମାର ଭୋଇଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ଦିବସ ପାଳନର ରୂପରେଖ ପ୍ରସ୍ତୁତି ପାଇଁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ଅନ୍ୟ ରାଜ୍ୟରେ ଛୁଟି ଘୋଷଣା ହୋଇଥିବା ବେଳେ ରାଜ୍ୟ ସରକାର ମଧ୍ୟ ଏହି ଦିନ ଛୁଟି ଘୋଷଣା କରିବାକୁ ଦାବି କରାଯାଇଛି। ବୈଠକରେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜାତି ଓ ଜନଜାତି ଗରିବ ମେଧାବୀ ଛାତ୍ରୀଛାତ୍ରମାନେ ଅନ୍ୱେଷା ଯୋଜନାରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ିବାର ସୁଯୋଗ ପାଉଥିବା ବେଳେ ଏହାକୁ ବନ୍ଦ କରିବା ପାଇଁ ହେଉଥିବା ଉଦ୍ୟମକୁ ସେମାନେ ନାପସନ୍ଦ କରିଥିଲେ। ବରିଷ୍ଠ ସଭ୍ୟ ଦଇତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଦିବାସୀ ନେତା ସତ୍ୟ ନାରାୟଣ ଭୋଇ, ମୀନକେତନ ମାଝି, ଦିଲିପ କୁମାର ଭୋଇ, ଡ. କୌତୁକ ପନ୍ଦର, ମଦନ ସିଂ ମାଝି, ଯୋଗୀନ୍ଦ୍ର ଦଳପତି, ରୁଦ୍ରମଣି ମାଝି, ଶୁଭାଂଶୁ ବାଗ, ମନୋଜ କୁମାର ପୁଟା, ଅଙ୍କିତ ମାଝି ନିଜର ମତ ରଖିଥିଲେ ।

## ହର୍ ଘର୍ ତ୍ରିରଙ୍ଗା ପାଇଁ ଭାଜପାର ପ୍ରସ୍ତୁତି ବୈଠକ

ଲହୁଣୀପଡ଼ା, ୬।୮ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟଠାରେ ବୁଧବାର ଭାରତୀୟ ଜନତା ପାର୍ଟି ରାଉରକେଲା ସାଙ୍ଗଠନିକ ଜିଲା ଅନ୍ତର୍ଗତ ବଣେଇଁ ବିଧାନସଭାର ୮ଟି ମଣ୍ଡଳରେ ଦଳ ପକ୍ଷରୁ ୭୯ତମ ସ୍ୱାଧିନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ଦଳ ପକ୍ଷରୁ ପ୍ରତି ମଣ୍ଡଳରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯିବା ସହ ୧୫ ତାରିଖ ପୂର୍ବରୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ତଥା ଚାରି ପାଖରେ ସ୍ୱଚ୍ଛତା ଅଭିଯାନ କରି ସଫେଇ କାର୍ଯ୍ୟ କରାଯିବ। ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ "ହର ଘର ତ୍ରିରଙ୍ଗା" କାର୍ଯ୍ୟକ୍ରମ କରାଯାଇ ବିଭିନ୍ନ ଅନୁଷ୍ଠାନ ଓ ପ୍ରତ୍ୟେକ ନାଗରିକ ନିଜ ବାସ ଗୃହରେ ଜାତୀୟ ପତାକା ଉତ୍ତୋଳନ କରିବା ନିମନ୍ତେ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି। ୧୪ ତାରିଖରେ ବିଭାଜନ ବିଭୀଷିକା ଶୀର୍ଷକରେ ଆଲୋଚନା ଚକ୍ର ଆୟୋଜନ କରିବା ସହ ବକ୍ତୃତା ପ୍ରତିଯୋଗିତା କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଏହା ସହ "ମାଁ କି ନାମ ଏକ ପେଡ" କାର୍ଯ୍ୟକ୍ରମ କରି ଚାରା ରୋପଣ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ପ୍ରସ୍ତୁତି ବୈଠକରେ ପୂର୍ବତନ ଜିଲା ସଭାପତି ମନୋଜ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ରାଜ୍ୟ ପରିଷଦ ସଦସ୍ୟ ବାସୁଦେବ ସାହୁ, ତ୍ରିରଙ୍ଗା ଯାତ୍ରାର ଜିଲା ଟୋଲି ସଦସ୍ୟ ଅଭିରାମ ମହାକୁଲ, ହେମନ୍ତ କୁମାର ସାହୁ, ପ୍ରଦୀପ କୁମାର ସ୍ୱାଇଁ, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ନିରାକାର ନାଏକ, ମିଥିଳା ପାତ୍ର, ବିରେନ୍ଦ୍ର ବଡ ନାୟକ, ହେମ୍ବ ଓରାମ, ମନୋଜ କୁମାର ସାହୁ, ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ବୁଦ୍ଧଦେବ ସିଂ, କୁନା ପୁଝାରୀ, ଲବକିଶୋର ସାହୁ, ଜିଲା ମୋର୍ଚ୍ଚା ସଭାପତି ଜୟନ୍ତୀ ମାହାନ୍ତ, ଆହ୍ଲାଦ ବଡ୍ରେଇ, ଅବିନାଶ ବ୍ରହ୍ମ, କର୍ମୁ କିସାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଆସାମ ଶିକ୍ଷା ଅଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ

ସୁନ୍ଦରଗଡ, ୬।୮ (ଜୟ ନାରାୟଣ ମେଣ୍ଡୁଲି)

ଆସାମ ରାଜ୍ୟର ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ଯୁଗ୍ମ ନିର୍ଦ୍ଦେଶକ ମୁକେଶ କୁମାର ଶର୍ମା, ଉପନିର୍ଦ୍ଦେଶକ ପିୟାନୁ ବରୁହା ଏବଂ ବରପେଟାର ଗ୍ରାଜୁଏଟ ଇନଷ୍ଟ୍ରକଟର ରାଜଲକ୍ଷ୍ମୀ ଶର୍ମା ସୁନ୍ଦରଗଡ଼ ଜିଲାର ବିଭିନ୍ନ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନ ଗୁଡିକ ପରିଦର୍ଶନ କରିଛନ୍ତି। ଏହି ଅଧିକାରୀମାନେ ସୁନ୍ଦରଗଡ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗିରିଙ୍ଗକେଲା ସରକାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁଡି ସରକାରୀ ବହୁଭାଷୀ ଉଚ୍ଚ ବିଦ୍ୟାଳୟ ଓ ଡୁଡୁକାପଡା ସରକାରୀ ବହୁଭାଷୀ ପ୍ରାଥମିକ ବିଦ୍ୟାଳୟକୁ ଗତ ୪ ଓ ୫ ରେ ପରିଦର୍ଶନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ଲିପିକା ବେହେରା, ଜିଲା ଆଦିବାସୀ ଶିକ୍ଷା ସଂଯୋଜକ ଡ. ଦୀପକ କୁମାର ଦାସ, ଲେଫ୍ରିପଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ ଲାକ୍ରା ଓ ରାଜଗାଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିୟା ସେମାନଙ୍କ ସହିତ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ଭିତ୍ତିଭୂମି, ପାଠାଗାର, କମ୍ପ୍ୟୁଟର ଶିକ୍ଷା ଓ ଛାତ୍ରୀଛାତ୍ରଙ୍କ ଶିକ୍ଷଣ କୃତିକୁ ସେମାନେ ବହୁତ ପ୍ରଶଂସା କରିଥିଲେ। ଡୁଡି ସରକାରୀ ବହୁଭାଷୀ ଉଚ୍ଚ ବିଦ୍ୟାଳୟ ଓ ଡୁଡୁକାପଡା ସରକାରୀ ବହୁଭାଷୀ ପ୍ରାଥମିକ ବିଦ୍ୟାଳୟରେ ଆଦିବାସୀ ପିଲାମାନଙ୍କୁ ବିଦ୍ୟାଳୟରେ ଭାଷାଗତ ସମସ୍ୟା ଦୂର କରିବା ପାଇଁ ସରକାରଙ୍କ ତରଫରୁ ବିଦ୍ୟାଳୟରେ କାର୍ଯ୍ୟକାରୀ ହୋଇଥିବା ବହୁଭାଷୀ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଇତି ଅବସରରେ ବହୁଭାଷୀ ବିଦ୍ୟାଳୟରେ ପ୍ରତିଷ୍ଠା ହୋଇଥିବା ଜନଜାତି ସଂଗ୍ରାହଳୟକୁ ବୁଲି ଦେଖିଥିଲେ ଓ ଏହା ଆଦିବାସୀ ଅଞ୍ଚଳର ଲୁପ୍ତ ହେଇଯାଉଥିବା ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିପାରିବ ଓ ପାଠ୍ୟକ୍ରମ ସହିତ ଯୋଡାଯାଇ ପାରି ସୁନ୍ଦର ଶୈକ୍ଷିକ ପରିବେଶ ନିର୍ମାଣ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ବହୁଭାଷୀ ବିଦ୍ୟାଳୟରେ ଗ୍ରାମବାସୀମାନଙ୍କ ସହିତ ମଧ ସେମାନେ ବର୍ତ୍ତମାନର ଆଦିବାସୀ ମାତୃଭାଷା ଭିତ୍ତିକ ଶିକ୍ଷା ଉପରେ ଆଲୋଚନା କରି ଖୁସି ପ୍ରକାଶ କରିଥିଲେ। ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ମାନଙ୍କୁ ଧନ୍ୟବାଦ ଦେବା ସହିତ ବହୁଭାଷୀ ଶିକ୍ଷୟିତ୍ରୀ ଗୁଇନ୍ଦି କେରକେଟ୍ଟା, ରଜନୀ ମିଞ୍ଜ, ଦ୍ରୋପଦୀ ଓରାମ, ମମତା ଖାଲଖୋ ଓ ଯମୁନା ଓରାମଙ୍କୁ ସେମାନଙ୍କର ଭାଷା, ସଂସ୍କୃତି ପାଇଁ ନିଜକୁ ଉତ୍ସର୍ଗିକୃତ କରିଥିବାରୁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଥିଲେ। ସୁନ୍ଦରଗଡ଼ ଜିଲାରେ ବିଦ୍ୟାଳୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଅଭିନବ କାର୍ଯ୍ୟକ୍ରମକୁ ଆସାମ ଶିକ୍ଷା ବ୍ୟବସ୍ଥାରେ ଲାଗୁ କରିବା ପାଇଁ ସରକାରଙ୍କୁ ସୁପାରିସେ କରିବେ ବୋଲି କହିଥିଲେ। ପରିଦର୍ଶନର ଶେଷ ଦିନରେ ସେମାନେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଅମୂଲ୍ୟ କୁମାର ପଧାନ ଓ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହାଙ୍କ ସହିତ ଆଲୋଚନା କରିବା ସହିତ ଜିଲାର ସମସ୍ତ ଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।


ବିଦ୍ୟାଳୟ ପରିଦର୍ଶନରେ ଆସିଥିବା ଆସାମର ଶିକ୍ଷାଧିକାରୀ ଓ ଅନ୍ୟମାନେ।

# ଆନ୍ତଃ ରାଜ୍ୟ ଜାଲ୍ ସାର୍ଟିଫିକେଟ୍ ର୍ୟାକେଟ୍ ସକ୍ରିୟ

## ବଲାଙ୍ଗୀରର ରେସିଡେଣ୍ଟ, ୟୁପିରେ ଚାକିରି

- ସାର୍ଟିଫିକେଟ୍ ପିଛା ୧୦ ଲକ୍ଷ କାରବାର ଅଭିଯୋଗ
- ଉତ୍ତର ପ୍ରଦେଶର 'ବିନ୍ଦାସ୍' ମାଷ୍ଟର ମାଇଣ୍ଡ
- ବଲାଙ୍ଗୀର ତହସିଲ ଅଫିସ କର୍ମଚାରୀଙ୍କ ସମ୍ପୃକ୍ତି ସନ୍ଦେହ

ବଲାଙ୍ଗୀର,୬।୮
(ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା ଓ ଉତ୍ତରପ୍ରଦେଶ ମଧ୍ୟରେ ଏକ ଆନ୍ତଃ ରାଜ୍ୟ ଜାଲ୍ ସାର୍ଟିଫିକେଟ୍ ର୍ୟାକେଟ୍ ସକ୍ରିୟ ରହିଛି। ଓଡ଼ିଶାର ବଲାଙ୍ଗୀର ତହସିଲ ଅଫିସରୁ ଜାଲିଆତିରେ ବାସସ୍ଥାନ ପ୍ରମାଣପତ୍ର (ରେସିଡେଣ୍ଟ ସାର୍ଟିଫିକେଟ୍) ହାସଲକରି ଉତ୍ତର ପ୍ରଦେଶ (ୟୁପି)ରେ ଶିକ୍ଷାକ୍ଷେତ୍ରରେ ଅଳ୍ପ ମାର୍କ ରଖିଥିବା କେତେଜଣ ଯୁବକ ସରକାରୀ ଚାକିରିରେ ନିଯୁକ୍ତି ପାଉଥିବା ଏବଂ ଏଥିରେ ବହୁ କୋଟି ଟଙ୍କା କାରବାର ହେଉଥିବା ଅଭିଯୋଗ ହୋଇଛି। ଉତ୍ତର ପ୍ରଦେଶର 'ବିନ୍ଦାସ୍' ନାମକ ଜଣେ ଦଲାଲ ଏହାକୁ ପରିଚାଳନା କରୁଥିବା ଏବଂ ଏହି ର୍ୟାକେଟ୍‌ରେ ବଲାଙ୍ଗୀରର କେତେଜଣ ବ୍ୟକ୍ତି ସମ୍ପୃକ୍ତ ଥିବା ସନ୍ଦେହକରି ୟୁପିର ଜଣେ ଯୁବକ ବଲାଙ୍ଗୀର ତହସିଲ ଅଫିସରେ ଅଭିଯୋଗ କରିବା ପରେ ଏଠାରେ ହଇଚଇ ସୃଷ୍ଟି ହୋଇଛି।

ବୁଧବାର ଉତ୍ତରପ୍ରଦେଶ ମଥୁରା ଜିଲାର ମୁକେଶ ସିଂ ନାମକ ଜଣେ ଯୁବକ ବଲାଙ୍ଗୀର ତହସିଲ ଅଫିସକୁ ଆସି ଏକ ଅଭିନବ ଠକେଇ ସମ୍ପର୍କରେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବଲାଙ୍ଗୀର ତହସିଲ ଅଫିସରୁ ଜାଲିଆତିକରି ରେସିଡେଣ୍ଟ ସାର୍ଟିଫିକେଟ୍ ବାହାରକରିବା ପରେ ଉତ୍ତର ପ୍ରଦେଶରେ କିଭଳି ସରକାରୀ ଚାକିରି ନିଯୁକ୍ତି ଠକେଇ ଚାଲିଛି ଏବଂ ସେଥିରେ ଟଙ୍କା କାରବାର ହେଉଛି ବଖାଣିଥିଲେ। ଏହି ଜାଲ୍ ସାର୍ଟିଫିକେଟ୍ କାରବାର ଯୋଗୁ ୟୁପିର ଅନେକ ଯୋଗ୍ୟ ପ୍ରାର୍ଥୀ ଚାକିରି ପାଉ ନ ଥିବା ବେଳେ କିଭଳି ଅଯୋଗ୍ୟ ପ୍ରାର୍ଥୀ ଚାକିରି ହାତଉଛନ୍ତି ଜଣାଇଥିଲେ। ସେ କହିଥିଲେ, କେନ୍ଦ୍ର ସରକାରଙ୍କ ଷ୍ଟାଫ୍ ସିଲେକଶନ୍ କମିଶନ (ଏସ୍‌ଏସ୍‌ସି) ଜେନେରାଲ ଡ୍ୟୁଟି (ଜିଡି) ପାଇଁ ବିଏସ୍‌ଏଫ୍, ସିଆଇଏସ୍‌ଏଫ୍, ଏସ୍‌ଏସ୍‌ବି, ସିଆର୍‌ପିଏଫ୍, ଏସ୍‌ଏସ୍‌ଏଫ୍ ପଦବୀ ପାଇଁ ବିଭିନ୍ନ ସମୟରେ ନିଯୁକ୍ତି ବିଜ୍ଞାପନ ବାହାରିଥାଏ। ଏହି ନିଯୁକ୍ତି ପାଇଁ ବିଭିନ୍ନ ରାଜ୍ୟ ସକାଶେ ଭିନ୍ନ ଭିନ୍ନ କଟ୍ ଅଫ୍ ମାର୍କ ରଖାଯାଇଥାଏ। ନକ୍ସଲ ପ୍ରଭାବିତ ଜିଲାଗୁଡିକର ପ୍ରାର୍ଥୀଙ୍କ ପାଇଁ ବିଭିନ୍ନ ଜେନେରାଲ ଡ୍ୟୁଟି ପଦବୀ ସକାଶେ କଟ୍ ଅଫ୍ ମାର୍କକୁ କୋହଳ କରାଯାଇଥାଏ। ଏହାକୁ ଆଧାରକରି ସରକାରୀ ନିଯୁକ୍ତି ସକାଶେ ଦୁର୍ବୃତ୍ତମାନେ ନକ୍ସଲ ପ୍ରଭାବିତ ଜିଲାଗୁଡ଼ିକରୁ ବିଭିନ୍ନ ଉପାୟରେ ରେସିଡେଣ୍ଟ ସାର୍ଟିଫିକେଟ୍ ହାସଲ କରୁଛନ୍ତି। ବଲାଙ୍ଗୀର ଏକ ନକ୍ସଲ ପ୍ରଭାବିତ ଜିଲା ହୋଇଥିବାରୁ ଉତ୍ତର ପ୍ରଦେଶର ଉକ୍ତ ର୍ୟାକେଟ୍‌ଟି ଏଠାରୁ ଜାଲ୍ ରେସିଡେଣ୍ଟ ସାର୍ଟିଫିକେଟ୍ ଯୋଗାଡ କରୁଥିବା ସେ ଅଭିଯୋଗ କରିଛନ୍ତି। ମୁକେଶ ଅଭିଯୋଗ କରିଛନ୍ତି, ଉତ୍ତର ପ୍ରଦେଶର ବିଭିନ୍ନ ଅଞ୍ଚଳର ପ୍ରାର୍ଥୀଙ୍କ ପାଇଁ କେବଳ ବଲାଙ୍ଗୀର ତହସିଲରୁ ୨୦୨୩ ମସିହାରେ ୨୫ଟି, ୨୦୨୪ରେ ୧୫ଟି ଏବଂ ୨୦୨୫ରେ ପ୍ରାୟ ୫୦ଟି ଜାଲ୍ ବାସସ୍ଥାନ ପ୍ରମାଣପତ୍ର ନିଆଯାଇଛି। ଉକ୍ତ ଜାଲ୍ ବାସସ୍ଥାନ ପ୍ରମାଣ ପତ୍ର ବଳରେ ଅନେକ ଯୁବକ ୟୁପିରେ ସରକାରୀ ଚାକିରି କରୁଛନ୍ତି। ପ୍ରତ୍ୟେକ ରେସିଡେଣ୍ଟ ସାର୍ଟିଫିକେଟ୍ ପିଛା ୮ରୁ ୧୦ ଲକ୍ଷ ଟଙ୍କା କାରବାର ହୋଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କର ଜଣେ ସମ୍ପର୍କୀୟ ନିଯୁକ୍ତି ଠକାମିର ଶିକାର ହେବା ପରେ ଏହି ଆନ୍ତଃ ରାଜ୍ୟ ଜାଲ୍ ବାସସ୍ଥାନ ପ୍ରମାଣପତ୍ର ର୍ୟାକେଟ୍ ସମ୍ପର୍କରେ ସେ ଜାଣିବାକୁ ପାଇଥିଲେ ଏବଂ ଖୋଳତାଡ଼ କରିବା ପାଇଁ ବୁଧବାର ବଲାଙ୍ଗୀର ଆସି ତହସିଲଦାରଙ୍କଠାରେ ଅଭିଯୋଗ କରିଥିବା ମୁକେଶ କହିଥିଲେ। ଉତ୍ତର ପ୍ରଦେଶର 'ବିନ୍ଦାସ୍' ନାମକ ଜଣେ ଦଲାଲ ଏହି ଜାଲିଆତିରେ ସମ୍ପୃକ୍ତ ରହିଛନ୍ତି ଏବଂ ବଲାଙ୍ଗୀର ତହସିଲ ଅଫିସ୍‌ର କେତେଜଣ କର୍ମଚାରୀଙ୍କୁ ସେ ହାତ କରି ଏହି କାରବାର ଚଳାଇଥିବା କହିଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବିକରିଥିଲେ। ବଲାଙ୍ଗୀର ତହସିଲଦାର ଲଗ୍ନଜିତ ବେହେରା ଅଭିଯୋଗର ନିରପେକ୍ଷ ତଦନ୍ତ କରାଯାଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।


ଉତ୍ତର ପ୍ରଦେଶର ମୁକେଶ ସିଂ ବଲାଙ୍ଗୀର ତହସିଲ ଅଫିସ୍‌କୁ ଆସି ଅଭିଯୋଗ କରୁଛନ୍ତି।

# ରାସ୍ତା ନିର୍ମାଣ କରିବାକୁ ଦାବି


ଫୁଲଝର ଛକରୁ ଝଲିଆଲିଟି ବାଇପାସ୍ ରାସ୍ତା ଶୋଚନୀୟ ହୋଇପଡିଛି।

ଲାଠୋର,୬।୮ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଫୁଲଝର ଛକ ଠାରୁ ଝଲିଆଲିଟି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଏବଂ ଜଲପାଙ୍କେଲରୁ ନୂଆ ଥାନାକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ପାଇଁ ଦାବି ହୋଇ ଆସୁଛି। ହେଲେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଲୋକେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଫୁଲଝର ଛକ ଠାରୁ ଝଲିଆଲିଟି ପର୍ଯ୍ୟନ୍ତ ୨ କିମି ବାଇପାସ୍ ଏବଂ ଜଲପାଙ୍କେଲ ବେଦୀ ମଣ୍ଡପଠାରୁ ନୂଆ ଥାନା ପର୍ଯ୍ୟନ୍ତ ୧ କିମି ପର୍ଯ୍ୟନ୍ତ କଞ୍ଚା ରାସ୍ତା ରହିଛି। ଏହି ଦୁଇ ରାସ୍ତାକୁ ପକ୍କା କରିବା ପାଇଁ ଦୀର୍ଘବର୍ଷ ହେବ ଦାବି ହୋଇଆସୁଛି। ହେଲେ ତାହା କରା ନ ଯାଇ ମଝିରେ ମଝିରେ ମାଟି ପକେଇ ଦିଆଯାଉଛି। ଫଳରେ ବର୍ଷା ଦିନ ଆସିଲେ ଉକ୍ତ ରାସ୍ତା କାଦୁଅ ହୋଇ ଯାଉଛି। କାଦୁଅରେ ଲୋକ ଯିବା ଆସିବା କରି ନ ପାରି ଲାଠୋର କଲେଜ ଛକ ଦେଇ ଯିବା ଆସିବା କରୁଛନ୍ତି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# କଂଗ୍ରେସ କର୍ମୀ ସମ୍ମିଳନୀ

ଟିଟିଲାଗଡ଼,୬।୮ (ଶରତ ମିଶ୍ର)

ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମୀ ସମ୍ମିଳନୀ ବୁଧବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ତଥା ଦଳର ରାଜ୍ୟ ଉପସଭାପତି ସନ୍ତୋଷ ସିଂ ସାଲୁଜା, ସମ୍ପାଦିକା ଅନିତା ମିଷ୍ଟ୍ରି, ଜିଲା ଷ୍ଟିୟରିଂ କମିଟି ସଦସ୍ୟ ଅନିଲ ମେହେର, ବୀରେନ୍ଦ୍ର ବାଗ, ବରିଷ୍ଠ ନେତା ଡମ୍ବରୁ ଛତ୍ରିଆ, କେ ତ୍ରିନାଥ ରାଓ, ରଞ୍ଜନ ଦାଶଙ୍କ ଉପସ୍ଥିତିରେ ଟିଟିଲାଗଡ଼ ବ୍ଲକ ତଥା ପୌର ପରିଷଦର ବିଭିନ୍ନ ସେଲ ମୁଖ୍ୟ ପାଇଁ ନାମ ଚୟନ ହୋଇଥିଲା। ଏହାକୁ ରାଜ୍ୟ ସଭାପତିଙ୍କ ସ୍ୱୀକୃତି ପାଇଁ ପଠାଯିବ ବୋଲି ରାଜ୍ୟ ଉପସଭାପତି ସାଲୁଜା କହିଛନ୍ତି। ସଭାରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁରଜ ବେହେରା, ବିଚିତ୍ର ବାଗ, ମଗନ ନାଗ, ସୁବାସ ଛତର, ମାଧବ ତାଣ୍ଡି, କୁନା ସାହୁ, ଯୋଗେଶ୍ୱର ମହାନନ୍ଦ, ଲିଙ୍ଗରାଜ ସୁନା, କିଷାନ ନାଗ, ଦୁଷରାଜ ମହାନନ୍ଦ, ଅରୁଣ ହରପାଲ, ରମା ତାଣ୍ଡି, ଛନ୍ଦାଚରଣ କଟା, ପିଙ୍କି ରଣା, ସଞ୍ଜୀବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବେପାରୀ ବିକ୍ରି କରୁଥିଲେ ସରକାରୀ ସାର

# ଭିଡିଓ ରେକର୍ଡିଂ କରିବାରୁ ଯୁବକଙ୍କୁ ନିସ୍ତୁକ ମାଡ଼ ଅଭିଯୋଗ

ବଲାଙ୍ଗୀର/ଲୋଇସିଂହା, ୬।୮ (ବୀରେନ୍ଦ୍ର କୁମାର ଝାଙ୍କର/ ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ଗାଁରେ ବେଆଇନ ଭାବେ ଜଣେ ବେପାରୀ ସରକାରୀ ସାର ବିକ୍ରି କରୁଥିଲେ। ଏହି ସାର ବିକ୍ରି ସମୟରେ ଜଣେ ଯୁବକ ମୋବାଇଲରେ ଭିଡିଓ ରେକର୍ଡିଂ କରିବାରୁ ତାଙ୍କୁ ନିସ୍ତୁକ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ମାଗୁରବେଡା ଗାଁର ରଞ୍ଜିତ ବନ୍ଛୋର ବୁଧବାର ବଲାଙ୍ଗୀର ଜିଲାପାଳ ଓ ଡିଆରସିଏସଙ୍କୁ ଘଟଣା ସମ୍ପର୍କରେ ଲିଖିତ ଭାବେ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ବାନିପାଲି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ରାସ୍ତାଘାଟ ସମସ୍ୟା ଯୋଗୁ ମାଗୁରବେଡାଠାରେ ଖୋଲାଯାଇଛି। ଫଳରେ ପାକ୍ସକୁ ଆସିଥିବା ସାର ଷ୍ଟକ୍‌କୁ ଗାଁର ଏକ କ୍ଲବରେ ଏବଂ ଜଣେ ବେପାରୀଙ୍କ ଘରେ ରଖାଯାଇଛି। ଚାଷୀ ରଞ୍ଜିତ କିଛିଦିନ ତଳେ ସାର କିଣିବା ପାଇଁ ପାକ୍ସକୁ ଯାଇଥିଲେ। ତେବେ ତାଙ୍କୁ ସାର ନାହିଁ କହି ଫେରାଇ ଦିଆଯାଇଥିଲା। ତେବେ ଗତ ୩୧ ତାରିଖ ଦିନ ସେହି ଗାଁର ଜଣେ ବେପାରୀ ପାକ୍ସ ସେକ୍ରେଟେରୀ ଓ ଡିଇଓଙ୍କ ଅନୁପସ୍ଥିତିରେ ବେଆଇନ ଭାବେ ବେପାରୀଙ୍କୁ ସାର ବିକ୍ରି କରୁଥିଲେ। ଏହା ଦେଖିବା ପରେ ଚାଷୀ ରଞ୍ଜିତ ତାଙ୍କ ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସମ୍ପୃକ୍ତ ସାର ବେପାରୀ ଓ ତାଙ୍କ ପରିବାର ଲୋକେ ରଞ୍ଜିତଙ୍କୁ ବାଟରେ ଅଟକାଇ ଗାଳିଗୁଲଜ କରିବା ସହ ନିସ୍ତୁକ ମାଡ ମାରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଥାନାରେ ମଧ୍ୟ ଅଭିଯୋଗ କରିଥିବା ରଞ୍ଜିତ ଜଣାଇଛନ୍ତି। ଏହି ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।



ଜିଲାପାଳ କାର୍ଯ୍ୟାଳୟକୁ ଅଭିଯୋଗ ପାଇଁ ଆସିଥିବା ଚାଷୀ ରଞ୍ଜିତ ବନ୍‌ଛୋର।

# 'ସଂଘ ଦାବି ନ ମାନିଲେ ବିକ୍ଷୋଭ କରାଯିବ'



ସ୍ଥାନୀୟ ଅଘରିଆ ଭବନଠାରେ ଅନୁଷ୍ଠିତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଖବରଦାତା ସମ୍ମିଳନୀ।

ବଲାଙ୍ଗୀର, ୬।୮ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଜିଲା ସଂଯୋଜକ ସନ୍ତୋଷ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ବୁଧବାର ଅଘରିଆ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାଶଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ସରକାର ସଂଘର ଦାବିକୁ ବାରମ୍ବାର ଉପେକ୍ଷା କରୁଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସରକାର ଯଦି ଆଗାମୀ ୧୬ ତାରିଖ ଭିତରେ ଦାବି ପୂରଣ ନ କରନ୍ତି ସଂଘ ପକ୍ଷରୁ ସମଗ୍ର ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ଓ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସରକାରୀଭୁକ୍ତ କରିବା ପାଇଁ ସଂଘ ପକ୍ଷରୁ ପୂର୍ବ ସରକାର ଏବଂ ସରକାର ପାଖରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଦାବି କରାଯାଇ ଆସୁଛି। ମାତ୍ର ସଂଘ ଦାବିକୁ କେହି କର୍ଣ୍ଣପାତ କରୁନଥିବାରୁ ସଂଘ ଏଭଳି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି ବୋଲି କହିଥିଲେ। ସଂଘ ପକ୍ଷରୁ ଅନୁଷ୍ଠିତ ସମ୍ମିଳନୀରେ ପାଟଣାଗଡ଼ ଖଣ୍ଡ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ, ବଲାଙ୍ଗୀର ଖଣ୍ଡ ସଂଯୋଜକ ବିଜୟ କୁମାର ମିଶ୍ର, ମୁରିବାହାଲ ଖଣ୍ଡ ସଂଯୋଜକ ଅଂଶୁମାନ ଦାସ, ସୁକୁମାର ସାହୁ, ବାଣୀଶ୍ରୀ ବେହେରା, କମଳେଶ ରଣା ଓ ପ୍ରତିମା ହେର୍ଣ୍ଣା ଯୋଗ ଦେଇଥିଲେ।

# ବିଶ୍ୱ ଆଦିବାସୀ ଦିବସକୁ ଛୁଟି ଘୋଷଣା ଦାବି

ବଲାଙ୍ଗୀର,୬।୮ (ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ଗୌଣ୍ଡୱାନା ଭବନଠାରେ ବିଶ୍ୱ ଆଦିବାସୀ ଦିବସ ପାଳନ ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବଲାଙ୍ଗୀର ସହରରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟ ଏକତ୍ରିତ ଭାବେ ଏହାକୁ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଦିଲିପ କୁମାର ଭୋଇଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ଦିବସ ପାଳନର ରୂପରେଖ ପ୍ରସ୍ତୁତି ପାଇଁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ଅନ୍ୟ ରାଜ୍ୟରେ ଛୁଟି ଘୋଷଣା ହୋଇଥିବା ବେଳେ ରାଜ୍ୟ ସରକାର ମଧ୍ୟ ଏହି ଦିନ ଛୁଟି ଘୋଷଣା କରିବାକୁ ଦାବି କରାଯାଇଛି। ବୈଠକରେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜାତି ଓ ଜନଜାତି ଗରିବ ମେଧାବୀ ଛାତ୍ରଛାତ୍ରୀମାନେ ଅନ୍ୱେଷା ଯୋଜନାରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ିବାର ସୁଯୋଗ ପାଉଥିବା ବେଳେ ଏହାକୁ ବନ୍ଦ କରିବା ପାଇଁ ହେଉଥିବା ଉଦ୍ୟମକୁ ସେମାନେ ନାପସନ୍ଦ କରିଥିଲେ। ବରିଷ୍ଠ ସଭ୍ୟ ଦଇତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଦିବାସୀ ନେତା ସତ୍ୟ ନାରାୟଣ ଭୋଇ, ମୀନକେତନ ମାଝି, ଦିଲିପ କୁମାର ଭୋଇ, ଡ. କୌତୁକ ପନ୍ଦର, ମଦନ ସିଂ ମାଝି, ଯୋଗୀନ୍ଦ୍ର ଦଳପତି, ରୁଦ୍ରମଣି ମାଝି, ଶୁଭାଂଶୁ ବାଗ, ମନୋଜ କୁମାର ପୁଟା, ଅଙ୍କିତ ମାଝି ନିଜର ମତ ରଖିଥିଲେ। ଶେଷରେ ନୃପ ଭୋଇ ଧନ୍ୟବାଦ ଦେଇଥିଲେ।

# ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନକଲେ କଲିକେଶ

ବଲାଙ୍ଗୀର, ୬।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁରେ ବିଧାୟକ କଲିକେଶ ନାରାୟଣ ସିଂଦେଓ ବୁଧବାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଶିବତଲାର ନୂଆଁପାଲି, ରଜାମୁଣ୍ଡା, ଆଡେନ୍ ଡୁଙ୍ଗୁରି, ଜିରାଟମାଲ, ଚଡେଇମରା ଓ ପଥରଚେପାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ହୋତା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୁଲାପ ବାଗ, ପ୍ରଦ୍ୟୁମ୍ନ ହୋତା, କୈଳାଶ ଚନ୍ଦ୍ର ମହାନ୍ତି, ନରେନ୍ଦ୍ର ସୁନା, ଟିଟୁ ସାହୁ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ସହ ଜନସାଧାରଣ ଉପସ୍ଥିତ ଥିଲେ।


ଶିବତଲା ନୂଆପାଲିଠାରେ ବିଧାୟକ କଲିକେଶ ନାରାୟଣ ସିଂଦେଓ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

# ଏକ ପେଡ୍ ମା' କେ ନାମ ପାଇଁ ପ୍ରସ୍ତୁତି ବୈଠକ

ଖପ୍ରାଖୋଲ,୬।୮ (ଅଭୟ ତ୍ରିପାଠୀ)

ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହଠାରେ ଏକ ପେଡ୍ ମା' କେ ନାମ ସମ୍ପର୍କିତ ପ୍ରସ୍ତୁତି ବୈଠକ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଗାମୀ ସେପ୍ଟେମ୍ବର ୧୭ ତାରିଖ ଦିନ ସାରା ଦେଶରେ ଏକ ପେଡ୍ ମା' କେ ନାମରେ ସାମୁହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପ୍ରତି ପଞ୍ଚାୟତରେ କିପରି ସଫଳ ହେବ ଓ ପ୍ରତି ପଞ୍ଚାୟତରେ ୫ ଶହ ଚାରା ରୋପଣ ସହିତ ଚାରା କିପରି ବଞ୍ଚିବ ସେନେଇ ଆଲୋଚନା ହୋଇଥିଲା। ଜଙ୍ଗଲ ବିଭାଗ ଓ ଉଦ୍ୟାନ କୃଷି ବିଭାଗ ତରଫରୁ ଚାରା ଯୋଗାଣ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜ କିଶୋର ନାଏକ, ବ୍ଲକ ସହ ଶିକ୍ଷା ଅଧିକାରୀ ମୀନକେତନ ବରିହା,ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ, ବନପାଳ ଅରବିନ୍ଦ ଧରୁଆ, ରଞ୍ଜିତ କୁମ୍ଭାର, ସୁଶୀଲ କୁମାର ଗୁରୁ, ଉମାକାନ୍ତ ମେହେର, ଦେବାଶିଷ ସାହୁଙ୍କ ସମେତ ସରପଞ୍ଚ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ, ଏଡିଇଓ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏପିଓ ପ୍ରଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ। ପରିବେଶ କର୍ମୀ ଡ. ଅଭୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ମହିଳା ମହାବିଦ୍ୟାଳୟର କ୍ୟାମ୍ପସ୍ ନ୍ୟୁଜ୍ ବୁଲେଟିନ୍

ବଲାଙ୍ଗୀର,୬।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଓଡ଼ିଆ ପତ୍ରକାରିତା ଦିବସ ଉପଲକ୍ଷେ ମହାବିଦ୍ୟାଳୟ ପକ୍ଷରୁ ପ୍ରଥମ କ୍ୟାମ୍ପସ୍ ନ୍ୟୁଜ୍ ବୁଲେଟିନ୍ 'ଡବ୍ଲୁସିସି ନ୍ୟୁଜ' ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ଓଝା, ମୁଖ୍ୟଅତିଥି ଭାବେ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ପାର୍ଥ ମହାପାତ୍ର, ବିଭାଗ ମୁଖ୍ୟ ଡା. ରାଜେଶ କୁମାର କର୍ଣ୍ଣ, ଅଧ୍ୟାପକ ସିଦ୍ଧାର୍ଥ ଦାସ ଓ ଅଧ୍ୟାପକ ସନାତନ ବାରିକ ଉପସ୍ଥିତ ଥିଲେ। 'ଡବ୍ଲୁସିସି ନ୍ୟୁଜ' ସରକାରୀ ମହିଳା ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଶୈକ୍ଷିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଖବର ପରିବେଷଣ ସହ ଛାତ୍ରୀମାନଙ୍କ ସୃଜନଶୀଳତା ବୃଦ୍ଧିରେ ସହାୟକ ହେବ ବୋଲି ଅତିଥିମାନେ କହିଥିଲେ। ଏହି ନିଉଜ୍ ବୁଲେଟିନ୍ ମାଧ୍ୟମରେ ଛାତ୍ରୀମାନେ ଗଣମାଧ୍ୟମ ସଂକ୍ରାନ୍ତୀୟ ଜ୍ଞାନ ବୃଦ୍ଧି କରିପାରିବେ। ଏହା ସେମାନଙ୍କୁ ଗଣମାଧ୍ୟମ ଏବଂ ଖବର ପରିବେଷଣ କଳା ସହ ପରିଚିତ କରିବ ବୋଲି ଆଲୋଚନା ହୋଇଥିଲା। ଏହି ନିଉଜ୍ ବୁଲେଟିନ୍ ପ୍ରକାଶନକୁ ନେଇ ଛାତ୍ରୀ, ଅଧ୍ୟାପକ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏହା ପ୍ରଥମରୁ ମାସକୁ ଥରେ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି।


କାର୍ଯ୍ୟକ୍ରମ ଅବସରରେ ଯୋଗ ଦେଇଥିବା ଅତିଥି।

# ୬୬୨ ବର୍ଗ ବେସରକାରୀ ଅଧ୍ୟାପକ, କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ବଲାଙ୍ଗୀର, ୬।୮
(ବୀରେନ୍ଦ୍ର କୁମାର ଝାଙ୍କର)

୬୬୨ ବର୍ଗ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇ ଦଫା ଦାବିପତ୍ର ବଲାଙ୍ଗୀର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। କର୍ମଚାରୀ ସର୍ତ୍ତାବଳୀ ଏବଂ ପେନସନ ଦାବିରେ ସଂଘ ପକ୍ଷରୁ ସ୍ଥାନୀୟ ଯାଦବ ଭବନଠାରୁ ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଧ୍ୟାପକମାନେ ରାଲିରେ ଆସିଥିଲେ। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଯୁକ୍ତ ଦୁଇ ଓ ଯୁକ୍ତ ତିନ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ରାଜ୍ୟ ନେତୃ ମଣ୍ଡଳୀର ନିର୍ଦ୍ଦେଶ କ୍ରମେ ଦାବିପତ୍ର ପ୍ରଦାନ କରିଥିବା ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସଂଘ ସଭାପତି ପ୍ରଣବ କୁଅଁର, ସମ୍ପାଦକ ଛବିଳ ବର୍ଗାର୍ତ୍ତି, ଉପସଭାପତି ରାଜେଶ ମିଶ୍ର, ସହସମ୍ପାଦକ ପ୍ରମୋଦ କୁମାର ବଡପଣ୍ଡା, ଚକ୍ରଧର ପ୍ରଧାନ, ପ୍ରଦୀପ ଠାକୁର, ମୁକେଶ ସାହୁ, ଜୟକୃଷ୍ଣ ସାହୁ, ସଞ୍ଜୟ ସିଂ, ପୁରୁଷୋତ୍ତମ ଭଞ୍ଜ, ଶିବ ଉଦ୍‌ଗାତା, କୃପାସିନ୍ଧୁ ଯୋଶୀ, ଜୟ ପ୍ରକାଶ ମିଶ୍ର, ସୁବ୍ରତ ପାତ୍ର, ଅଶୋକ ତ୍ରିପାଠୀ, ଅନୁପମ ବେହେରା, ହରେଶ ବେହେରା ଉପସ୍ଥିତ ଥିଲେ।



ସଂଘ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଉଛି।

## ଗ୍ରାହକ ବେଶରେ ଆସି ଦୋକାନରୁ ଲୁଟିଲେ

ରେଢାଖୋଲ, ୬।୮ (ଅଚ୍ୟୁତାନନ୍ଦ ପୁରୋହିତ)

ଗ୍ରାହକ ବେଶରେ ଆସି ରେଢାଖୋଲ ସହରର ଏକ ଫେନସି ଦୋକାନ ଡ୍ରରୁ ୪୬ହଜାର ଟଙ୍କା ଲୁଟ୍ କରି ଜଣେ ଯୁବତୀଯୁବକ ଫେରାର ହୋଇଥିବା ଅଭିଯୋଗ ହୋଇଛି। ଫେନସି ଷ୍ଟୋର ମାଲିକ ଜ୍ୟୋତିରଞ୍ଜନ ସ୍ୱାଇଁ ରେଢାଖୋଲ ଥାନାରେ ବୁଧବାର କରିଥିବା ଅଭିଯୋଗ ଅନୁଯାୟୀ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ବେଳେ ଜଣେ ଯୁବତୀଯୁବକ ଦୋକାନକୁ ଆସି କିଛି ଜିନିଷ ଦେଖାଇବାକୁ କହିଥିଲେ। ଦୋକାନୀ ଜିନିଷ ଆଣୁଥିବା ବେଳେ ସେମାନେ ଡ୍ରରୁ ଟଙ୍କା ଲୁଟି ନେଇଥିଲେ। ତେବେ ବ୍ୟବସାୟୀ ଜଣକ ରାତିରେ ଦୋକାନ ବନ୍ଦ କରିବା ବେଳେ ଡ୍ରରେ ଥିବା ୪୬ହଜାର ଟଙ୍କା ନ ଥିବା ଦେଖିଥିଲେ। ପରେ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଚେକ୍ କରିବାବେଳେ ଗ୍ରାହକ ବେଶରେ ଆସିଥିବା ସମ୍ପୃକ୍ତ ଯୁବତୀଯୁକ ଟଙ୍କା ଲୁଟ୍ କରିଥିବା ଜଣାପଡିଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ବସନ୍ତପୁରବାସୀ ଫେରିପାଇବେ ଅବ୍ୟବହୃତ ଜମି


ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଅନ୍ୟମାନେ।

■ ୮୦ବର୍ଷର ସମସ୍ୟ ସମାଧାନ ପାଇଁ ଚୂଡାନ୍ତ ନିଷ୍ପତ୍ତି

■ ହୀରାକୁଦ ବନ୍ଧ ସମୟରେ ହୋଇଥିଲା ଜମି ଅଧିଗ୍ରହଣ

ସମ୍ବଲପୁର, ୬।୮ (ଭବାନୀ ଶଙ୍କର ଭୋଇ)

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଭୁବନେଶ୍ୱର ସଚିବାଳୟସ୍ଥିତ କାର୍ଯ୍ୟାଳୟରେ ମଙ୍ଗଳାବର ସନ୍ଧ୍ୟାରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବସନ୍ତପୁର ପଞ୍ଚାୟତର ୬ଗୋଟି ମୌଜାର ଜମି ଫେରସ୍ତ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମନ୍ତ୍ରୀ ପୂଜାରୀଙ୍କ ଅଧ୍ୟକ୍ଷତା ଏବଂ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଜଳ ସମ୍ପଦ ବିଭାଗ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଜଳ ସମ୍ପଦ ଓ ରାଜସ୍ୱ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବସନ୍ତପୁର ପଞ୍ଚାୟତର ଚିପିଲିମା ସବ୍‌ସିଡାରୀ ରିଜର୍ଭର ପାଇଁ ଅଧିକୃତ ବଳକା ଜମିକୁ ଫେରସ୍ତ ନିମନ୍ତେ ପ୍ରସ୍ତାବ କରାଯାଇଥିଲା। ହୀରାକୁଦ ବନ୍ଧର ନିଷ୍କାସିତ ଜଳକୁ ପାୱାର ଚ୍ୟାନେଲରେ ପ୍ରବାହିତ କରିବା ପାଇଁ ବସନ୍ତପୁରରେ ଜମି ଅଧିଗ୍ରହଣ କରାଯାଇଥିଲା। ହେଲେ ଅଧିକାଂଶ ଅଧିଗୃହୀତ ଜମି ବ୍ୟବହାର ନ ହେବା ପରେ ସ୍ଥାନୀୟ ଲୋକେ ସେଥିରେ ଚାଷ କରି ଜୀବିକା ନିର୍ବାହ କରିଆସୁଥିଲେ। ତେବେ ଚାଷ କରିବା ସତ୍ତ୍ୱେ ଜମିର ମାଲିକାନା ନଥିବାରୁ ଧାନ ବିକ୍ରୀ ସମୟରେ ଅସୁବିଧାର ଶିକାର ହୋଇ ଆସୁଥିଲେ।

ପୂର୍ବତନ ବିଧାୟକ ନାଏକ ବୁଧବାର କହିଛନ୍ତି, ବସନ୍ତପୁରବାସୀଙ୍କ ନ୍ୟାର୍ଯ୍ୟ ଦାବି ପାଇଁ ବହୁ ବର୍ଷ ଧରି ଆମେ ଆନ୍ଦୋଳନ କରି ଆସୁଥିଲୁ। ବିଗତ ସରକାର୍ ସମୟରେ ବିଧାନସଭାରେ ମଧ୍ୟ ଏହି ଦାବି ଉପସ୍ଥାପନ କରିଥି। ସରକାର୍ ପରିବର୍ତ୍ତନ ପରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପୂଜାରୀଙ୍କ ପ୍ରଥମ ଗୋଶାଳା, ଘଣ୍ଟେଶ୍ୱରୀ ଗସ୍ତ ସମୟରେ ବସନ୍ତପୁରବାସୀଙ୍କ ତରଫରୁ ମନ୍ତ୍ରୀଙ୍କୁ ସମସ୍ତ ବିଷୟ ଅବଗତ କରାଯାଇଥିଲା। ଏହି ନିଷ୍ପତ୍ତିର ଖବର ପ୍ରସାରିତ ହେବା ପରେ ବସନ୍ତପୁରବାସୀ ଖୁସି ପ୍ରକଟ କରିଛନ୍ତି। ବସନ୍ତପୁର ପଞ୍ଚାୟତର ଦୀର୍ଘ ୮୦ ବର୍ଷର ସମସ୍ୟାର ସମାଧାନ କରି ରାଜ୍ୟ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ବସନ୍ତପୁର ସରପଞ୍ଚ ସସ୍ମିତା ରଣା କହିଛନ୍ତି।

## ସମସ୍ୟା ଜଣାଇ ସମାଧାନ ଦାବି କଲେ ଅଞ୍ଚଳବାସୀ


ଏସ୍‌ଏମ୍‌ସି ଆୟୁକ୍ତ ରେହାନ ଖେତ୍ରୀ ବୁଧବାର ୩୭ନମ୍ବର ୱାର୍ଡ ପରିଦର୍ଶନ କରି ଅଞ୍ଚଳବାସୀଙ୍କ ସହ ଆଲୋଚନା କରୁଛନ୍ତି।

### ୩୭ ନମ୍ବର ୱାର୍ଡ ପରିଦର୍ଶନ କଲେ ଏସ୍‌ଏମ୍‌ସି ଆୟୁକ୍ତ

ସମ୍ବଲପୁର, ୬।୮ (ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି)ର ନୂତନ ଆୟୁକ୍ତ ରେହାନ ଖେତ୍ରୀ ବୁଧବାର ୩୭ ନମ୍ବର ୱାର୍ଡ ପରିଦର୍ଶନ କରିଥିଲେ। ଅଞ୍ଚଳବାସୀଙ୍କ ସହ ଆଲୋଚନା କରିବା ସହ ବିଭିନ୍ନ ବିକାଶ କାର୍ଯ୍ୟ ବିଷୟରେ ପଚାରି ବୁଝିଥିଲେ। ଧନୁପାଲି ଛକରୁ ମହାବୀର ପଡାର କିଛି ଅଂଶ ପରିଦର୍ଶନ କରି ନାଳ, ନର୍ଦ୍ଦମା, ସଫେଇ ଓ ରାସ୍ତା ଆଲୁଅ ସହ ଅନ୍ୟାନ୍ୟ ବିଷୟ ଅନୁଧାନ କରିଥିଲେ । ଅଞ୍ଚଳବାସୀ ଆୟୁକ୍ତ ଖେତ୍ରୀଙ୍କୁ ଭେଟି ଧନୁପାଲି ଛକର ସଙ୍କୁଚିତ ଅବସ୍ଥା, ରାସ୍ତା ଉପରେ ବଜାର ବସିବା, ରାସ୍ତାକଡ ଡ୍ରେନରେ ପାଣି ନିଷ୍କାସନ ନ ହେବା, ଦୀର୍ଘଦିନ ଧରି ଧନୁପାଲି ଛକରୁ କଟକ ରାସ୍ତାର ଭତ୍ରା ପର୍ଯ୍ୟନ୍ତ ଓ ଅନ୍ୟ ମୁଖ୍ୟ ରାସ୍ତାଗୁଡିକରେ ଦୀର୍ଷ ମାସ ହେବ ଷ୍ଟ୍ରିଟଲାଇଟ ଜଳୁନାହିଁ। ମହାବୀର ପଡା ଖେଳ ପଡିଆର ଉନ୍ନତି ପାଇଁ ୨୦୨୨ରୁ ଟେଣ୍ଡର ହୋଇ କାର୍ଯ୍ୟାଦେଶ ଦିଆଯାଇଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ କାମ ଆରମ୍ଭ ନ ହେବା, ମହାବୀରପଡା ସ୍ଥିତ ଜମିର ଉନ୍ନତୀକରଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ସତ୍ତ୍ୱେ କାମ ନହେବା, ଡ୍ରେନଗୁଡିକର ମରାମତି ଓ ଢାଙ୍କୁଣୀ ବ୍ୟବସ୍ଥା ନ ହେବା ଇତ୍ୟାଦି ଉପରେ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା । ଆଲୋଚନା ବେଳେ ଅଞ୍ଚଳର ବରିଷ୍ଠ ନାଗରିକ ରାଜେନ୍ଦ୍ର ପଣ୍ଡା, ପ୍ରଦୀପ ଧର, କାହ୍ନୁରାମ ଶର୍ମା, ପିଭି ନାଇଡୁ, ପ୍ରକାଶ ନାୟକ, ଡେନି ପଟେଲ, ଜଗା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଏସ୍‌ଏମ୍‌ସି ଆୟୁକ୍ତଙ୍କୁ ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇଥିଲେ। ନିଗମର ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆୟୁକ୍ତ ବୁଲି ଲୋକଙ୍କୁ ରାସ୍ତା ଘାଟରେ ଆବର୍ଜନା ନ ପକେଇବାକୁ ସଚେତନ କରିଥିଲେ । ଏଥିସହ ପ୍ଲାଷ୍ଟିକ ବ୍ୟବହାର ଉପରେ କଡା ଚେତାବନୀ ଦେଇ କେତେଜଣ ବ୍ୟବସାୟୀଙ୍କୁ ତାଗିଦ୍ କରିବା ସହ ଜରିମାନା ଆଦାୟ କରିଥିଲେ।

## ୩୮ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

ସମ୍ବଲପୁର, ୬।୮ (ପ୍ରମୋଦ ବହିଦାର)

■ ସମ୍ବଲପୁର ଷ୍ଟେଶନରେ ଉନ୍ନୟନ କାର୍ଯ୍ୟ

■ ୨୫ ଟ୍ରେନ ବାତିଲ, ୯ଟିର ମାର୍ଗ ପରିବର୍ତ୍ତନ, ୪ଟି ଆଂଶିକ ବାତିଲ

ସମ୍ବଲପୁର ରେଳ ଷ୍ଟେଶନରେ ଉନ୍ନୟନ କାର୍ଯ୍ୟ ଯୋଗୁ ଅଗଷ୍ଟ ୬ରୁ ୧୬ତାରିଖ ମଧ୍ୟରେ ଏହି ମାର୍ଗରେ ଚଳାଚଳ କରୁଥିବା ମୋଟ ୩୮ଟି ଟ୍ରେନ୍‌ର ସମୟ ସାରଣି ପରିବର୍ତ୍ତନ, ଗତିପଥ ପରିବର୍ତ୍ତନ ଓ ବାତିଲ କରାଯାଇଛି। ଷ୍ଟେଶନରେ ବିଭିନ୍ନ ନିରାପତ୍ତା ସମ୍ବନ୍ଧୀୟ ଭିତ୍ତିଭୂମିର ବିକାଶ ଓ ଯାତ୍ରୀ ସୁବିଧା କାମ ପାଇଁ କେତେକ ଟ୍ରେନ୍‌କୁ ବାତିଲ, କେତେକ ଆଂଶିକ ବାତଲ ଓ ଅନ୍ୟ କେତେକ ଟ୍ରେନ୍‌ରେ ମାର୍ଗ ପରିବର୍ତ୍ତନ କରାଯାଇଛି ବୋଲି ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମାର୍ଗରେ ସମ୍ପୂର୍ଣ୍ଣ ବାତିଲ ହୋଇଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟରେ ରହିଛି ଟିଟଲାଗଡ଼-ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର, ଟିଟିଲାଗଡ଼-ରାୟପୁର-ଟିଟିଲାଗଡ଼ ପାସେଞ୍ଜର, ସମ୍ବଲପୁର-ଜୁନାଗଡ଼ରୋଡ୍-ସମ୍ବଲପୁର ପାସେଞ୍ଜର ଟ୍ରେନ, ବଲାଙ୍ଗୀର-ପୁରୁଣାକଟକ-ବଲାଙ୍ଗୀର ପାସେଞ୍ଜର ଟ୍ରେନ୍, ସମ୍ବଲପୁର-ରାୟଗଡା-ସମ୍ବଲପୁର ଏକ୍ସପ୍ରେସ୍, ସମ୍ବଲପୁର-ପୁରୀ-ସମ୍ବଲପୁର ଏକ୍ସପ୍ରେସ, ସମ୍ବଲପୁର-ନାନ୍ଦେଡ ଏକ୍ସପ୍ରେସ୍, ସମ୍ବଲପୁର-ଶାଲିମାର ଏକ୍ସପ୍ରେସ୍, ବିଶାଖାପାଟଣା-ବନାରସ-ବିଶାଖାପାଟଣା ଏକ୍ସପ୍ରେସ୍, ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ଏକ୍ସପ୍ରେସ ଏବଂ ବୌଦ୍ଧ-ଭୁବନେଶ୍ୱର-ବୌଦ୍ଧ ଏକ୍ସପ୍ରେସ ଚଳାଚଳକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି।

ସେହିପରି ସମ୍ବଲପୁର ଦେଇ ଯାତାୟତ କରୁଥିବା କେତେକ ଟ୍ରେନ୍‌ର ଗତିପଥକୁ ପରିବର୍ତ୍ତନ କରାଯାଇଛି। ସେଥିମଧ୍ୟରେ ତପସ୍ୱିନୀ ଏକ୍ସପ୍ରେସକୁ ଜୁଲାଇ ୨୭ ରବିବାରଠାରୁ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜଙ୍କସନ ବଦଳରେ ସମ୍ବଲପୁର ସିଟି ଷ୍ଟେଶନ ଦେଇ ଚଳାଚଳ କରିବ। ଟାଟା-ଏର୍ଣ୍ଣାକୁଲମ-ଟାଟା ଏକ୍ସପ୍ରେସ୍ ଟ୍ରେନ୍ ଉଭୟ ପଟୁ ଯଥାକ୍ରମେ ଅଗଷ୍ଟ ୮ରୁ ୧୪ ତାରିଖ ଓ ଅଗଷ୍ଟ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ସିଟି ଷ୍ଟେଶନ ଦେଇ ଅନୁଗୋଳ, ନରଓଜମାର୍ଥାପୁର, ଖୋର୍ଦ୍ଧା ରୋଡ ଦେଇ ବିଜୟନଗରମ୍ ମାର୍ଗରେ ଚଳାଚଳ କରିବ। ତାମ୍ବରମ୍-ଜସିଡିହ-ତାମ୍ବରମ୍ ଏକ୍ସପ୍ରେସ ଟ୍ରେନ୍ ମଧ୍ୟ ଉଭୟ ପଟୁ ଯଥାକ୍ରମେ ଅଗଷ୍ଟ ୯ ଓ ଅଗଷ୍ଟ ୧୩ରେ ବିଜୟନଗରମ୍, ଖୋର୍ଦ୍ଧା ରୋଡ୍, ନରଓଜମାର୍ଥାପୁର, ଅନୁଗୋଳ, ସମ୍ବଲପୁର ସିଟି ଷ୍ଟେଶନ ମାର୍ଗ ଦେଇ ଚଳାଚଳ କରିବ। ସେହିପରି ସାଇନଗର ଶିରିଡ଼ି-ପୁରୀ-ସାଇନଗର ଶିରିଡ଼ି ଏକ୍ସପ୍ରେସ୍ ଟ୍ରେନ୍ ଅଗଷ୍ଟ ୧୦ ତାରଖରେ ରାୟପୁର, ଟିଟିଲାଗଡ଼, ବିଜୟନଗରମ୍, ଖୋର୍ଦ୍ଧା ରୋଡ୍ ମାର୍ଗ ଦେଇ ଚଳାଚଳ କରିବ। ଟାଟା-ଏସ୍‌ଏମ୍‌ଭିବି ବାଙ୍ଗାଲୁରୁ-ଟାଟା ଏକ୍ସପ୍ରେସ ଟ୍ରେନ୍ ମଧ୍ୟ ଉଭୟପଟୁ ଯଥାକ୍ରମେ ଅଗଷ୍ଟ ୮ ଓ ୧୧ରେ ବିଜୟନଗରମ୍, ଖୋର୍ଦ୍ଧା ରୋଡ୍, ନରଓଜମାର୍ଥାପୁର, ଅନୁଗୋଳ, ସମ୍ବଲପୁର ସିଟି, ଝାରସୁଗୁଡ଼ା ମାର୍ଗ ଦେଇ ଚଳାଚଳ କରିବ। ଏସ୍‌ଏମ୍‌ଭିବି ବାଙ୍ଗାଲୁରୁ-ହାଟିଆ-ଏସ୍‌ଏମ୍‌ଭିବି ବାଙ୍ଗାଲୁରୁ ଏକ୍ସପ୍ରେସ ଅଗଷ୍ଟ ୧୨ରେ ବିଜୟନଗରମ୍, ଖୋର୍ଦ୍ଧା ରୋଡ୍, ନରାଜ ମାର୍ଥାପୁର, ଅନୁଗୋଳ, ସମ୍ବଲପୁର ସିଟି, ଝାରସୁଗୁଡ଼ା ମାର୍ଗ ଦେଇ ଚଳାଚଳ କରିବ। ଅପରପକ୍ଷରେ ଉନ୍ନୟନ କାର୍ଯ୍ୟ ପାଇଁ ୪ଟି ଟ୍ରେନ୍‌କୁ ଆଂଶିକ ବାତିଲ କରାଯାଇଛି।

## ସାର କଳାବଜାର, ଜିଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର


ଚାଷୀମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଜମନକିରା, ୬।୮ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକରେ ସାରର ବ୍ୟାପକ କଳାବଜାର ହେଉଛି। ଏ ନେଇ ବୁଧବାର ବ୍ଲକ ଚାଷୀ ସମୂହ ଜମନକିରା ଗସ୍ତରେ ଆସିଥିବା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦେରଙ୍କୁ ଭେଟି କଳାବଜାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଚାଷୀ ପଞ୍ଜୀକରଣ ତାରିଖ ବଢେଇବା ପାଇଁ ଦାବି କରିଛନ୍ତି।

ଚଳିତ ଖରିଫ ଋତୁରେ ଚାଷୀମାନଙ୍କ ସକାଶେ ସରକାରଙ୍କ ପକ୍ଷରୁ ଲ୍ୟାମ୍ପସ ଓ ପ୍ୟାକ୍ସ ଜରିଆରେ ୟୁରିଆ, ଡିଏସପ ସାର ସରକାରୀ ମୂଲ୍ୟରେ ଯୋଗାଇବା ପାଇଁ ନିୟମ ରହିଛି। ତେବେ ପ୍ରଶାସନ ପକ୍ଷରୁ ସାର ଲ୍ୟାମ୍ପସକୁ ନ ଯୋଗାଇବାରୁ ଚାଷୀମାନେ ବଜାରରୁ ସାର ଅଧିକ ଦରରେ କିଣିବା ପାଇଁ ବାଧ ହେଉଛନ୍ତି। ସାର ଲ୍ୟାମ୍ପସରେ ଅଭାବୀ ଥିବାରୁ ଏହାର ଭରପୁର ଫାଇଦା ନେଉଛନ୍ତି କଳାବଜାର କରୁଥିବା ବ୍ୟବସାୟୀ। ଅପରପକ୍ଷରେ ବ୍ୟବସାୟୀମାନେ ସାର ନେଲେ ଚାଷୀଙ୍କୁ ଭିଟାମିନ ନେବା ପାଇଁ ବାଧ କରୁଛନ୍ତି। ଭିଟାମିନ ନ ନେଲେ ସାର ଦିଆଯିବ ନାହିଁ ବୋଲି କହୁଥିବା ଚାଷୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଲ୍ୟାମ୍ପସ ଏବଂ କୃଷି ବିଭାଗକୁ ଜଣାଇଲେ ମଧ୍ୟ କୃଷି ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁ ନ ଥିବା ଚାଷୀମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

ଏଥିସହ ବର୍ତ୍ତମାନ ଚାଷୀଙ୍କ ବ୍ୟସ୍ତତା ସମୟରେ ଧାନ ବିକ୍ରି ରେଜିଷ୍ଟ୍ରେଶନ କରାଯାଉଛି। କମ୍ପ୍ୟୁଟର ପୋର୍ଟାଲ ଠିକ୍‌ରେ ଚାଲୁ ନଥିବାରୁ ରେଜିଷ୍ଟ୍ରେଶନ କାମ ତ୍ୱରାନ୍ୱିତ ହୋଇପାରୁନାହିଁ। ଏଣୁ ରେଜିଷ୍ଟ୍ରେଶନ ତାରିଖ ବୃଦ୍ଧି କରିବାକୁ ମଧ୍ୟ ସେମାନେ ଦାବି କରିଛନ୍ତି। ଏପରିକି ଚାଷୀଙ୍କ ସମସ୍ୟାର ସମାଧାନ ୭ଦିନ ମଧ୍ୟରେ କରା ନଗଲେ ଚାଷୀ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି କହିଥିଲେ। ଜିଲାପାଳ ଅଭିଯୋଗ ଶୁଣିଲା ପରେ ଜମନକିରା ଲ୍ୟାମ୍ପସକୁ ୫୫୦ ପ୍ୟାକେଟ ୟୁରିଆ ସାର ବୁଧବାର ଆସିଥିବା ଚାଷୀଙ୍କୁ କହିଥିଲେ। ପରେ କଳାବଜାର କରୁଥିବା ଜଣେ ଦୋକାନୀଙ୍କ ଗୋଦାମ ଯାଞ୍ଚ କରିବା ପାଇଁ ତହସିଲଦାର, ବିଡ଼ିଓ, ଏବଂ ପୋଲିସକୁ ନିର୍ଦ୍ଦେଶ କରିଥଲେ। ଚଢ଼ାଉ ବେଳେ ବେଆଇନ କାରବାର କରୁଥିବା ଜମନକିରାର ରତନ ଫର୍ଟିଲାଜର ଦୋକାନକୁ ସିଲ୍ କରାଯାଇଥିଲା। ଚଢ଼ାଉ ବେଳେ ତହସିଲଦାର ପ୍ରଭିନା ବିଲୁଙ୍ଗ, ଗୋଷ୍ଠୀ କୃଷି ଅଧିକାରୀ କାଦମ୍ବିନୀ ଶତପଥୀ, ଥାନା ଏସଆଇ ସନ୍ତୋଷ ସ୍ୱାଇଁ ସାମିଲ ଥିଲେ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ନୂତନ ସଂଯୋଗ ଶିବିର ଆଜିଠାରୁ

ସମ୍ବଲପୁର, ୬।୮ (ବି.ଶଙ୍କର)

ପଶ୍ଚିମ ଓଡ଼ିଶାର ଘରେ ଘରେ ବିଦ୍ୟୁତ୍ ସେବା ଉପଲବ୍ଧ କରିବା ଦିଗରେ ଟାଟା ପାୱାର ପଶ୍ଚିମ ଓଡ଼ିଶା ବିତରଣ କମ୍ପାନୀ(ଟିପିଡବ୍ଲ୍ୟୁଓଡିଏଲ୍) ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛି। ଅଗଷ୍ଟ ୭ ଏବଂ ୮ତାରିଖ ସମଗ୍ର ପଶ୍ଚିମ ଓଡ଼ିଶା ସ୍ଥିତ ଟିପିଡବ୍ଲ୍ୟୁଓଡିଏଲର ସମସ୍ତ ସେକ୍ସନ, ସବ୍‌ଡିଭିଜନ ଓ ଡିଭିଜନ କାର୍ଯ୍ୟାଳୟରେ ନୂତନ ସଂଯୋଗ ଶିବିର ଆୟୋଜିତ ହେବ। ଏହାଦ୍ୱାରା ସମସ୍ତ ଜନସାଧାରଣ ତଥା ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଆଇନ ସମ୍ମତ, ନିରାପଦ ବିଦ୍ୟୁତ ସଂଯୋଗ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଶିବିର ମାଧ୍ୟମରେ ଉପଭୋକ୍ତାମାନେ ସହଜ ଏବଂ ସ୍ୱଚ୍ଛ ଉପାୟରେ ନୂତନ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରିପାରିବେ। ତେବେ ଏହି ଶିବିରରେ ଯୋଗ ଦେଇ ଆବଶ୍ୟକତା ଅନୁଯାଇ ନିରବଚ୍ଛିନ୍ନ ଏବଂ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରନ୍ତୁ ବୋଲି କମ୍ପାନୀ ପକ୍ଷରୁ ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଶିବିରରେ ଯୋଗଦାନ କରିବାକୁ ଥିବା ବ୍ୟକ୍ତିମାନେ ବୈଧ ପରିଚୟ ପ୍ରମାଣ ପତ୍ର, ଠିକଣା ପ୍ରମାଣ ଏବଂ ପ୍ରାସଙ୍ଗିକ ସମ୍ପତ୍ତି କିମ୍ବା ବାସସ୍ଥାନର ଡକ୍ୟୁମେଣ୍ଟ ଆଣିବାକୁ ଅନୁରୋଧ କରାଯାଉଛି। କମ୍ପାନୀ ଟିମ୍ ପ୍ରତ୍ୟେକ ଶିବିରରେ ଉପସ୍ଥିତ ରହି ଆବେଦନକାରୀଙ୍କୁ ଫର୍ମ ଭରିବା ପାଇଁ ସହାୟତା କରିବେ ଏବଂ ସମସ୍ତ ପ୍ରଶ୍ନର ଉତ୍ତର ଦେବେ। ଏହାଦ୍ୱାରା ଘଟଣାସ୍ଥଳରେ ସମସ୍ତ ସମସ୍ୟାର ସମାଧାନ କରାଯାଇ ପାରିବ। ବିଦ୍ୟୁତ୍ ଶକ୍ତି କେବଳ ଯେ ଏକ ସୁବିଧା ନୁହେଁ, ଏହା ଏକ ମୌଳିକ ଆବଶ୍ୟକତା। ତେଣୁ ଏହି ଶିବିର ମାଧ୍ୟମରେ, ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ କୋଣରେ ପହଞ୍ଚିବା ସହ ଜନସାଧାରଣଙ୍କୁ ଏକ ଆଇନ ସମ୍ମତ ବିଦ୍ୟୁତ ଯୋଗଣ ବ୍ୟବସ୍ଥାରେ ସାମିଲ ହେବାକୁ ଆମନ୍ତ୍ରଣ କରୁଛୁ ବୋଲି ବୁଧବାର ଟିପିଡବ୍ଲୁଓଡିଏଲ୍‌ର ସିଇଓ ପ୍ରବୀଣ ବର୍ମା ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

## ବଜାରରେ ଅଲ୍ ନ୍ୟୁ ହିରୋ ଜୁମ୍ ୧୨୫



ସମ୍ବଲପୁର ଅଇଁଠାପାଲି ନିକଟସ୍ଥ ଶ୍ରୀଶ୍ୟାମ ମୋଟର୍ସ ପରିସରରେ ବୁଧବାର ହିରୋ ମୋଟୋକର୍ପର ଜୁମ-୧୨୫ ସ୍କୁଟର ଅନାବରଣ କରାଯାଉଛି।

ସମ୍ବଲପୁର, ୬।୮ (ବି.ଶଙ୍କର)

ହିରୋ ମୋଟୋକର୍ପର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଅଲ ନ୍ୟୁ ଜୁମ ୧୨୫ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଶ୍ରୀଶ୍ୟାମ ମୋଟର୍ସ ସମ୍ବଲପୁରର ଅଇଁଠାପାଲି ଶୋରୁମ ପକ୍ଷରୁ ବୁଧବାର ଏକ ସ୍ୱତନ୍ତ୍ର ଅନାବରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏଚ୍‌ଏମସିଏଲ ଟେରିଟୋରି ମ୍ୟାନେଜର ଦିଲୀପ ବେହେରା ଏବଂ ଏକଜିକ୍ୟୁଟିଭ ସମୀର କୁମାର ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ଏମ୍ ସଞ୍ଜିବ ମହାରଣା ଓ ଡିଏନ୍‌ଏମ୍ ସନ୍ଦିପନ ମୁଖାର୍ଜୀଙ୍କ ସମେତ ଶୋରୁମର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏ ନେଇ ଶ୍ରୀଶ୍ୟାମ ମୋଟର୍ସର ଜେନେରାଲ ମ୍ୟାନେଜର ପୁରୁଷୋତ୍ତମ ଶର୍ମା କହିଥିଲେ ସମ୍ବଲପୁର ବଜାରରେ ହିରୋ ମୋଟୋକର୍ପର ୧୨୫ସିସି ସ୍କୁଟର ସେଗମେଣ୍ଟରେ ସମ୍ପୂର୍ଣ୍ଣ ନୂତନ ହିରୋ ଜୁମ ୧୨୫ ବଜାରରେ ଉପଲବ୍ଧ। ଏଥିରେ ଅନେକ ପ୍ରକାରର ସୁରକ୍ଷା ବ୍ୟବସ୍ଥା ସହ ପାୱାର ଷ୍ଟାଇଲ ଏବଂ ପ୍ରଯୁକ୍ତିର ସମ୍ମିଶ୍ରଣ କୁହାଯାଉଥିବା ୧୨୫ସିସି ସ୍କୁଟର ଶ୍ରେଣୀରେ ଜୁମ ୧୨୫ ଏକ ନୂତନ ବେଞ୍ଚମାର୍କ ସ୍ଥାପନ କରିଛି । ଏହାର ଆକର୍ଷଣୀୟ ଏରୋଡାଇନାମିକ ଡିଜାଇନ, ଅତ୍ୟାଧୁନିକ ଫିଚର୍ସ ଲୋକପ୍ରିୟତା ହାସଲ କରିବ ବୋଲି କମ୍ପାନୀ ଆଶା କରିଛି। ନୂତନ ଜୁମ ୧୨୫ ଆକର୍ଷଣୀୟ ଦାମରେ ଶ୍ରୀଶ୍ୟାମ ମୋଟର୍ସ ଉପଲବ୍ଧ ରହିଛି। ଜୁମ ୧୨୫ ଭିଏକ୍ସ ମୂଲ୍ୟ ୯୩,୬୦୦ ଟଙ୍କା ହୋଇଥିବାବେଳେ ଜୁମ ୧୨୫ ଜେଡଏକ୍ସ ୯୯,୯୯୦ ଟଙ୍କା ରହିଛି । ଶକ୍ତିଶାଳୀ ୧୨୫ସିସି ଇଞ୍ଜିନ ସହ ସଜ୍ଜିତ ଏହି ସ୍କୁଟର ୭.୩ କିଲୋୱାଟ ପ୍ରତି ୭,୨୫୦ ଆରପିଏମ ଏବଂ ୧୦.୪ ଏନଏମ ଟର୍କପ୍ରତି ୬,୦୦୦ ଆରପିଏମ ଉତ୍ପାଦନ କରିଥାଏ। ତେଣୁ ଏହି ସ୍କୁଟରଟି ମାତ୍ର ୭.୬ ସେକେଣ୍ଡ ମଧ୍ୟରେ ଶୂନ (ଜିରୋ) ରୁ ୬୦ କିଲୋମିଟର ପ୍ରତିଘଣ୍ଟା ରହିଛି। ଫର୍ଷ୍ଟ-ଇନ-ସେଗମେଣ୍ଟ ଏଲଇଡି ସିକ୍ୱେନ୍ସିଆଲୱିଙ୍କର୍ସ ରହିଛି ।

## ୬୬୨ବର୍ଗ ଶିକ୍ଷକ ସଂଘର ବିକ୍ଷୋଭ

ସମ୍ବଲପୁର, ୬।୮ (ପ୍ରମୋଦ ବହିଦାର)

■ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

■ ଦାବି ପୂରଣ ନ ହେଲେ ଲୋୟର ପିଏମ୍‌ଜିରେ ୧୬ରୁ ଧାରଣା

ବିଭିନ୍ନ ଦାବି ତଥା ସରକାରୀ ଉଦାସୀନତାର ପ୍ରତିବାଦରେ ବୁଧବାର ସମ୍ବଲପୁର ଜିଲା ୬୬୨ ବର୍ଗ ଯୁକ୍ତ ୨ ଓ ଯୁକ୍ତ ୩ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘର ଜିଲା ସଭାପତି ଅଶୋକ କୁମାର ପୁରୋହିତଙ୍କ ନେତୃତ୍ୱରେ ଏହି ବର୍ଗର ଶତାଧିକ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସ୍ଥାନୀୟ ଗଙ୍ଗାଧର ମଣ୍ଡପରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ବିକ୍ଷୋଭ ସମାବେଶରେ ଯୋଗଦେଇଥିଲେ। ସମାବେଶରେ ଜିଲାର ୨୭ଟି ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟର ଶତାଧିକ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ। ସଭାରେ ଏହି ବର୍ଗର ମହାବିଦ୍ୟାଳୟମାନଙ୍କରେ ୭୦ପ୍ରତିଶତ ବିଦ୍ୟାର୍ଥୀ ଶିକ୍ଷା ଗ୍ରହଣ କରୁଛନ୍ତି। ମାତ୍ର ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କ ପ୍ରତି ସରକାର ସର୍ବଦା ଉଦାସୀନ ମନୋଭାବ ପୋଷଣ କରିଆସିଛନ୍ତି। ପେନସନ ଓ ଚାକିରି ସର୍ତ୍ତାବଳୀରୁ ବଞ୍ଚିତ ଅଧ୍ୟାପକ ଓ କର୍ମଚାରୀମାନେ ୩୦ବର୍ଷ ଅଧ୍ୟାପନା ତଥା କାର୍ଯ୍ୟକରିବା ପରେ ମଧ୍ୟ ରିକ୍ତହସ୍ତରେ ଅବସର ଗ୍ରହଣ କରୁଛନ୍ତି। ଫଳରେ ଅବସର ପରବର୍ତ୍ତୀ ସମୟରେ ସେମାନେ ଦୁର୍ବିସହ ଜୀବନ ବିତାଉଛନ୍ତି। ସେହିପରି ଗତ ସରକାରଙ୍କ ଦ୍ୱାରା ବାରମ୍ବାର ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କ ଦାବିର ବିଚାର କରି ସମାଧାନ କରିବାକୁ ପ୍ରତିଶୃତି ଦେଇ ପ୍ରବଞ୍ଚନା କରିଛନ୍ତି। ଖାଲି ସେତିକି ନୁହେଁ ଏକ ବର୍ଷରୁ ଅଧିକ ସମୟ ହେଲା ଏସମ୍ପର୍କରେ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ବର୍ତ୍ତମାନର ସରକାର ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସଂଘ ସଭାପତି ପୁରୋହିତଙ୍କ ସହିତ ଏକ ୮ ଜଣିଆ ପ୍ରତିନିଧି ଦଳ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇଙ୍କୁ ସାକ୍ଷାତ୍ କରି ପ୍ରଧାନ ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ନାର୍ଯ୍ୟ ଦାବି ପୂରଣ ଦିଗରେ ତୁରନ୍ତ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ସଂଘ ପକ୍ଷରୁ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ସଂଘ ପକ୍ଷରୁ ଧାରଣା ଦିଆଯିବ ବୋଲି ଏହି ସମାବେଶରେ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସରୋଜ ଦାଶ, ସନ୍ତୋଷ ପଟେଲ, ଭଗବାନ ମେହେର, ପ୍ରମୋଦ ପ୍ରଧାନ, ଦେବେନ୍ଦ୍ର ମିଶ୍ର, ବିଶ୍ୱଜିତ ପାଢ଼ୀ, ନୀଳାଞ୍ଚଳ ତିୱାରୀ, ସୁନୀଲ ସାହୁ, ବିଜୟ ପ୍ରଧାନ, ପ୍ରତିମା ପାଳ, ମମତା ବିଶ୍ୱାଳ, ସୁଶ୍ରୀତା ଭୋଇ, ଭାବନା ପାଣ୍ଡେଙ୍କ ସହିତ ବହୁ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ।



୬୬୨ ବର୍ଗ ଶିକ୍ଷକ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ।

# ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋକସରା,୬।୮ (ପ୍ରଦୀପ୍ତ କୁମାର ପାଢୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ବିଏସ୍‌ଏସ୍‌ଓ ସୁନ୍ଦର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଡିଓ ହିମାଂଶୁ ମାଝୀ, ବିଧାୟକ ପ୍ରତିନିଧି ଭାବେ ତ୍ରିନାଥ ଶବର ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କ ସୁରକ୍ଷା, ନିରାପତ୍ତା ପାଇଁ ସରକାରଙ୍କ ଯୋଜନା ଉପରେ ଆଲୋଚନା କରିଥିଲେ। ଏଥିରେ ବ୍ଲକର ୨୨ ପଞ୍ଚାୟତରୁ ମୋଟ ୩୬୫ ଜଣ ଭିନ୍ନକ୍ଷମ ଯୋଗଦେଇ ପଞ୍ଜିକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ୧୪୨ ଜଣଙ୍କୁ ସାର୍ଟିଫିକେଟ, ୨ଜଣଙ୍କୁ ଟ୍ରାଇସାଇକେଲ, ୪ ଜଣଙ୍କୁ ହ୍ୱିଲଚେୟାର ପ୍ରଦାନ କରାଯାଇଥିବା ବେଳେ ୧୯ ଜଣ ଭତ୍ତା ଆବେଦନ କରିଥିଲେ। ଶିବିରରେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଅସ୍ଥିରୋଗ ବିଶେଷଜ୍ଞ ଡା. ଅରୁଣ କୁମାର ଗିରି, ମାନସିକ ବିଶେଷଜ୍ଞ ଡା. ଅନନ୍ତ ଚରଣ ମେହେର, ଚକ୍ଷୁ ବିଶେଷଜ୍ଞ ଡା. ନିବେଦିତା ମହାରଣା, କର୍ଣ୍ଣ, ଗଳା ଓ ନାଶା ବିଶେଷଜ୍ଞ ଡା. ପ୍ରଦ୍ୟୁମ୍ନ କିଶୋର ପଣ୍ଡା, ଚଳନି ପ୍ରଶିକ୍ଷକ ଶ୍ରୀନିବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମିଶନଶକ୍ତି ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ମାନସ ରଞ୍ଜନ ବାରିକ ମଞ୍ଚ ସଂଯୋଜନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଯଶୋଦା ଯୋଜନାରେ ମିଳୁନି ସୁବିଧା

ଭବାନୀପାଟଣା,୬।୮ (ଉତ୍ତମ କୁମାର ଦାଶ)

## ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଫେରାଦ ନର୍ସିଂ ଛାତ୍ରୀଛାତ୍ର



କଳାହାଣ୍ଡି ଜିଲାରେ ଯଶୋଦା ଯୋଜନା ପ୍ରହସନ ପାଲଟିଛି। ଜଣେ ବାପା କିମ୍ବା ମା' ଥିବା ନର୍ସିଂ ଛାତ୍ରୀଛାତ୍ର ଯଶୋଦା ଯୋଜନାରେ ୩୦ହଜାର ଟଙ୍କା ଫି ବାବଦକୁ ଓ ୨ହଜାର ଲେଖାଏଁ ବ୍ୟକ୍ତିଗତ ପାଠ ପଢ଼ିବା ଲାଗି ପାଉଛନ୍ତି। କଳାହାଣ୍ଡି ଜିଲାର ଭବାନୀପାଟଣା ସହରସ୍ଥିତ ଇରିଗେଶନ କଲୋନିଠାରେ ଅବସ୍ଥିତ କଳାହାଣ୍ଡି ଜିଏନ୍‌ଏମ୍ କଲେଜ ଅଫ ନର୍ସିଂରେ ଅଧ୍ୟୟନ କରୁଥିବା ଗଞ୍ଜାମ, ନବରଙ୍ଗପୁର ଓ ପଡ଼ୋଶୀ ଜିଲାର ଛାତ୍ରୀଛାତ୍ର ଯଶୋଦା ଯୋଜନାରେ ସୁବିଧା ପାଉଥିବାବେଳେ କଳାହାଣ୍ଡିର ପ୍ରାୟ ୧୦ ଜଣ ଛାତ୍ରୀଛାତ୍ର ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ନର୍ସିଂ ଛାତ୍ରୀଛାତ୍ର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଏହି ସମୟରେ ଉପସ୍ଥିତ ଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏହା ହେବ ନାହିଁ ବୋଲି ରୋକଠୋକ ମନା କରିଦେଇଥିଲେ। ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କୁ ପଚାରିବାରୁ ଏହା ଗାଇଡ୍‌ଲାଇନରେ ଆସୁନାହିଁ, ତେଣୁ ହୋଇପାରିବ ନାହିଁ ବୋଲି କହିଥିଲେ। ଏହା ଉପରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଛାତ୍ରୀଛାତ୍ର ଦାବି କରିଛନ୍ତି।

# ସିଆର୍‌ପିଏଫ୍ ବାଟାଲିୟନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ଲାଞ୍ଜିଗଡ଼,୬।୮ (ରମେଶ ଚନ୍ଦ୍ର ନାୟକ):

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ ପରିସର ଓ ଆଖପାଖ ଅଞ୍ଚଳରେ ସିଆର୍‌ପିଏଫ୍ ୪ର୍ଥ ବାଟାଲିୟନ ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତ୍ରିଲୋଚନପୁର ସ୍ଥିତ ସିଆର୍‌ପିଏଫ୍ ଡି. କମ୍ପାନୀ ୪ର୍ଥ କ୍ୟାମ୍ପ କମାଣ୍ଡର ଇନ୍ସପେକ୍ଟର ଦେବରାଜ ଦେହୁରିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତ୍ରିଲୋଚନପୁର ସରପଞ୍ଚ ସୁନାଲି ମାଝୀ ଓ ସାମ୍ମାନିତ ଅତିଥି ଭାବେ ସ୍କୁଲ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ମାଝୀ ଉପସ୍ଥିତ ଥିଲେ। ଏଥିରେ ସ୍କୁଲ ଶିକ୍ଷକ ଭେନୁ ଗୋପାଲ, ଯଦୁମଣି ନାୟକ, ବିକ୍ରମ ମାଝୀ, କୈଳାସ ଚନ୍ଦ୍ର ଭୋଇ, ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଯବାନ ଅଂଶଗ୍ରହଣ କରି ୧୫୦ରୁ ଅଧିକ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଅଞ୍ଚଳରେ ଅଧିକରୁ ଅଧିକ ଗଛ ଲଗାଇ ସବୁଜିମା ବୃଦ୍ଧି କରିବା ସହ ଲୋକଙ୍କ ମଧ୍ୟରେ ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ୪ର୍ଥ ବାଟାଲିୟନ କ୍ୟାମ୍ପ କମାଣ୍ଡର ଇନ୍ସପେକ୍ଟର ଦେହୁରି ମତପ୍ରକାଶ କରିଥିଲେ।

# ବିଇଓ, ବିଆର୍‌ସିସି, ସିଆର୍‌ସିସି ପ୍ରଶିକ୍ଷଣ ଶିବିର

ଭବାନୀପାଟଣା,୬।୮ (ଉତ୍ତମ କୁମାର ଦାଶ)

